ବର୍ଷ-୨୪, ସଂଖ୍ୟା-୨୨୪
ଭୁବନେଶ୍ୱର
୧୩ ସେପ୍ଟେମ୍ବର, ୨୦୨୪ ଶୁକ୍ରବାର
ପୃଷ୍ଠା-୦୮, ମୂଲ୍ୟ : ୨ଟଙ୍କା

Vol.-24, Issue No. 224
Bhubaneswar
13 September, 2024, Friday
Page-08, Rs.: 2.00

# ମହାଭାରତ

RNI Regd. No.: ODIODI2000/03863
Website : www.mahabharataepaper.com

Mahabharat

# ୩ ପ୍ରସ୍ତାବକୁ କ୍ୟାବିନେଟ୍ ମୋହର : ସରକାରୀ କର୍ମଚାରୀଙ୍କ ମୃତ୍ୟୁ ପରେ ଝିଅଙ୍କୁ ଥଇଥାନ

**ଭୁବନେଶ୍ୱର,୧୨।୯(ମହାଭାରତ):** ଆଜି ରାଜ୍ୟ ମନ୍ତ୍ରୀମଣ୍ଡଳର ୭ମ ବୈଠକ ଲୋକ ସେବା ଭବନ ସ୍ଥିତ ତୃତୀୟ ମହଲା ସମ୍ମିଳନୀ କକ୍ଷରେ ମାନ୍ୟବର ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଯାଇଛି। ରାଜ୍ୟ ମନ୍ତ୍ରୀମଣ୍ଡଳ ବୈଠକରେ ଆଲୋଚନା ପୂର୍ବକ ବାଣିଜ୍ୟ ଓ ପରିବହନ ବିଭାଗର ୧ଟି ଓ ସାଧାରଣ ପ୍ରଶାସନ ଓ ସାଧାରଣ ଅଭିଯୋଗ ବିଭାଗର ୨ଟି ପ୍ରସ୍ତାବ ପାରିତ ହୋଇଥିଲା । ସରକାରୀ କର୍ମଚାରୀଙ୍କ ମୃତ୍ୟୁ ହେଲେ ଏଣିକି ଝିଅଙ୍କୁ ମିଳିବ ଚାକିରି। ବାପାମାଙ୍କ ଉପରେ ନିର୍ଭରଶୀଳ ବିବାହିତ ଝିଅ/ ସାବତ ଝିଅଙ୍କୁ ମିଳିବ ଚାକିରି ଥଇଥାନ। ଯୋଜନାରେ ବିବାହିତ ଝିଅ/ସାବତ ଝିଅଙ୍କୁ ମିଳିବ ଚାକିରି। ସେହିପରି ଅଗ୍ନିବୀର ଓ ଗୋପାଳପୁର ବନ୍ଦରକୁ ନେଇ କ୍ୟାବିନେଟରେ ବଡ଼ ନିଷ୍ପତ୍ତି ହୋଇଛି।

ଅନୁଷ୍ଠିତ ବୈଠକର ନିଷ୍ପତ୍ତି ସଂପର୍କରେ ପରେ ପରେ ମୁଖ୍ୟ ଶାସନ ସଚିବ ମନୋଜ ଆହୁଜା ଗଣ ମାଧ୍ୟମକୁ ବିଶଦ ସୂଚନା ଦେଇଥିଲେ। ଓଡ଼ିଶା ବେସାମରିକ ସେବା (ପୁନର୍ବାସ ସହାୟତା) ନିୟମାବଳୀ, ୨୦୨୦ ର ସଂଶୋଧନ କରାଯାଇଛି। ଓଡିଶା ବେସାମରିକ ସେବା (ପୁନର୍ବାସ ସହାୟତା) ନିୟମାବଳୀ, ୨୦୨୦ ଅନୁଯାୟୀ, ସରକାରୀ କର୍ମଚାରୀଙ୍କ ମୃତ୍ୟୁ ହେଲେ ଏଣିକି ଝିଅଙ୍କୁ ମିଳିବ ଚାକିରି। ବାପାମାଙ୍କ ଉପରେ ନିର୍ଭରଶୀଳ ବିବାହିତ ଝିଅ/ ସାବତ ଝିଅଙ୍କୁ ମିଳିବ ଚାକିରି ଥଇଥାନ। ଯୋଜନାରେ ବିବାହିତ ଝିଅ/ସାବତ ଝିଅଙ୍କୁ ମିଳିବ ଚାକିରି। ସରକାରୀ କର୍ମଚାରୀଙ୍କ ବିବାହିତ ଝିଅ ଏବଂ ସାବତ ପୁଅ ଝିଅଙ୍କ ପାଇଁ ନିଯୁକ୍ତିର



ବ୍ୟବସ୍ଥା ନ ଥିଲା। ବର୍ତ୍ତମାନ ବିବାହିତ ଝିଅ ଏବଂ ସାବତ ଝିଅଙ୍କୁ ନିଯୁକ୍ତି ମିଳିବ। ତେଣୁ ଏହି ଅନୁକମ୍ପାମୂଳକ ନିଯୁକ୍ତି ପ୍ରଦାନ ନିମନ୍ତେ ବିଚାର କରାଯିବା ପାଇଁ ଓଡ଼ିଶା ବେସାମରିକ ସେବା (ପୁନର୍ବାସ ସହାୟତା) ନିୟମାବଳୀ, ୨୦୨୦କୁ ସଂଶୋଧନ କରିବାକୁ ପ୍ରସ୍ତାବ ଦିଆଯାଇଛି।

ସେହିପରି ଅଦାନୀ ହାତକୁ ଗଲା ଗୋପାଳପୁର ବନ୍ଦର। ବନ୍ଦରର ୯୫ ଭାଗ ଅଦାନୀ ପାଖରେ ରହିବ ଏବଂ ସ୍ୱତନ୍ତ୍ର ଅର୍ଥନୈତିକ ଅଞ୍ଚଳ ଲିମିଟେଡ୍‌କୁ ହସ୍ତାନ୍ତର ନିମିତ୍ତି ସମ୍ମତି ମାଗିଛନ୍ତି। ସେଥିମଧ୍ୟରୁ ୫୬% ପ୍ରତିଶତ ଶାପୁରଜୀ ପାଲୋଞ୍ଜି ପୋର୍ଟ ମେଣ୍ଟେନାନ୍ସ ପ୍ରାଇଭେଟ୍ ଲିମିଟେଡ୍ ଓ ୩୯% ଓଡିଶା ଷ୍ଟିଭେଡୋରସ ଅଂଶ ଅଟେ। ଧଶର୍ଯ୍ୟ ପ୍ରକ୍ରିୟା ଅନୁସରଣ କରି, ରାଜ୍ୟ କ୍ୟାବିନେଟ୍ ଶାପୁରଜୀ ପାଲୋଞ୍ଜୀ ପୋର୍ଟ ମେଣ୍ଟେନାନ୍ସ ପ୍ରାଇଭେଟ୍ ଲିମିଟେଡ୍ ଓ ଓଡିଶା ଷ୍ଟିଭେଡୋରସ ଲିମିଟେଡ୍‌ରୁ ଆଦାନୀ ବନ୍ଦର ଓ ସ୍ୱତନ୍ତ୍ର ଅର୍ଥନୈତିକ ଅଞ୍ଚଳ ଲିମିଟେଡକୁ ଅଂଶଧନ ହସ୍ତାନ୍ତର ଏବଂ ସଂଶୋଧିତ ରିହାତି ଚୁକ୍ତିନାମା ସ୍ୱାକ୍ଷର ପ୍ରସ୍ତାବର ଅନୁମୋଦନ ପ୍ରଦାନ କରୁଅଛି। ଗୋପାଳପୁର ପୋର୍ଟ୍ ଲିମିଟେଡ ଏକ ସଂଗଠନ, ଯେଉଁଥିରେ ଓଡିଶା ଷ୍ଟିଭେଡୋରସ ଲିମିଟେଡ, ନୋବଲେ ଗ୍ରୁପ ଲିମିଟେଡ ଓ ସାରା ଇନ୍ଟରନ୍ୟାଶନାଲର ଯଥାକ୍ରମେ ୩୪, ୩୩ ଓ ୩୩ ପ୍ରତିଶତ ଅଂଶଧନ ଥାଇ ଗୋପାଳପୁର ବନ୍ଦରର ବିକାଶ କରିଥିଲେ। ୨୦୧୦ ଓ ୨୦୧୭ ଏହି ବନ୍ଦରର ଅଂଶଧନ ପରିବର୍ତ୍ତନ ହୋଇଥିଲା। ବର୍ତ୍ତମାନ ଏହି ଗୋପାଳପୁର ବନ୍ଦର ୧୧.୪୩ ମିଲିୟନ ମେଟ୍ରିକ ଟନ ପଣ୍ୟ ପରିବହନ କରୁଅଛି ଏବଂ ଏହାର ମୋଟ ଆୟରୁ ୭.୫ ପ୍ରତିଶତ ରାଜ୍ୟ ସରକାରଙ୍କୁ ରାଜସ୍ୱ ଅଂଶ ଭାବେ ପ୍ରଦାନ କରୁଅଛି। ବିଗତ ଆର୍ଥିକ ବର୍ଷ ୨୦୨୩-୨୪ରେ ଗୋପାଳୁର ବନ୍ଦର ରାଜ୍ୟ ସରକାରଙ୍କ ରାଜସ୍ୱ ଅଂଶ ଭାବେ ପ୍ରାୟ ୩୮ କୋଟି ଟଙ୍କା ପଇଠ କରିଛି। ବର୍ତ୍ତମାନ ଗୋପାଳପୁର ବନ୍ଦର ପ୍ରାୟ ୪ ହଜାର ଲୋକଙ୍କୁ ପ୍ରତ୍ୟକ୍ଷ ଓ ପରୋକ୍ଷ ଭାବେ ନିଯୁକ୍ତି ପ୍ରଦାନ କରିଛି। ବନ୍ଦର ସଂପ୍ରସାରଣ ବିଭାଗରେ ଏହା ସରକାରଙ୍କ ରାଜସ୍ୱ ଅଂଶ ବୃଦ୍ଧି କରିବା ସହିତ ଜନସାଧାରଣଙ୍କୁ ପ୍ରତ୍ୟକ୍ଷ ଓ ପରୋକ୍ଷ ଭାବେ ନିଯୁକ୍ତି ବୃଦ୍ଧିର ସୁଯୋଗ ସୃଷ୍ଟି କରିପାରିବ। ଓଡ଼ିଶା ଅବସରପ୍ରାପ୍ତ ଅଗ୍ନିବୀର (ୟୁନିଫର୍ମ ସେବାରେ ନିଯୁକ୍ତି) ନିୟମାବଳୀ, ୨୦୨୪ ର ପ୍ରଣୟନ ପ୍ରତ୍ୟକ୍ଷ ନିଯୁକ୍ତି ଦ୍ୱାରା ପୂରଣ ହେଉଥିବା ରାଜ୍ୟର ୟୁନିଫର୍ମ ସେବାରେ ଅବସର ପ୍ରାପ୍ତ ଅଗ୍ନିବୀରଙ୍କୁ ଯଥେଷ୍ଟ ନିଯୁକ୍ତି ସୁଯୋଗ ଦେବେ। ରାଜ୍ୟ ସରକାର ଅବସର ପ୍ରାପ୍ତ ଅଗ୍ନିବୀରଙ୍କ ପାଇଁ ଦଶ ପ୍ରତିଶତ (୧୦%) ଆନୁଭୂମିକ ସଂରକ୍ଷଣ (ହରିଜୋଣ୍ଟାଲ ରିଜର୍ଭେସନ)ର ବ୍ୟବସ୍ଥା ରହିଛି। ଏହି ସଂରକ୍ଷଣ ଅବସରପ୍ରାପ୍ତ ସୈନିକଙ୍କ ପାଇଁ ଲାଗୁ ହେଉଥିବା ସଂରକ୍ଷଣ ସହିତ ଅତିରିକ୍ତ ଦଶ ପ୍ରତିଶତ (୧୦%) ସଂରକ୍ଷଣ ରହିବ। ନିର୍ଦ୍ଧାରିତ ବୟସ ସୀମାକୁ ତିନି (୦୩) ବର୍ଷ କୋହଳ କରାଯିବ। ଅବସରପ୍ରାପ୍ତ ଅଗ୍ନିବୀରଙ୍କୁ ଶାରୀରିକ ଦକ୍ଷତା ପରୀକ୍ଷାରୁ ଅବ୍ୟାହତି ଦିଆଯିବ ।

# ସପ୍ତାହକ ମଧ୍ୟରେ କ୍ଷୟକ୍ଷତି ରିପୋର୍ଟ ମାଗିଲେ ମୁଖ୍ୟମନ୍ତ୍ରୀ

**ମାଲକାନଗିରି/ଭୁବନେଶ୍ୱର, ୧୨।୯(ମହାଭାରତ):** ଆଜି ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଦିନିକିଆ। ମାଲକାନଗିରି ଜିଲ୍ଲା ଗସ୍ତ କରି ଲଗାଣ ବର୍ଷା ଜନିତ କ୍ଷୟକ୍ଷତି ସମ୍ପର୍କରେ ଅନୁଧ୍ୟାନ କରିଛନ୍ତି। ଏହି ପରିପ୍ରେକ୍ଷୀରେ ସ୍ଥାନୀୟ ଜିଲ୍ଲା ପରିଷଦ ସମ୍ମିଳନୀ କକ୍ଷରେ ଏକ ସମୀକ୍ଷା ବୈଠକ ଅନୁଷ୍ଠିତ ହୋଇଯାଇଛି। ବୈଠକରେ ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା ମନ୍ତ୍ରୀ, ସୁରେଶ ପୂଜାରୀ, ମୁଖ୍ୟ ଶାସନ ସଚିବ, ମନୋଜ ଆହୁଜା, ଅତିରିକ୍ତ ମୁଖ୍ୟ ଶାସନ ସଚିବ ତଥା ସ୍ୱତନ୍ତ୍ର ରିଲିଫ୍ କମିଶନର, ଦେଓ ରଞ୍ଜନ ସିଂ, ନବରଙ୍ଗପୁର ସାଂସଦ, ବଳଭଦ୍ର ମାଝୀ, ମାଲକାନଗିରି ବିଧାୟକ, ନରସିଂହ ମାଡକାମୀ, ଦକ୍ଷିଣାଞ୍ଚଳ ଡିଆଇଜି, ଚରଣ ସିଂ ମୀନା, ଜିଲ୍ଲାପାଳ ଆଶିଷ ଈଶ୍ୱର ପାଟିଲ ଓ ଆରକ୍ଷୀ ଅଧିକ୍ଷକ, ନୀତେଶ ୱାଧାନୀ ମଞ୍ଚାସିନ ଥିଲେ।

ସାତ ଦିନ ମଧ୍ୟରେ ସମସ୍ତ କ୍ଷୟକ୍ଷତିର ଆକଳନ କରି ରିପୋର୍ଟ ପ୍ରେରଣ କରିବାକୁ ମୁଖ୍ୟମନ୍ତ୍ରୀ ଜିଲ୍ଲାପାଳଙ୍କୁ ନିର୍ଦ୍ଦେଶ ଦେଇଛନ୍ତି। ଅଗ୍ରାଧିକାର ଭିତ୍ତିରେ ଭାଙ୍ଗି ଯାଇଥିବା କଚ୍ଚା ଘର ନିମନ୍ତେ ସହାୟତା ଓ ବିଜୁଳି ସଂଯୋଗିକରଣ ନିମନ୍ତେ ସେ ଗୁରୁତ୍ୱାରୋପ କରିଛନ୍ତି। ଜଣେ ମଧ୍ୟ ପ୍ରଭାବିତ ବ୍ୟକ୍ତି ସରକାରୀ ସହାୟତା ପାଇବାରୁ ଯେପରି ବଞ୍ଚିତ ନ ହୁଅନ୍ତି ସେଥି ନିମନ୍ତେ ପ୍ରଯତ୍ନ ହେବା ପାଇଁ ଜିଲ୍ଲା ପ୍ରଶାସନକୁ ନିର୍ଦ୍ଦେଶ ଦିଆଯାଇଛି। ପ୍ରବଳ ବର୍ଷା ଯୋଗୁଁ ଜଳ ଜନିତ ରୋଗକୁ ପ୍ରତିହତ କରିବା ପାଇଁ ପର୍ଯ୍ୟାପ୍ତ ପରିମାଣରେ ବିଶୁଦ୍ଧ ପାନୀୟ ଜଳ ଯୋଗାଇ ଦେବା ପାଇଁ କୁହାଯାଇଛି। ଜିଲ୍ଲା ପ୍ରଶାସନ ଓ ପୋଲିସ ପ୍ରଶାସନର ବ୍ୟାପକ ପୂର୍ବ ପ୍ରସ୍ତୁତି ଯୋଗୁଁ ଜିରୋ କାଜୁଆଲ୍ଟି ସମ୍ଭବ ହୋଇପାରିଛି ବୋଲି ମଧ୍ୟ ସେ ମତ ପ୍ରକାଶ କରିଛନ୍ତି। ପ୍ରତିଦିନ ପାଣିପାଗ ବିଭାଗଠାରୁ ପ୍ରାପ୍ତ ସୂଚନା ଅନୁଯାୟୀ ସତର୍କ ସୂଚନା ସଂପୃକ୍ତ ଜିଲ୍ଲାମାନଙ୍କୁ ନିରନ୍ତର ଭାବେ ପ୍ରେରଣ କରାଯାଉଥିଲା। ଏଥିସହିତ ରାଜ୍ୟ ଆପଦକାଳୀନ ପରିଚାଳନା କେନ୍ଦ୍ରରୁ ୨୪ ଘଣ୍ଟିଆ ଭାବେ ପରିସ୍ଥିତି ଉପରେ ନଜର ରଖାଯାଇଥିଲା ବୋଲି ମୁଖ୍ୟମନ୍ତ୍ରୀ କହିଛନ୍ତି। ଏହିଭଳି ସମ୍ବେଦନଶୀଳ ସମୟରେ ଓଡରାଫ ଓ ଅଗ୍ନିଶମ ବିଭାଗ କର୍ମଚାରୀଙ୍କ ସେବା ପ୍ରଶଂସନୀୟ ବୋଲି ରାଜସ୍ୱ ମନ୍ତ୍ରୀ ଶ୍ରୀ ପୂଜାରୀ ମତବ୍ୟକ୍ତ କରିଛନ୍ତି। ଓଡ଼ିଶା ରିଲିଫ୍ କୋଡ ଅନୁଯାୟୀ ସମସ୍ତ କ୍ଷୟକ୍ଷତିର ଆକଳନ କରାଯାଇ ପର୍ଯ୍ୟାପ୍ତ ସହଯୋଗ ରାଶି ପ୍ରଦାନ କରାଯିବ ବୋଲି ଶ୍ରୀ ପୂଜାରୀ କହିଛନ୍ତି। ବୈଠକ ଆରମ୍ଭରେ ଜିଲ୍ଲାପାଳ ପ୍ରବଳ ବର୍ଷାକୁ ମୁକାବିଲା କରିବା ପାଇଁ ଜିଲ୍ଲା ପ୍ରଶାସନର ପ୍ରସ୍ତୁତି ନେଇ ବିସ୍ତୃତ ଭାବରେ ଉପସ୍ଥାପନ କରିଥିଲେ ସୂଚନା ଥାଉ କି ଭାରତ ପାଣିପାଗ ବିଭାଗ, ଭୁବନେଶ୍ୱର ଠାରୁ ପ୍ରାପ୍ତ ସୂଚନା ମୁତାବକ ସେପ୍ଟେମ୍ବର ୫ ତାରିଖରେ ବଙ୍ଗୋପସାଗରରେ ଏକ ଲଘୁଚାପ କ୍ଷେତ୍ର ସୃଷ୍ଟି ହୋଇଥିଲା

# ଇସ୍ତଫା ଦେବେ କି ମମତା ?

କୋଲକାତା,୧୨।୯(**ମହାଭାରତ**): ଆନ୍ଦୋଳନ କରୁଥିବା ଜୁନିୟର ଡାକ୍ତରଙ୍କ ସହ ଲାଗି ରହିଥିବା ଅଚଳା ଅବସ୍ଥା ମଧ୍ୟରେ ବଡ଼ ଘୋଷଣା କରିଛନ୍ତି ପଶ୍ଚିମବଙ୍ଗ ମୁଖ୍ୟମନ୍ତ୍ରୀ ମମତା ବାନାର୍ଜୀ। ସେ ନିଜ ପଦରୁ ଇସ୍ତଫା ଦେବାକୁ ରାଜି ଥିବା ଆଜି କହିଛନ୍ତି।



ଆରଜି କର ମେଡିକାଲ କଲେଜ ଓ ହସ୍ପିଟାଲରେ ଘଟିଥିବା ଦୁଷ୍କର୍ମ ଓ ହତ୍ୟା ଘଟଣା ବିରୋଧରେ ଜୁନିୟର ଡାକ୍ତରଙ୍କ ଆନ୍ଦୋଳନ ଜାରି ରହିଛି। ଆଜି ସେମାନଙ୍କ ସହ ମମତା ବାନାର୍ଜୀ ନବାନ୍ନରେ ଆଲୋଚନା କରିବାର ଥିଲେ। ମମତା ଓ ଅନ୍ୟ ବରିଷ୍ଠ ଅଧିକାରୀମାନେ ଆଲୋଚନା ପାଇଁ ୨ ଘଣ୍ଟା କାଳ ଅପେକ୍ଷା କରି ରହିଥିଲେ ହେଁ କେହି ବି ସେଠାକୁ ଆସି ନଥିଲେ। ଏହାକୁ ନେଇ ମମତା ନିଜର ଅସନ୍ତୋଷ ପ୍ରକାଶ କରିଛନ୍ତି। ଏହାପରେ ସେ ଲୋକଙ୍କ ସ୍ୱାର୍ଥ ପାଇଁ ଇସ୍ତଫା ଦେବାକୁ ରାଜି ଥିବା ଘୋଷଣା କରିଛନ୍ତି। ମମତା କହିଛନ୍ତି, ଆମ ସରକାର ଅପମାନିତ ହୋଇଛନ୍ତିୟ ସାଧାରଣ ଲୋକ ଜାଣନ୍ତି ନାହିଁ ଯେ ଏହାକୁ ରାଜନୀତିକ ରଙ୍ଗ ଦିଆଯାଉଛିୟ ସେମାନେ ନ୍ୟାୟ ଚାହୁଁ ନାହାନ୍ତି। ସେମାନେ ଚେୟାର ଚାହୁଁନ୍ତି। ଲୋକଙ୍କ ସ୍ୱାର୍ଥ ପାଇଁ ମୁଁ ପଦ ଛାଡ଼ିବାକୁ ପ୍ରସ୍ତୁତ। ମୁଁ ମୁଖ୍ୟମନ୍ତ୍ରୀ ପଦ ଚାହେଁ ନାହିଁ। ମୁଁ ତିଲୋତମା(ଆରଜି କର ପୀଡ଼ିତାଙ୍କ ଛଦ୍ମନାମ)ଙ୍କ ପାଇଁ ନ୍ୟାୟ ଚାହୁଁଛି। ସାଧାରଣ ଲୋକ ହସ୍ପିଟାଲରେ ଚିକିତ୍ସିତ ହୋଇପାରନ୍ତୁ ବୋଲି ମୁଁ ଚାହୁଁଛି। ଅଧିକାଂଶ ଡାକ୍ତର ବୈଠକ ପାଇଁ ରାଜି ଥିବା ମୁଁ ଜାଣିଛି। କିନ୍ତୁ କିଛି ଲୋକ ଅଛନ୍ତି, ଯେଉଁମାନେ କେବଳ ବିଭ୍ରାଟ ସୃଷ୍ଟି କରିବାର ଲକ୍ଷ୍ୟରେ ରହିଛନ୍ତି। ମମତା ବାନାର୍ଜୀ ଆହୁରି କହିଛନ୍ତି, ଆମ ପାଖରେ ବୈଠକକୁ ରେକର୍ଡ କରିବାର ପୂରା ବ୍ୟବସ୍ଥା ରହିଥିଲା। ସ୍ୱଚ୍ଛତା ଓ ପ୍ରକୃତ ତଥ୍ୟ ପାଇଁ ଆମେ ପୂରା ପ୍ରକ୍ରିୟାର ଭିଡିଓ ରେକର୍ଡିଂ ସୁପ୍ରିମକୋର୍ଟଙ୍କ ନିର୍ଦ୍ଦେଶରେ ଜାରି କରିବା ପାଇଁ ପ୍ରସ୍ତୁତ ଥିଲୁ। ମାମଲା ବିଚାର ପ୍ରକ୍ରିୟାରେ ରହିଥିବାରୁ ଆମେ ଲାଇଭ ଟେଲିକାଷ୍ଟ କରିବା ସପକ୍ଷରେ ନାହୁଁ। ଆନ୍ଦୋଳନକାରୀ ଡାକ୍ତର ପ୍ରାରମ୍ଭିକ ପର୍ଯ୍ୟାୟରେ ଆଜି ୫ଟାରେ ହେବାକୁ ଥିବା ବୈଠକ ପାଇଁ ରାଜି ହୋଇଥିଲେ। କିନ୍ତୁ ଲାଇଭ ଟେଲିକାଷ୍ଟ ଦାବିରେ ସେମାନେ ନବାନ୍ନ ଭିତରକୁ ମିଟିଂ ପାଇଁ ଆସି ନାହାନ୍ତି। ମମତା ଓ ଜଣେ ଅଧିକାରୀ ଚେୟାର ପକାଇ ଆଲୋଚନା କରିବାକୁ ଅପେକ୍ଷା କରିବା ବେଳର ଫଟୋ ମଧ୍ୟ ସାମ୍ନାକୁ ଆସିଛି।

# ହାରିଲେ ପୁରୁଷୋତ୍ତମପୁର ଏନ୍ଏସି ଅଧ୍ୟକ୍ଷା

ପୁରୁଷୋତ୍ତମପୁର,୧୨।୯(**କେଏନଏସ**): ଗଞ୍ଜାମ ଜିଲା ପୁରୁଷୋତ୍ତମପୁର ଏନ୍ଏସି ଅଧ୍ୟକ୍ଷା ପ୍ରିୟଙ୍କା ଗୌଡ଼ଙ୍କ ନାମରେ ଆସିଥିବା ଅନାସ୍ଥା ପ୍ରସ୍ତାବ ଉପରେ ଗୁରବାର ଆସ୍ଥା ଭୋଟ୍ ହୋଇଥିବା ବେଳେ ଏଥିରେ ସେ ପରାସ୍ତ ହୋଇଛନ୍ତି। ଯାହାଦ୍ୱାରା ସେ ପଦ ହରାଇ ଗାଦିଚ୍ୟୁତ ହେବାର ସ୍ପଷ୍ଟ ହୋଇଯାଇଥିବା ବେଳେ ବିଜେଡିର ଏହି ଦୁର୍ଗ ଭାଙ୍ଗି ଧୂଳିସାତ ହୋଇଯାଇଛି। ଏହାକୁ ନେଇ ଏନ୍ଏସିରେ ଏକଛତ୍ରବାଦ ଶାସନର ବିଲୁପ୍ତ ଘଟିଲା ଏଥର ସହରର ବିକାଶଲାଗି ସମସ୍ତ କାର୍ଯ୍ୟ କରାଯିବ ବୋଲି ଉପାଧ୍ୟକ୍ଷ କୃଷ୍ଣଚନ୍ଦ୍ର ପଣ୍ଡା ଓ କାଉନସିଲରମାନେ ତୀବ୍ର ପ୍ରତିକ୍ରିୟା ସହ କହିଛନ୍ତି। ଗତ ପୌର ନିର୍ବାଚନ ପରେ ୨୦୨୨ ଏପ୍ରିଲ ୫ରେ ଅଧ୍ୟକ୍ଷା ଭାବେ ପ୍ରିୟଙ୍କା ଦାୟିତ୍ୱ ନେଇଥିଲେ। ମାତ୍ର ଏହା ପରେ ତାଙ୍କ ସ୍ୱାମୀ ତଥା କାଉନସିଲର ଅଶୋକ କୁମାର ମହାକୁଡ଼ଙ୍କ କାର୍ଯ୍ୟକଳାପ ନେଇ ଅନ୍ୟ କାଉନସିଲରମାନେ ଓ ସହରବାସୀଙ୍କ ମଧ୍ୟରେ ଅସନ୍ତୋଷ ବଢ଼ି ଯାଇଥିଲା। ଯାହାକି ଅଧ୍ୟକ୍ଷାଙ୍କ ବିରୋଧରେ ଅନାସ୍ଥା ଆଣି ଗାଦିଚ୍ୟୁତ କରିବା ଲାଗି ଦୀର୍ଘଦିନ ହେଲା ସହରସାରା ଲାଗି ରହିଥିବା ଚର୍ଚ୍ଚାର ଅନ୍ତ ଘଟିଛି। ନିର୍ବାଚନ ଫଳାଫଳ ଘୋଷଣା ହେବା ପରେ କାଉନସିଲର ଓ ପୁରୁଷୋତ୍ତମପୁରବାସୀଙ୍କ ମଧ୍ୟରେ ଖୁସିର ଲହରି ଖେଳିଯାଇଛି।

ଅନାସ୍ଥା ଅଭିଯୋଗ ଉପରେ ଜିଲାପାଳଙ୍କ ପକ୍ଷରୁ ପୂର୍ବ ନିର୍ଦ୍ଧାରିତ କାର୍ଯ୍ୟସୂଚୀ ଅନୁଯାୟୀ, ଛତ୍ରପୁର ଉପଜିଲାପାଳ ଦେବଦତ୍ତ ମହନ୍ତ ନିର୍ବାଚନ ଅଧିକାରୀ ଭାବେ ପୁରୁଷୋତ୍ତମପୁର ଏନ୍ଏସିରେ ପହଞ୍ଚିଥିଲେ। ୧୩ ଜଣ କାଉନସିଲରଙ୍କ ମଧ୍ୟରୁ ଅଧ୍ୟକ୍ଷାଙ୍କ ସ୍ୱାମୀ ତଥା ୱାର୍ଡ ନଂ ୪ର କାଉନସିଲର ଅଶୋକ କୁମାର ମହାକୁଡ, ୱାର୍ଡ ନଂ ୬ର କାଉନସିଲର ସୁଦେଷ୍ଣା ବେହେରା ଓ ୱାର୍ଡ ନଂ ୧୧ର କାଉନସିଲର ଅରୁଣ କୁମାର ମହାକୁଡ଼ ଅନୁପସ୍ଥିତ ରହିଥିବା ବେଳେ ସେଠାରେ ଉପସ୍ଥିତ ଥିବା ୧୦ ଜଣ କାଉନସିଲରଙ୍କୁ ନେଇ ଅନାସ୍ଥା ପ୍ରସ୍ତାବ ଉପରେ ଆଲୋଚନା କରିଥିଲେ। ମାତ୍ର ଆଲୋଚନା ସଫଳ ନ ହେବାରୁ ଭୋଟିଂ ପାଇଁ ନିଷ୍ପତ୍ତି ଗ୍ରହଣ କରାଯାଇଥିଲା। ଏଥିରେ ଉପସ୍ଥିତ ସମସ୍ତ ୧୦ ଜଣ କାଉନସିଲର ଅଧ୍ୟକ୍ଷାଙ୍କ ବିରୋଧରେ ତଥା ଅନାସ୍ଥା ସପକ୍ଷରେ ଭୋଟ୍ ଦେଇଥିବା ନେଇ ନିର୍ବାଚନ ଅଧିକାରୀ କହିବା ସହ ଏନ୍ଏସି ପରିଚାଳନା ଲାଗି କାହାକୁ ଦାୟିତ୍ୱ ଦିଆଯିବ। ସେଥିନେଇ ସରକାର ଓ ଜିଲାପାଳ ପଦକ୍ଷେପ ନେବେ ବୋଲି କହିଛନ୍ତି କାଳେ ଅପ୍ରୀତିକର ପରିସ୍ଥିତି ଉପୁଜିବା ଆଶଙ୍କାରେ ଏସ୍‌ଡିପିଓ ରଜନୀକାନ୍ତ ସାମଲଙ୍କ ତତ୍ତ୍ୱାବଧାନରେ ଇନ୍ସପେକ୍ଟର ସମୀର କୁମାର ରାଉତ ଓ ଆଇଆଇସି ବିପିନ ବିହାରୀ ହୋତାଙ୍କ ସମେତ ପୋଲିସ ଫୋର୍ସ ମୁତୟନ ରହି କଡ଼ାସୁରକ୍ଷାର ସହ କାର୍ଯ୍ୟାଳୟକୁ ଜଗିରହିଥିଲେ।

# ସୀତାରାମ ୟେଚୁରୀଙ୍କ ପରଲୋକ

**ନୂଆଦିଲ୍ଲୀ,୧୨।୯(ମହାଭାରତ):** ସିପିଏମର ସାଧାରଣ ସମ୍ପାଦକ ତଥା ବରିଷ୍ଠ ରାଜନେତା ସୀତାରାମ ୟେଚୁରୀ ଆଉ ନାହାନ୍ତି। ଆଜି ଦିଲ୍ଲୀ ଏମ୍ସରେ ତାଙ୍କର ଦେହାନ୍ତ ହୋଇଛି। ମୃତ୍ୟୁ ବେଳକୁ ତାଙ୍କୁ ୭୨ ବର୍ଷ ବୟସ ହୋଇଥିଲା। ଶ୍ୱାସନଳୀ ସଂକ୍ରମଣ ଯୋଗୁ ସେ ଅଗଷ୍ଟ ୧୯ରୁ ଦିଲ୍ଲୀ ଏମ୍ସରେ ଚିକିତ୍ସିତ ହେଉଥିଲେ। ସେଠାରେ ଡାକ୍ତରଙ୍କ ସବୁ ପ୍ରକାରର ଉଦ୍ୟମ ସତ୍ତ୍ୱେ ଆଜି ସୀତାରାମ ୟେଚୁରୀ ଆଖି ବୁଜିଛନ୍ତି। ୟେଚୁରୀ ୨୦୦୫ରୁ ୨୦୧୭ ଯାଏ ରାଜ୍ୟସଭାର ସାଂସଦ ଭାବେ କାର୍ଯ୍ୟ କରିଥିଲେ। ତାଙ୍କର ଦେହାନ୍ତ ଜାତୀୟ ରାଜନୈତିକ ମହଲରେ ଶୋକର ଛାୟା ଖେଳିଯାଇଛି। ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ, ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ, ବିରୋଧୀ ଦଳ ନେତା ତଥା କଂଗ୍ରେସ ସାଂସଦ ରାହୁଲ ଗାନ୍ଧି, ବେଙ୍ଗଲ ମୁଖ୍ୟମନ୍ତ୍ରୀ ମମତା ବାନାର୍ଜୀଙ୍କ ବହ ସବୁ ଦଳ ବରିଷ୍ଠ ନେତା ଶୋକ ପ୍ରକାଶ କରିଛନ୍ତି। ଏବେ ତାଙ୍କ ପରିବାରରେ ଅଛନ୍ତି ପତ୍ନୀ ତଥା ଦ ୱାୟାରର ସମ୍ପାଦିକା ସୀମା ଚିସ୍ତି, ଝିଅ ଅଖିଲା ଏବଂ ପୁଅ ଦାନିଶ।



ଅଗଷ୍ଟ ୧୯ ତାରିଖ ସନ୍ଧ୍ୟାରେ ନିମୋନିଆ ଯୋଗୁ ତାଙ୍କୁ ଏମ୍ସର ସ୍ୱତନ୍ତ୍ର ୱାର୍ଡରେ ଭର୍ତ୍ତି କରାଯାଇଥିଲା। ସେଠାରେ ତାଙ୍କ ଅବସ୍ଥା ଗୁରୁତର ହେବାରୁ ପ୍ରଥମେ ଆଇସିୟୁ ଓ ପରେ ଶ୍ୱାସକ୍ରିୟା ମେସିନ ଦ୍ୱାରା ତାଙ୍କୁ ଅମ୍ଳଜାନ ଯୋଗାଇ ଦିଆଯାଉଥିଲା। ଏହାପୂର୍ବରୁ ୟେଚୁରୀଙ୍କ ମୋତିଆ ବିନ୍ଦୁ ଅପରେସନ ମଧ୍ୟ ହୋଇଥିଲା। ସୀତାରାମ ୟେଚୁରୀ ସିପିଆଇ (ଏମ୍)ର ବରିଷ୍ଠ ସଦସ୍ୟ। ସେ ୧୯୯୬ ମସିହାରେ ୟୁନାଇଟେଡ୍ ଫ୍ରଣ୍ଟ ସରକାର ପାଇଁ କମନ୍ ମିନିମମ୍ ପ୍ରୋଗ୍ରାମ୍ ପ୍ରସ୍ତୁତ କରିବାରେ ପିଚିଦାମ୍ବରମଙ୍କ ସହ ସହଯୋଗ କରିଥିଲେ। ୨୦୦୪ରେ ୟୁପିଏ ଗଠନ ସମୟରେ ସେ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରିଥିଲେ। ଦିଲ୍ଲୀର ସେଣ୍ଟ ଷ୍ଟେଫେନ କଲେଜ ଓ ଜେଏନୟୁର ପୂର୍ବତନ ଛାତ୍ର ୟେଚୁରୀଙ୍କ ରାଜନୀତିକ ଯାତ୍ରା ବେଶ ଲମ୍ବା। ସେ ନିଜର ରାଜନୀତିକ ଯାତ୍ରା ଷ୍ଟୁଡେଣ୍ଟ ଫେଡେରେସନ ଅଫ ଇଣ୍ଡିଆରୁ ଆରମ୍ଭ କରିଥିଲେ ଓ ୧୯୭୫ରେ ସିପିଆଇଏମରେ ଯୋଗ ଦେଇଥିଲେ। ସେ ଜେଏନୟୁରେ ଅର୍ଥନୀତିରେ ଡକ୍ଟରେଟ କରୁଥିଲେ। ଏହିସମୟରେ ଜାତୀୟ ରାଜନୀତିରେ ସକ୍ରିୟ ଭୂମିକା ଗ୍ରହଣ କରିଥିବା ଅନେକ ରାଜନେତାଙ୍କ ସହ ୟେଚୁରୀ ମଧ୍ୟ ଗିରଫ ହୋଇଥିଲେ। ଗିରଫ ହେବାରୁ ତାଙ୍କ ପିଏଚଡି ପାଠପଢ଼ା ଅଧାରେ ରହି ଯାଇଥିଲା। ଜେଲରୁ ବାହାରିବା ପରେ ସେ ଗୋଟିଏ ବର୍ଷରେ ୩ ଥର ଜେଏନୟୁର ସଭାପତି ଭାବେ ନିର୍ବାଚିତ ହୋଇଥିଲେ।

# ଆଜିଠୁ ୧୪ ଜିଲ୍ଲାରେ ବର୍ଷା

ଭୁବନେଶ୍ୱର,୧୨।୯(**ମହାଭାରତ**): ଗତ ଏକ ମାସରୁ ଅଧିକ ସମୟ ଧରି ବାରମ୍ବାର ଲଘୁଚାପ ସୃଷ୍ଟି ହୋଇ ବର୍ଷା ଲାଗିରହୁଛି। ଏବେ ବଙ୍ଗୋପସାଗରରେ ସୃଷ୍ଟି ହୋଇଛି ଘୂର୍ଣ୍ଣିବଳୟ। ଆସନ୍ତା ୨୪ ଘଣ୍ଟାରେ ଏହା ଲଘୁଚାପର ରୂପ ନେବ। ଏହାର ପ୍ରଭାବରେ ଆସନ୍ତାକାଲିଠୁ ୩ ଦିନ ଧରି ବର୍ଷା ସମ୍ଭାବନା ରହିଛି। ଏନେଇ ଆଜି ପାଣିପାଗ ବିଭାଗ ପକ୍ଷରୁ ଅନୁମାନ କରାଯାଇଛି। ବର୍ଷା ନେଇ କଳାହାଣ୍ଡି ଜିଲାକୁ ଅରେଞ୍ଜ ଆଲର୍ଟ ଜାରି କରାଯାଇଛି। ଏହାସହ ୧୪ ଜିଲାକୁ ୟେଲୋ ଆଲର୍ଟ ଜାରି କରାଯାଇଛି। ୧୪ ଜିଲା ମଧ୍ୟରେ ନବରଙ୍ଗପୁର, କୋରାପୁଟ, ମାଲକାନଗିରି, ମୟୁରଭଞ୍ଜ, କେନ୍ଦୁଝର, ସୁନ୍ଦରଗଡ, ବାଲେଶ୍ୱର, ଭଦ୍ରକ, ଯାଜପୁର, କେନ୍ଦ୍ରାପଡା, କଟକ, ଜଗତସିଂହପୁର, ରାୟଗଡା ଏବଂ ଗଜପତି ଜିଲାକୁ ୟେଲୋ ଆଲର୍ଟ ଜାରି କରାଯାଇଛି। ୧୪ ତାରିଖରେ ବର୍ଷାର ପରିମାଣ ଏବଂ ବିସ୍ତୃତି ବଢିବ ସେପ୍ଟେମ୍ବର ୧୩ ଠାରୁ ୧୫ ଯାଏଁ ମତ୍ସ୍ୟଜୀବୀଙ୍କୁ ସମୁଦ୍ରକୁ ଯିବାକୁ ବାରଣ କରାଯାଇଛି।

# ଭିଏଲ-ଏସଆରଏସଏମର ସଫଳ ପରୀକ୍ଷଣ

ବାଲେଶ୍ୱର,୧୨।୯(**ମହାଭାରତ**): ଉପକୂଳରେ ଥିବା ପରୀକ୍ଷଣ କେନ୍ଦ୍ରରୁ ଭାରତ ଆଜି ଭର୍ଟିକାଲ୍ ଲଞ୍ଚ ସର୍ଟ ରେଞ୍ଜ ଭୂପୃଷ୍ଠରୁ ଆକାଶମାର୍ଗକୁ କ୍ଷେପଣାସ୍ତ୍ର (ଭିଏଲ-ଏସଆରଏସଏମ)ର ସଫଳ ପରୀକ୍ଷଣ କରିଛି। ବାଲେଶ୍ୱର ଜିଲ୍ଲା ଚାନ୍ଦିପୁରସ୍ଥିତ ସମନ୍ୱିତ ପରୀକ୍ଷଣ ରେଞ୍ଜର ଲଞ୍ଚ ପ୍ୟାଡରୁ ଆଜି ଅପରାହ୍ନରେ ସ୍ୱଦେଶୀ ଜ୍ଞାନକୌଶଳରେ ନିର୍ମିତ ସ୍ୱଳ୍ପ ଦୂରତା ବିଶିଷ୍ଟ ଏହି କ୍ଷେପଣାସ୍ତ୍ରର ପରୀକ୍ଷଣ କରାଯାଇଛି। ପ୍ରତିରକ୍ଷା ଗବେଷଣା ଓ ବିକାଶ ସଂଗଠନ (ଡିଆରଡିଓ) ଏବଂ ଭାରତୀୟ ନୌସେନା ମିଳିତ ଭାବେ ଏହି ପରୀକ୍ଷଣ କରିଥିଲେ ଏହି କ୍ଷେପଣାସ୍ତ୍ର ପରୀକ୍ଷଣରେ ସମସ୍ତ ଆବଶ୍ୟକ କାର୍ଯ୍ୟଦକ୍ଷତା ମାନଦଣ୍ଡ ପୂରଣ ହୋଇଥିବା ଜଣାପଡିଛି । ଭିଏଲ୍-ଏସ୍ଆର୍ଏସ୍ଏମ୍ ନାମକ ଏକ ଜାହାଜବାହୀ ଅସ୍ତ୍ରଶସ୍ତ୍ର ପ୍ରଣାଳୀ ସମୁଦ୍ର-ସ୍କିମିଂ ଟାର୍ଗେଟ୍ ସମେତ ନିକଟବର୍ତ୍ତୀ ରେଞ୍ଜରେ ଥିବା ବିଭିନ୍ନ ଆକାଶମାର୍ଗରୁ ବିପଦକୁ ନିୟନ୍ତ୍ରଣ କରିବା ପାଇଁ ଡିଜାଇନ୍ କରାଯାଇଛି।

# ୪୭୬ ଅଧିକାରୀ ଓ କର୍ମଚାରୀମାନଙ୍କୁ ନିଯୁକ୍ତିପତ୍ର

**ଭୁବନେଶ୍ୱର,୧୨।୯(ମହାଭାରତ):** ଆଜି ମୁଖ୍ୟମନ୍ତ୍ରୀ ମୋହନ ଚରଣୟ ମାଝୀ ଲୋକସେବା ଭବନ କନ୍‌ଭେନ୍‌ସନ୍ ସେଣ୍ଟରଠାରେ ବିଭିନ୍ନ ବିଭାଗରେ ୪୭୬ ଜଣ ଅଧିକାରୀ ଓ କର୍ମଚାରୀମାନଙ୍କୁ ନିଯୁକ୍ତି ପତ୍ର ପ୍ରଦାନ କରିଛନ୍ତି। ସାଧାରଣ ପ୍ରଶାସନ ଓ ସାଧାରଣ ଅଭିଯୋଗ ବିଭାଗ ପକ୍ଷରୁ ଆୟୋଜିତ ଏକ ନିଯୁକ୍ତି ମେଳା ମାଧ୍ୟମରେ ଏହି ନିଯୁକ୍ତି ପତ୍ର ପ୍ରଦାନ କରାଯାଇଥିଲା।




ଏହି ଅବସରରେ ନବ ନିଯୁକ୍ତ ଅଧିକାରୀ ଓ କର୍ମଚାରୀମାନଙ୍କୁ ମୁଖ୍ୟମନ୍ତ୍ରୀ ଅଭିନନ୍ଦନ ଜଣାଇ କହିଥିଲେ ଯେ, ପ୍ରତ୍ୟେକ ବ୍ୟକ୍ତି ପାଇଁ ପ୍ରଥମ କର୍ମନିଯୁକ୍ତିର ଦିନଟି ସବୁଠାରୁ ଗୁରୁତ୍ୱପୂର୍ଣ୍ଣ ଓ ଆନନ୍ଦଦାୟକ ହୋଇଥାଏ। ଆଜି ଆପଣମାନେ ଲୋକଙ୍କ ସେବାରେ ନିଯୁକ୍ତ ହେଉଛନ୍ତି। ଏହି ସେବା କେବଳ ଏକ କର୍ମନିଯୁକ୍ତି ନୁହେଁ, ଏହା ଆପଣମାନଙ୍କ ପାଇଁ ଏକ ଗୁରୁଦାୟିତ୍ୱ ଗଣତନ୍ତ୍ରରେ ସରକାର ହେଉଛନ୍ତି। ଲୋକଙ୍କ ଆସ୍ଥା ଓ ବିଶ୍ୱାସର ପ୍ରତୀକ ଜନସାଧାରଣଙ୍କ ସମସ୍ୟା ଓ ତାର ସମାଧାନ, ସରକାର ଓ ସରକାରୀ କର୍ମଚାରୀଙ୍କ ଦାୟିତ୍ୱ। ସରକାରଙ୍କ ଜନହିତକାରୀ ଯୋଜନାର ସୁଫଳ କିଭଳି ସମାଜର ଶେଷ ଧାଡିରେ ଥିବା ବ୍ୟକ୍ତି ପାଖରେ ପହଞ୍ଚି ପାରିବ, ଏହାକୁ ନିଶ୍ଚିତ କରିବା ସରକାରୀ କର୍ମଚାରୀଙ୍କ ଦାୟିତ୍ୱ। ସରକାର ଯୋଜନା ଓ କାର୍ଯ୍ୟକ୍ରମ ତିଆରି କରିବେ କିନ୍ତୁ ସେ ସବୁକୁ ପରିଚାଳନା ଓ କାର୍ଯ୍ୟକାରୀ କରିବା ଆପଣମାନଙ୍କ ଦାୟିତ୍ୱ। ଆପଣମାନଙ୍କ ନିଷ୍ଠା ଓ କର୍ମପ୍ରବଣତା ଯଦି ଜନ ସାଧାରଣଙ୍କ ମୁହଁରେ ହସ ଫୁଟାଇ ପାରିଲା, ତେବେ ତାହା ହିଁ ହେବ। ଆପଣଙ୍କ ନିଯୁକ୍ତିର ଯଥାର୍ଥତା ବୋଲି ମୁଖ୍ୟମନ୍ତ୍ରୀ କହିଥିଲେ। ମୁଖ୍ୟମନ୍ତ୍ରୀ ଆହୁରି ମଧ୍ୟ କହିଥିଲେ, ପୂର୍ବ ସରକାର, ସରକାରୀ ଚାକିରୀରେ ପଦବୀ ପୂରଣ ଓ ଆତ୍ମନିଯୁକ୍ତି ସୃଷ୍ଟି କ୍ଷେତ୍ରରେ ଆଖିଦୃଶିଆ ପଦକ୍ଷେପ ନେବାରେ ବିଫଳ ହୋଇଥିଲେ। ଆମ ନୂଆ ସରକାର ନିଷ୍ପତ୍ତି ନେଇଛନ୍ତି। ଆଗାମୀ ୫ ବର୍ଷ ମଧ୍ୟରେ ଦେଢ ଲକ୍ଷ ସରକାରୀ ପଦବୀ ପୂରଣ କରିବା ପାଇଁ ଆଜି ଏହାର ମୂଳଦୁଆ ପଡିଲା। ଏଣିକି ସବୁ ଚୟନ ପଦ୍ଧତି ମେରିଟ୍ ଆଧାରରେ ହେବ। ଏଥି ସହିତ ଶିଳ୍ପ କ୍ଷେତ୍ରରେ ୩.୫୦ ଲକ୍ଷ ଯୁବକ ଯୁବତୀମାନଙ୍କ ପାଇଁ ନିଯୁକ୍ତି ସୁଯୋଗ ସୃଷ୍ଟି କରିବା ପାଇଁ ଆମେ ପଦକ୍ଷେପ ନେଉଛୁ ବୋଲି ସେ କହିଥିଲେ। ନୂତନ ଭାବେ ନିଯୁକ୍ତି ପାଇଥିବା ଅଧିକାରୀ ଓ କର୍ମଚାରୀମାନଙ୍କୁ କର୍ମ କ୍ଷେତ୍ରରେ କର୍ତ୍ତବ୍ୟପରାୟଣତା, ସମୟାନୁବର୍ତ୍ତିତା, ସାଧୁତା ଓ ସଚ୍ଚୋଟତା ଅବଲମ୍ବନ କରିବା ପାଇଁ ପରାମର୍ଶ ଦେବା ସହିତ ଲୋକଙ୍କ ଅଭିଯୋଗ ଶୁଣାଣିକୁ ପ୍ରାଥମିକତା ଦେଇ ରାଜ୍ୟର ବିକାଶରେ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରିବା ପାଇଁ ମୁଖ୍ୟମନ୍ତ୍ରୀ କହିଥିଲେ।

# ୫ ହଜାର ଟପିଲା ଡେଙ୍ଗୁ

ଭୁବନେଶ୍ୱର,୧୨।୯(**ମହାଭାରତ**): ରାଜ୍ୟରେ ୫ ହଜାର ଟପିଛି ଡେଙ୍ଗୁ ଆକ୍ରାନ୍ତଙ୍କ ସଂଖ୍ୟା। ଆଜି ଡେଙ୍ଗୁ, ମଙ୍କିପକ୍ସ, ବାର୍ଡ ଫ୍ଲୁ ନେଇ ଜନସ୍ୱାସ୍ଥ୍ୟ ନିର୍ଦ୍ଦେଶ ନୀଳକଣ୍ଠ ମିଶ୍ର ସୂଚନା ଦେଇଛନ୍ତି। ସେ କହିଛନ୍ତି, ରାଜ୍ୟରେ ଏଯାବତ୍ ୫୧୩୦ ଡେଙ୍ଗୁ ରୋଗୀ ଚିହ୍ନଟ ହୋଇଛନ୍ତି ଡେଙ୍ଗୁରେ ମୃତ୍ୟୁ ନେଇ ସରକାରୀ ଭାବେ ତଥ୍ୟ ଆସି ନାହିଁ। ବରଗଡରେ ସ୍କ୍ରବ୍ ଟାଇଫସରେ ୪ ଜଣଙ୍କ ମୃତ୍ୟୁ ଏବେ ମଧ୍ୟ ସ୍ପଷ୍ଟ ହୋଇନି। କେନ୍ଦ୍ରାପଡା ଓ ପୁରୀରେ ବାର୍ଡ ଫ୍ଲୁ ଅଞ୍ଚଳରେ କୁକୁଡା କଲିଂ ସରିଛି। ଯାଜପୁର ଓ କଟକର କିଛି ଅଞ୍ଚଳରେ କଲିଂ ଆରମ୍ଭ ହୋଇଛି। ସଂକ୍ରମିତ ଅଞ୍ଚଳରେ କୁକୁଡା ଓ ଅଣ୍ଡା ନଖାଇବାକୁ ପରାମର୍ଶ ଦିଆଯାଇଛି। ମଙ୍କିପକ୍ସ ପାଇଁ ଆଡଭାଇଜରୀ ଜାରି ହୋଇଛି ଓ ସ୍ଥିତି ଉପରେ ନଜର ରଖାଯାଇଛି ବୋଲି କହିଛନ୍ତି।

# ଚିକେନ ଗୋଲମରିଚ

**ଆବଶ୍ୟକ ସାମଗ୍ରୀ:** ଚିକେନ, ପିଆଜ, ଲଙ୍କାଗୁଣ୍ଡ, ଜିରାଗୁଣ୍ଡ, ଗରମ ମସଲା, ଗୋଲମରିଚ ଗୁଣ୍ଡ, ଲେମ୍ବୁରସ, ଦହି, କସ୍ତୁରୀ ମେଥି, ହଳଦି ଗୁଣ୍ଡ, ରିଫାଇନ୍ ତେଲ, ଗୁଜୁରାତି, ଲବଙ୍ଗ, ଡାଲଚିନି, ଲୁଣ।

**ପ୍ରସ୍ତୁତି ପ୍ରଣାଳୀ:** ପ୍ରଥମେ ଚିକେନକୁ ଧୋଇ ଦିଅନ୍ତୁ। ଏହାପରେ ଚିକେନରେ ଲଙ୍କାଗୁଣ୍ଡ, ଜିରାଗୁଣ୍ଡ, ଗରମ ମସଲା, ଗୋଲମରିଚ ଗୁଣ୍ଡ, ଲେମ୍ବୁ ରସ, ଦହି, କସ୍ତୁରୀ ମେଥି, ହଳଦି ଗୁଣ୍ଡ ପକାଇ ମ୍ୟାରିନେଟ କରନ୍ତୁ। ସେହିଭଳି ପିଆଜକୁ ଭାଜି ଅଳ୍ପ ବାଟି ରଖନ୍ତୁ। କଡ଼େଇରେ ତେଲ ଗରମ କରି ଗୋଟା ମସଲା (ଗୁଜୁରାତି, ଲବଙ୍ଗ, ଡାଲଚିନି ) ପକାନ୍ତୁ। ଏହାପରେ ମ୍ୟାରିନେଟ୍ ଚିକେନକୁ ପକାଇ ୧୦ ମିନିଟ୍ ଘୋଡ଼ାଇ ଦିଅନ୍ତୁ। କିଛି ସମୟ ପରେ ଘୋଡ଼ଣି ବାହାର କରି ଚିକେନକୁ ଚଳାନ୍ତୁ। ଏହାପରେ ପୁଣି ଘୋଡ଼ାଇ ଦିଅନ୍ତୁ। ୫ରୁ ୭ ମିନିଟ୍ ପରେ ଘୋଡ଼ଣି ବାହାର କରି ସେଥିରେ ଭଜା ପିଆଜ ବଟା ଓ ଗୋଲମରିଚ ଗୁଣ୍ଡ ପକାଇ ଗୋଳାନ୍ତୁ। ପ୍ରସ୍ତୁତ ହୋଇଗଲା ଚିକେନ୍ ଗୋଲମରିଚ।



ଖବର

# ପତ୍ନୀଙ୍କ ଠାରୁ ଅଲଗା ହେଲେ ଅଭିନେତା ରବି



ତାମିଲ ଅଭିନେତା ଜୟାମ ରବି ଦୀର୍ଘ ୧୫ ବର୍ଷ ପରେ ପତ୍ନୀ ଆରତୀଙ୍କୁ ଦେଇଛନ୍ତି ଛାଡ଼ପତ୍ର। ଏ ସମ୍ପର୍କରେ ନିଜେ ରବି ସୋଶାଲ ମିଡିଆରେ ସୂଚନା ଦେଇଛନ୍ତି। ସେ ତାମିଲ ଓ ଇଂରାଜୀରେ ବିବୃତି ଜାରି କରି ଆରତୀଙ୍କ ସହ ହୋଇଥିବା ବିବାହରେ ପୂର୍ଣ୍ଣଚ୍ଛେଦ ଟାଣିଥିବା କହିଛନ୍ତି।ସବୁ କିଛିକୁ ବୁଝି ବିଚାରି ସେ ଏପରି ନିଷ୍ପତ୍ତି ନେଇଥିବା ବିବୃତିରେ ଉଲ୍ଲେଖ କରିଛନ୍ତି। ଏପରି କଷ୍ଟକର ସମୟରେ ସେ ଗୋପନୀୟତାକୁ ସୁରକ୍ଷା ଦେବାକୁ ଅନୁରୋଧ କରିଛନ୍ତି।କିଛି ମାସ ତଳୁ ରବି ଓ ଆରତୀଙ୍କ ବିବାହ ବିଚ୍ଛେଦକୁ ନେଇ ଚର୍ଚ୍ଚା ଆରମ୍ଭ ହୋଇଯାଇଥିଲା। ଏହି ଚର୍ଚ୍ଚା ଭିତରେ ଆରତୀ ନିଜ ଇନଷ୍ଟାଗ୍ରାମରୁ ରବିଙ୍କର ସମସ୍ତ ଫଟୋକୁ ଡିଲିଟ କରି ଦେଇଥିଲେ। ସେବେଠାରୁ ଲାଗି ରହିଥିବା ଚର୍ଚ୍ଚା ଏବେ ସତ ପ୍ରମାଣିତ ହୋଇଛି। ଅଲଗା ହୋଇଯାଇଛନ୍ତି ରବି ଓ ଆରତୀ। ରବି ସୋଶାଲ ମିଡିଆ ଏକ୍ସରେ ପୋଷ୍ଟ କରିଥିବା ବିବାହ ବିଚ୍ଛେଦ ସମ୍ପର୍କିତ ବିବୃତି ଶୀର୍ଷରେ ଲେଖିଛନ୍ତି ଯେ ଆପଣମାନଙ୍କ ଭଲ ପାଇବା ଓ ବୁଝିବାର ଶକ୍ତି ପାଇଁ କୃତଜ୍ଞ। ଆରତୀ ଓ ରବି ୧୫ ବର୍ଷ ତଳେ ବିବାହ କରିଥିଲେ। ୨୦୦୯ରେ ଉଭୟ ପରସ୍ପରର ହାତ ଧରିଥିଲେ। ସେମାନଙ୍କର ଦୁଇଟି ପୁତ୍ର ସନ୍ତାନ ମଧ୍ୟ ରହିଛନ୍ତ। ହେଲେ ଏବେ ରବି ଓ ଆରତୀ ବ୍ୟକ୍ତିଗତ କାରଣରୁ ଅଲଗା ହୋଇଛନ୍ତି।'ପୋନିୟିନ୍ ସେଲଭାନ୍' ତାରକା ରବି ତାମିଲ ସିନେମାର ଜଣେ ଲୋକପ୍ରିୟ ଅଭିନେତା। ତାଙ୍କୁ ମଣି ରତନମଙ୍କ 'ପୋନିୟାନ ସେଲଭାନ'ରେ ଦେଖିବାକୁ ମିଳିଥିଲା।ବିଚ୍ଛେଦ ସମ୍ପର୍କରେ ରବି କହିଛନ୍ତି, ଅତ୍ୟନ୍ତ ଦୁଃଖର ସହ ଆପଣମାନଙ୍କୁ ଗୋଟିଏ ବ୍ୟକ୍ତିଗତ ଘଟଣା ସମ୍ପର୍କରେ ଜଣାଇବାକୁ ଚାହୁଁଛି। ଅନେକ ବିଚାର, ଆଲୋଚନା ଓ ପର୍ଯ୍ୟାଲୋଚନା ପରେ ମୁଁ ଆରତୀଙ୍କ ସହ ମୋର ବିବାହ ଶେଷ କରିବା ଭଳି କଷ୍ଟକର ନିଷ୍ପତ୍ତି ନେଇଛି। ଏହି ନିଷ୍ପତ୍ତି କୌଣସି ତରବରିଆ ଭାବେ ନିଆଯାଇ ନାହିଁ। ଏହା ଏକ ବ୍ୟକ୍ତିଗତ କାରଣ।ଏହା ସମସ୍ତଙ୍କ ଭଲକୁ ଦୃଷ୍ଟିରେ ରଖି ନିଆଯାଇଛି। ଏପରି ଏକ ସମୟରେ ମୁଁ ଆପଣମାନଙ୍କୁ ଆମର ଗୋପନୀୟତା ରକ୍ଷା କରିବାକୁ ଅନୁରୋଧ କରୁଛ। କୌଣସି ମିଛ ତଥ୍ୟ, ଗୁଜବ ଓ ଅଭିଯୋଗ ଠାରୁ ଆପଣମାନେ ଦୂରେଇ ରହିବେ ବୋଲି ଆଶାୟ ବିବାହ ବିଚ୍ଛେଦ ହୋଇଥିଲେ ହେଁ ସେ ପୂର୍ବଭଳି ଲୋକଙ୍କ ପାଇଁ ଭଲ ଭଲ ସିନେମା ଭେଟି ଦେବେ ବୋଲି ରବି କହିଛନ୍ତ।

# କେଶ ଝଡ଼ା ସମସ୍ୟାରୁ ପାଆନ୍ତୁ ମୁକ୍ତି

କେଶ ଝଡିବା ଏକ ସାଧାରଣ କଥା । କେତେକ ଲୋକଙ୍କ ପାଇଁ ଗରମ ପାଣି ସମସ୍ୟା ହୋଇଥାଏ ତ ଆଉ କାହା ପାଇଁ ରୁପି ସମସ୍ୟା । ଆଉ କାହାର କେଶ ମୂଳ ଦୁର୍ବଳ ହୋଇ କେଶ ଝଡିଥାଏ । ସମସ୍ୟା ଯାହା ହେଉନା କାହିଁକି ଏମିତି କିଛି ଟିପ୍ସ ରହିଛି, ଯାହା ଦ୍ୱାରା କେଶ ଝଡିବାକୁ ରୋକିପାରିବେ ।



ଶୀତରେ କେଶ ଝଡିବାର କାରଣ ହେଉଛି କେଶ ଠିକ୍ ଭାବେ କଣ୍ଡିସନିଂ ହୋଇପାରେନି ଓ ମାତ୍ରାଧିକ ଶୁଷ୍କ ହୋଇପଡେ ।

ଅଲିଭ୍ ଅଏଲ୍‌ରେ ପ୍ରି-କଣ୍ଡିସନିଂ: କେଶ ଝଡିବା ରୋକିବା ପାଇଁ ହେଲେ ସାମ୍ପୁ କରିବା ପୂର୍ବରୁ ଅଲିଭ୍ ଅଏଲ୍‌ରେ ହାଲ୍‌କା ମସାଜ୍ କରନ୍ତୁ । ଯଦି ସମ୍ଭବ ଏହି ତେଲକୁ ହାଲ୍‌କା ଉଷୁମ କରି ବ୍ୟବହାର କରିପାରିବେ ।

ସାମ୍ପୁ ନିଷ୍ଚୟ କରନ୍ତୁ: ସାମ୍ପୁ ନିଷ୍ଚୟ କରନ୍ତୁ ଶୀତ ଦିନେ ପ୍ରାୟ ଲୋକ ସାମ୍ପୁ କରିବାକୁ ଡରିଥାନ୍ତି । କିନ୍ତୁ ସାମ୍ପୁ ନିଷ୍ଚୟ କରନ୍ତୁ । ଫଳରେ କେଶ ମୂଳ ସଫା ରହିବା ସହ ସଂକ୍ରମଣ ଦୂର ହୋଇଥାଏ । ଫଳରେ କେଶ ଝଡିବା କମ୍ ହେବ । କେଶ ବିନ୍ୟାସ ପ୍ରତି ଧ୍ୟାନ ଦିଅନ୍ତୁ, ମୁଣ୍ଡ କୁଣ୍ଡାଇ ବିଭିନ୍ନ ଷ୍ଟାଇଲ୍ କରିବା ? ମାତ୍ରାଧିକ କେଶ ବିନ୍ୟାସ କରନ୍ତୁ ନାହିଁ । ଷ୍ଟ୍ରେଟନିଂ, ପର୍ମିଂ ଓ କଲରିଂ କରିବା ଦ୍ୱାରା କେଶ ମୂଳ ନଷ୍ଟ ହୋଇଥାଏ । ଯଦି ଏପରି କିଛି କରିବାର ଥାଏ, ତେବେ ପ୍ରଫେସନାଲ୍ ପାର୍ଲରରେ କରନ୍ତୁ । ଏସବୁ କରିବା ଦ୍ୱାରା କେଶ ଦୁର୍ବଳ ହେବା ସହ ମାତ୍ରାଧିକ ଝଡିଥାଏ ।

# ଭଗବାନ ଶ୍ରୀକୃଷ୍ଣଙ୍କ ଶଙ୍ଖ



ମହାଭାରତ ଯୁଦ୍ଧ ସମୟରେ ଭଗବାନ ଶ୍ରୀକୃଷ୍ଣଙ୍କ ନିକଟରେ ପାଞ୍ଚଜନ୍ୟ ଶଙ୍ଖ ଥିଲା । ଏହି ଶଙ୍ଖ ଅତ୍ୟନ୍ତ ଅଦ୍ଭୁତ ତଥା ଚମତ୍କାରୀ ଥିଲା । ପାଞ୍ଚଜନ୍ୟ ଶଙ୍ଖର ଶବ୍ଦରେ ପାଣ୍ଡବମାନଙ୍କ ମଧ୍ୟରେ ଉତ୍ସାହ ଖେଳିଯାଉଥିଲା । ଅନ୍ୟପକ୍ଷରେ ଏହାର ଶବ୍ଦ କୌରବ ଶିବିରରେ ଆତଙ୍କ ଖେଳାଇ ଦେଉଥିଲା । ମହାଭାରତ ଯୁଦ୍ଧ ପରେ ଭଗବାନ ଶ୍ରୀକୃଷ୍ଣ ପାଞ୍ଚଜନ୍ୟ ଶଙ୍ଖକୁ ପରାଶର ମୁନିଙ୍କ ଆଶ୍ରମରେ ରଖିଦେଇଯାଇଥିଲେ କୁହାଯାଏ । ଅନ୍ୟପକ୍ଷରେ ଶ୍ରୀକୃଷ୍ଣଙ୍କ ଶଙ୍ଖ ବଦ୍ରିକାଧାମରେ ଥିବା ମଧ୍ୟ କେହି କେହି କୁହନ୍ତି । ଶ୍ରୀକୃଷ୍ଣଙ୍କ ପାଞ୍ଚଜନ୍ୟ ଶଙ୍ଖ ବିଜୟ ଏବଂ ଯଶର ପ୍ରତୀକ ଥିଲା । ମହାଭାରତ ଯୁଦ୍ଧ ଶଙ୍ଖ ବାଦନରୁ ଆରମ୍ଭ ହେଉଥିଲା । ଅର୍ଜୁନଙ୍କ ପାଖରେ ଦେବଦତ୍ତ ନାମକ ଶଙ୍ଖ ଥିଲା । ଯୁଧିଷ୍ଠିରଙ୍କ ନିକଟରେ ଅନନ୍ତବିଜୟ, ଭୀଷ୍ମଙ୍କ ନିକଟରେ ପୌଣ୍ଡ୍ରିକ, ନକୁଳଙ୍କ ନିକଟରେ ସୁଘୋଷ, ସହଦେବଙ୍କ ନିକଟରେ ମଣିପୁଷ୍ପକ ଶଙ୍ଖ ଥିଲା । ଏ ସମସ୍ତ ଶଙ୍ଖର ଭିନ୍ନ ଭିନ୍ନ ମହତ୍ତ୍ୱ ରହିଥିଲା । ସମୁଦ୍ର ମନ୍ଥନ କାଳରେ ପାଞ୍ଚଜନ୍ୟ ଶଙ୍ଖ ବାହାରିଥିଲା ବୋଲି ପୁରାଣରେ ବର୍ଣ୍ଣିତ । ଏହି ଶଙ୍ଖ ବିଜୟ, ସମୃଦ୍ଧି, ସୁଖ, ଶାନ୍ତି, ଯଶ, କୀର୍ତ୍ତି, ଲକ୍ଷ୍ମୀର ପ୍ରତୀକ ଭାବେ ପ୍ରସିଦ୍ଧି ହାସଲ କରିଥିଲା । ବର୍ତ୍ତମାନ ସମୟରେ ମଧ୍ୟ ଶଙ୍ଖ ଧ୍ୱନି ବେଶ୍ ଶୁଭ, ପବିତ୍ର ତଥା ଶାନ୍ତି ପ୍ରଦାନକାରୀ ଭାବେ ଗ୍ରହଣ କରାଯାଇଛି । ଲକ୍ଷ୍ମୀ ଶଙ୍ଖ, ଗୋମୁଖୀ ଶଙ୍ଖ, କାମଧେନୁ ଶଙ୍ଖ, ବିଷ୍ଣୁ ଶଙ୍ଖ, ଦେବ ଶଙ୍ଖ, ଚକ୍ର ଶଙ୍ଖ, ପୌଣ୍ଡ୍ର ଶଙ୍ଖ, ରାକ୍ଷସ ଶଙ୍ଖ, ଶନି ଶଙ୍ଖ, ରାହୁ ଶଙ୍ଖ, ଗରୁଡ଼ ଶଙ୍ଖ, କେତୁ ଶଙ୍ଖ, ମଣିପୁଷ୍ପକ ଶଙ୍ଖ, କଚ୍ଛପ ଶଙ୍ଖ, ସୁଘୋଷ ଶଙ୍ଖ, ଶେଷନାଗ ଶଙ୍ଖ ଆଦି ବିଭିନ୍ନ ପ୍ରକାରର ଶଙ୍ଖ ରହିଛି ।

# ବେଲପତ୍ର ସ୍ୱାସ୍ଥ୍ୟ ପାଇଁ ହିତକର



ଭଗବାନ ଶିବଙ୍କ ପୂଜାରେ କଞ୍ଚା କ୍ଷୀର ଓ ଫୁଲ ସହ ବେଲ ପତ୍ର ଅର୍ପଣ କରାଯାଇଥାଏ। ବେଲପତ୍ର ଶିବଙ୍କ ଅତି ପ୍ରିୟ। ବେଲପତ୍ର କେବଳ ଶିବଙ୍କ ପୂଜାରେ ଲାଗେନି ବରଂ ଏହାର ଅନେକ ଉପକାରିତା ମଧ୍ୟ ରହିଛି। ସ୍ୱାସ୍ଥ୍ୟ ପାଇଁ ବେଲପତ୍ର ବହୁତ ଲାଭଦାୟକ ହୋଇଥାଏ। ବେଲପତ୍ର ସେବନ ଦ୍ୱାରା ଅନେକ ରୋଗରୁ ମୁକ୍ତି ମିଳିଥାଏ।

ବେଲପତ୍ର କିପରି ବ୍ୟବହାର କରିବେ ଜାଣନ୍ତୁ:

୧. ଜ୍ୱର ହେଉଥିଲେ ବେଲପତ୍ରରେ କାଢ଼ା ତିଆରି କରି ସେବନ କଲେ ଆଶ୍ୱସ୍ତି ମିଳିଥାଏ ବୋଲି କୁହାଯାଏ। ତାଛଡା ମହୁମାଛି କିମ୍ବା ବିରୁଡି କାମୁଡ଼ିଲେ ଜ୍ୱଳନ ହେଉଥିବା ଜାଗାରେ ବେଲପତ୍ର ରସ ଲଗାଇଲେ ଆଶ୍ୱସ୍ତି ମିଳିଥାଏ।

୨. ହୃଦୟ ରୋଗୀଙ୍କ ପାଇଁ ବେଲପତ୍ର ବହୁତ ଲାଭଦାୟକ। ବେଲପତ୍ର କାଢ଼ା ସେବନ କଲେ ହୃଦୟ ସୁସ୍ଥ ରହେ ଏବଂ ହୃଦଘାତ ହେବାର ସମ୍ଭାବନା କମ ଥାଏ। ଶ୍ୱାସ ସମ୍ବନ୍ଧୀୟ ରୋଗୀଙ୍କ ପାଇଁ ମଧ୍ୟ ବେଲପତ୍ର ଅମୃତ ସହ ସମାନ। ବେଲପତ୍ର ରସ ସେବନ କଲେ ଶ୍ୱାସ ରୋଗୀଙ୍କୁ ଅନେକ ଲାଭ ମିଳିଥାଏ।

୩. ପେଟ ଗରମ ହୋଇଗଲେ ପାଟିରେ ଅଲସର ହୋଇଯାଏ ବା ଛାଲା ପଡ଼ିଯାଏ। ଏହିଭଳି ସ୍ଥିତିରେ ବେଲପତ୍ର ଚୋବେଇ ଖାଇଲେ ଛାଲା ଭଲ ହୋଇଯାଇଥାଏ।

୪. ପାଇଲ୍ସ ବା ଅର୍ଶ ଆଜିକାଲି ଏକ ସାଧାରଣ ସମସ୍ୟା ହୋଇଗଲାଣି। ଏହା ବହୁତ କଷ୍ଟ ଦେଇଥାଏ। ଏହି କଷ୍ଟରୁ ମୁକ୍ତି ପାଇବାକୁ ହେଲେ ବେଲ ଗଛର ଚେରକୁ ଗୁଣ୍ଡ କରି ସେହି ଗୁଣ୍ଡରେ ସମାନ ମାତ୍ରାରେ ମିଶ୍ରି ମିଶାଇ ଚୂର୍ଣ୍ଣ ପ୍ରସ୍ତୁତ କରନ୍ତୁ। ଏହି ଚୂର୍ଣ୍ଣକୁ ସକାଳେ ଓ ସନ୍ଧ୍ୟାରେ ପାଣିରେ ମିଶାଇ ସେବନ କରନ୍ତୁ। ଅଧିକ କଷ୍ଟ ହେଉଥିଲେ ଦିନକୁ ୩ଥର ସେବନ କରନ୍ତୁ। ଅର୍ଶରୁ ଆଶ୍ୱସ୍ତି ମିଳିଥାଏ।

୫. ଥଣ୍ଡା, କାଶ ଓ ଜ୍ୱର ହେଲେ ବେଲପତ୍ର ରସରେ ମହୁ ମିଶାଇ ସେବନ କଲେ ଲାଭ ମିଳିଥାଏ। ଜ୍ୱର ଅଧିକ ହେଉଥିଲେ ଏହାର ପେଷ୍ଟ କରି ଛୋଟ ଛୋଟ ଗୁଳା ତିଆରି କରି ଗୁଡ ସହ ସେବନ କରନ୍ତୁ।

୬. ପେଟ କିମ୍ବା ଅନ୍ତନଳୀରେ କୃମି ହେଲେ କିମ୍ବା ଛୋଟ ଶିଶୁଙ୍କୁ ଝାଡା ହେଉଥିଲେ ବେଲପତ୍ର ରସ ସେବନ କଲେ ଆରାମ ମିଳିଥାଏ।



# ଶ୍ରୀରାମ-ପର୍ଶୁରାମ ଭେଟ

୨ରାମାୟଣରେ ଭଗବାନ ଶ୍ରୀରାମଚନ୍ଦ୍ର ଏବଂ ପର୍ଶୁରାମଙ୍କୁ ନେଇ ଏକ ଗାଥା ବର୍ଣ୍ଣନା କରାଯାଇଛି । ଅତ୍ୟାଚାରୀ ରାବଣର ବଧ କରିବା ଲାଗି ଭଗବାନ ଶ୍ରୀବିଷ୍ଣୁ ଅଯୋଧ୍ୟାରେ ରାଜା ଦଶରଥ ଏବଂ କୌଶଲ୍ୟାଙ୍କ ପୁତ୍ର ରୂପରେ ଜନ୍ମ ନେଇଥିଲେ । ରଘୁକୁଳ ନନ୍ଦନ ଶ୍ରୀରାମଙ୍କ କୀର୍ତ୍ତି ଖୁବ୍ ଅଳ୍ପ ଦିନ ମଧ୍ୟରେ ତ୍ରୀଭୁବନରେ ବ୍ୟାପୀଗଲା । ଶ୍ରୀରାମଙ୍କ ଅବତାର ବିଷୟରେ ମଧ୍ୟ ଅବଗତ ହେଲେ ଭଗବାନ ପର୍ଶୁରାମ । ପର୍ଶୁରାମ ଥିଲେ ଶ୍ରୀବିଷ୍ଣୁଙ୍କ ଷଷ୍ଠ ଅବତାର । ମହାଦେବଙ୍କ ଶିଷ୍ୟ ପର୍ଶୁରାମ ଅମର ହେବାର ବର ପାଇଥିଲେ । ସେଥିପାଇଁ ସେ ଶ୍ରୀରାମଙ୍କ ଜନ୍ମ ପର୍ଯ୍ୟନ୍ତ ମଧ୍ୟ ଜୀବିତ ରହିଥିଲେ । ଦିନେ ଶ୍ରୀରାମଙ୍କ ପରୀକ୍ଷା ନେବା ଲାଗି ପର୍ଶୁରାମ ଅଯୋଦ୍ଧାରେ ପହଞ୍ଚିଲେ । ସେ ଠଶ୍ରୀରାମଙ୍କୁ ନିଜର ଦିବ୍ୟ ଧନୁ ପ୍ରଦାନ କଲେ ଏବଂ ସେଥିରେ ଗୁଣ ଚଢ଼ାଇବାକୁ କହିଲେ । ତାହା ଥିଲା ଭଗବାନ ବିଷ୍ଣୁଙ୍କ ସାରଙ୍ଗ ଧନୁ । ଶ୍ରୀରାମ ସେହି ଧନୁରେ ଅତି ସହଜରେ ଗୁଣ ଚଢ଼ାଇ ଦେଲେ । ଏହାପରେ ଅହଂକାରବଶତଃ କ୍ରୋଧିତ ହୋଇ ସେହି ଦିବ୍ୟ ଧନୁରୁ ତୀର ଚଳାଇବା ଲାଗି ପର୍ଶୁରାମ କହିଲେ । ଶ୍ରୀରାମ ସେହି ଧନୁରେ ତୀର ନିକ୍ଷେପ କରନ୍ତେ, ସେହି ଶବ୍ଦରେ ପର୍ଶୁରାମ ବେହୋସ ହୋଇଗଲେ । ତାଙ୍କର ସମସ୍ତ ଶକ୍ତି ଚାଲିଗଲା । ଗୋଟିଏ ବର୍ଷ ପରେ ପିତୃପୁରୁଷଙ୍କ ପରାମର୍ଶକ୍ରମେ ବସୁଧରା ନାମକ ନଦୀରେ ସ୍ନାନ କରିବା ପରେ ପର୍ଶୁରାମ ନିଜ ଶକ୍ତି ଫେରିପାଇଥିଲେ । ପ୍ରଭୁ ଶ୍ରୀରାମ ସ୍ୱୟଂ ଶ୍ରୀବିଷ୍ଣୁଙ୍କ ଅବତାର ବୋଲି ତାଙ୍କର ହୃଦ୍‌ବୋଧ ହେଲା ।



### ପୂର୍ବାଞ୍ଚଳ ରାଜ୍ୟଗୁଡ଼ିକର ସମୀକ୍ଷା

# ପ୍ରାଣୀସଂପଦ ବିକାଶରେ ଓଡ଼ିଶାର ପ୍ରୟାସ ପ୍ରଶଂସିତ

**ଭୁବନେଶ୍ୱର,୧୨।୯ (ମହାଭାରତ):** ଦେଶର ବିଭିନ୍ନ ରାଜ୍ୟରେ ପ୍ରାଣୀସଂପଦ ବିକାଶ କ୍ଷେତ୍ରରେ କାର୍ଯ୍ୟକାରୀ ହେଉଥିବା ବିଭିନ୍ନ ଯୋଜନାଗୁଡ଼ିକର ସଫଳ ଓ ସଶକ୍ତ ରୂପାୟନ ନେଇ ଏକ ସମୀକ୍ଷା ବୈଠକରେ ବିସ୍ତୃତ ଆଲୋଚନା ହୋଇଛି। ଆଜି ଭୁବନେଶ୍ୱରରେ ଭାରତ ସରକାରଙ୍କ ପଶୁପାଳନ ଓ ଡାୟେରୀ ବିଭାଗ ଓ ଓଡ଼ିଶା ସରକାରଙ୍କ ମତ୍ସ୍ୟ ଓ ପ୍ରାଣୀସଂପଦ ବିକାଶ ବିଭାଗର ମିଳିତ ଆନୁକୂଲ୍ୟରେ ଆୟୋଜିତ ପୂର୍ବାଞ୍ଚଳ ରାଜ୍ୟଗୁଡ଼ିକର ସମୀକ୍ଷା ବୈଠକ ଅନୁଷ୍ଠିତ ହୋଇଯାଇଛି। ଏହି ବୈଠକରେ କେନ୍ଦ୍ର ସରକାରଙ୍କ ବରିଷ୍ଠ ଅଧିକାରଙ୍କ ସମେତ ଓଡ଼ିଶା, ପଶ୍ଚିମବଙ୍ଗ, ଝାଡଖଣ୍ଡ, ମେଘାଳୟ ଓ ଆଣ୍ଡାମାନ ଓ ନିକୋବର ଦ୍ୱୀପପୁଞ୍ଜର ବିଭାଗୀୟ ଅଧିକାରୀବୃନ୍ଦ ଉପସ୍ଥିତ ଥିଲେ। ଭାରତ ସରକାରଙ୍କ ପଶୁପାଳନ ଓ ଡାୟେରୀ ବିଭାଗ ସଚିବ ଶ୍ରୀମତୀ ଅଲକା ଉପାଧ୍ୟାୟ କାର୍ଯ୍ୟକ୍ରମ ଉଦ୍‌ଘାଟନ କରିଥିବାବେଳେ ରାଜ୍ୟ ମତ୍ସ୍ୟ ଓ ପ୍ରାଣୀସଂପଦ ବିକାଶ ବିଭାଗ ପ୍ରମୁଖ ଶାସନ ସଚିବ ଶ୍ରୀ ସୁରେଶ କୁମାର ବଶିଷ୍ଠ ସମବେତ କର୍ମକର୍ତ୍ତାମାନଙ୍କୁ ସମ୍ବୋଧିତ କରିଥିଲେ। କେନ୍ଦ୍ର ପଶୁପାଳନ ଓ ଡାୟେରୀ ବିଭାଗ ଅତିରିକ୍ତ ସଚିବ ଶ୍ରୀମତୀ ବର୍ଷା ଯୋଶୀ ସମୀକ୍ଷା ବୈଠକରେ ଆଲୋଚନା ଆରମ୍ଭ କରି ସଂଶୋଧିତ ଆର୍ଥିକ ନିୟମାବଳୀ, ରାଜ୍ୟଗୁଡ଼ିକର ଆବଶ୍ୟକତାକୁ ଦୃଷ୍ଟିରେ ରଖି ପାଣ୍ଠିର ଉପଯୋଗ, ଏକବିଂଶତମ ଜାତୀୟ ପ୍ରାଣୀଧନ ଗଣନା କାର୍ଯ୍ୟକ୍ରମ ଏବଂ ଜାତୀୟ ପ୍ରାଣୀସଂପଦ ମିଶନର କାର୍ଯ୍ୟକ୍ରମ ଉପରେ ସୂଚନା ଦେଇଥିଲେ।

ବୈଠକରେ ଅଧ୍ୟକ୍ଷତା କରି ସଚିବ ଶ୍ରୀମତୀ ଉପାଧ୍ୟାୟ ପୂର୍ବାଞ୍ଚଳ ରାଜ୍ୟଗୁଡ଼ିକରେ କାର୍ଯ୍ୟକାରୀ ହେଉଥିବା ବିଭିନ୍ନ କାର୍ଯ୍ୟକ୍ରମ ଓ ଯୋଜନାର ସାଂପ୍ରତିକ ସ୍ଥିତି ନେଇ ମୂଲ୍ୟାୟନ କରିଥିଲେ। ସେ କେନ୍ଦ୍ର ସରକାରଙ୍କ ବିଭିନ୍ନ କାର୍ଯ୍ୟକ୍ରମ ଯଥା-ରାଷ୍ଟ୍ରୀୟ ଗୋକୁଳ ମିଶନ, ପଶୁଧନ ସ୍ୱାସ୍ଥ୍ୟ, ଜାତୀୟ ପ୍ରାଣୀସଂପଦ ମିଶନ, ଦୁଗ୍ଧ ଉତ୍ପାଦନ ଅଭିବୃଦ୍ଧି ଯୋଜନା, ପଶୁପାଳନ ଭିତ୍ତିଭୂମି ବିକାଶ ପାଣ୍ଠିର ଉପଯୋଗ, ପ୍ରଧାନମନ୍ତ୍ରୀ ଗତିଶକ୍ତି କାର୍ଯ୍ୟକ୍ରମର ଅଗ୍ରଗତି, ପଶୁଧନ ଗଣନା ଏବଂ ସମନ୍ୱିତ ନମୁନା ସର୍ବେକ୍ଷଣ ଉପରେ ଆଲୋଚନା କରିଥିଲେ।

ଉଭୟ ସଚିବ ଓ ଅତିରିକ୍ତ ସଚିବ ଓଡ଼ିଶାରେ ପ୍ରାଣୀସଂପଦ କ୍ଷେତ୍ରରେ ହୋଇଥିବା ବିଭିନ୍ନ କାର୍ଯ୍ୟକ୍ରମକୁ ପ୍ରଶଂସା କରିଥିଲେ। ଗର୍ଭଧାରଣ କ୍ଷେତ୍ରରେ ଜାତୀୟ ହାର ୧୮ ପ୍ରତିଶତ ଥିବାବେଳେ ଓଡ଼ିଶାରେ ସେକ୍ସ ସର୍ଟେଡ୍ ସିମେନ୍ ଜରିଆରେ କୃତ୍ରିମ ପ୍ରଜନନ ବିକାଶ କାର୍ଯ୍ୟକ୍ରମରେ ଏହା ପ୍ରାୟ ୩୩ ପ୍ରତିଶତରେ ପହଞ୍ଚିଥିବାରୁ ସମୀକ୍ଷା ବୈଠକରେ ରାଜ୍ୟର ପ୍ରୟାସକୁ ଉତ୍ସାହଜନକ ବୋଲି କୁହାଯାଇଥିଲା।

ଜାତୀୟ ପ୍ରାଣୀରୋଗ ନିୟନ୍ତ୍ରଣ କାର୍ଯ୍ୟକ୍ରମ ନିମନ୍ତେ ଟିକାକରଣ, କୃତ୍ରିମ ପ୍ରଜନନ, ଜାତୀୟ ପ୍ରାଣୀସଂପଦ ମିଶନ ଅଧିନରେ ଛେଳି ଫାର୍ମ, ଡାୟେରୀ ଫାର୍ମ ଓ ଫୋଡର ୟୁନିଟ୍ ଏବଂ ତାଲିମ କାର୍ଯ୍ୟକ୍ରମ ପରି ଯୋଜନାଗୁଡ଼ିକ ନେଇ ବିସ୍ତୃତ ଆଲୋଚନା ହେବା ସହ ରୂପାୟନରେ ରହିଥିବା ଆହ୍ୱାନଗୁଡ଼ିକ ବାବଦରେ ଆଲୋଚନା ହୋଇଥିଲା। ଅନ୍ୟ ଆଲୋଚିତ ପ୍ରସଙ୍ଗଗୁଡ଼ିକରେ ବିଭିନ୍ନ ରାଜ୍ୟରେ କାର୍ଯ୍ୟକାରୀ ହେଉଥିବା ଯୋଜନାଗୁଡ଼ିକର ସାଂପ୍ରତିକ ସ୍ଥିତି ଓ ଆର୍ଥିକ ଦିଗ, ବିଭିନ୍ନ ରାଜ୍ୟରେ ପ୍ରାଣୀଧନ କଲ୍ୟାଣ ବୋର୍ଡ ଗଠନ ଇତ୍ୟାଦି ଅନ୍ତର୍ଭୁକ୍ତ ଥିଲା।

ବିଭିନ୍ନ ରାଜ୍ୟର ସଫଳ କାହାଣୀ ପାୱାର ପଏଣ୍ଟ ଓ ଭିଡ଼ିଓ ମାଧ୍ୟମରେ ଉପସ୍ଥାପିତ ହୋଇଥିବାବେଳେ ଭାରତ ସରକାରଙ୍କ ପଶୁଧନ ସ୍ୱାସ୍ଥ୍ୟ ନିର୍ଦ୍ଦେଶକ ଡ. ବାଦଲ ବିଶ୍ୱକର୍ମା ଧନ୍ୟବାଦ ଅର୍ପଣ କରିଥିଲେ।

# ମୃତ୍ତିକା ସ୍ୱାସ୍ଥ୍ୟ ପରୀକ୍ଷଣ ବୈଠକ

**ଭୁବନେଶ୍ୱର,୧୨।୯ (ମହାଭାରତ):** ଉପମୁଖ୍ୟମନ୍ତ୍ରୀ ତଥା କୃଷି ଓ କୃଷକ ସଶକ୍ତିକରଣ, ଶକ୍ତି ମନ୍ତ୍ରୀ କନକ ବର୍ଦ୍ଧନ ସିଂହଦେଓଙ୍କ ଅଧ୍ୟକ୍ଷତାରେ ମୃତ୍ତିକା ସ୍ୱାସ୍ଥ୍ୟ ପରୀକ୍ଷା ନେଇ ବୈଠକ ଆଜି କୃଷିଭବନ ସମ୍ମିଳନୀ କକ୍ଷରେ ଆୟୋଜିତ ହୋଇଯାଇଛି। ଆଜିର ସମୟରେ ଜଳବାୟୁ ପରିବର୍ତ୍ତନ ଯୋଗୁଁ ମୃତ୍ତିକାର ଗୁଣବତ୍ତା ପ୍ରଭାବିତ ହେଉଛି। ଏହାକୁ ଦୃଷ୍ଟିରେ ରଖି ମୃତ୍ତିକା ସ୍ୱାସ୍ଥ୍ୟ ପରୀକ୍ଷଣ ଅତ୍ୟନ୍ତ ଜରୁରୀ ହୋଇପଡ଼ିଛି। ମୃତ୍ତିକାର ଗୁଣବତ୍ତା ଅନୁଯାୟୀ ଫସଲ ଲଗାଇଲେ ଓ ସାର,



ଜୈବିକ ଖତ ବ୍ୟବହାର କଲେ ଉତ୍ପାଦନରେ ବୃଦ୍ଧି ଘଟିବା ସହ ଚାଷୀ କୃଷିରୁ ଲାଭ ପାଇପାରିବେ। ସଂପ୍ରତି ସରକାରଙ୍କ ଦ୍ୱାରା ମୃତ୍ତିକାର ସ୍ୱାସ୍ଥ୍ୟ ପରୀକ୍ଷଣ ଚାଲିଛି। ଥରେ ଚାଷୀ ନିଜ ଜମିର ମୃତ୍ତିକା ପରୀକ୍ଷଣ କଲେ ଏହାର ରିପୋର୍ଟ ୩ ବର୍ଷ ପର୍ଯ୍ୟନ୍ତ ବୈଧ ଅଟେ। ବର୍ତ୍ତମାନ ସମୟରେ ରାଜ୍ୟରେ ପ୍ରାୟ ୫ ଲକ୍ଷ ମୃର୍ତ୍ତିକା ସ୍ୱାସ୍ଥ୍ୟ ପରୀକ୍ଷଣ କରାଯାଉଛି। ସରକାର ଏବେ ଅଧିକରୁ ଅଧିକ ମୃତ୍ତିକା ପରୀକ୍ଷଣ ନିମନ୍ତେ ଚେଷ୍ଟା କରୁଛନ୍ତି। ଏହି ପରିପ୍ରେକ୍ଷୀରେ ସରକାର ମେସିନ୍ ସହାୟତାରେ ମୃତ୍ତିକା ସ୍ୱାସ୍ଥ୍ୟ ପରୀକ୍ଷଣ କରିବାକୁ ଯୋଜନା କରୁଛନ୍ତି। ଏହା ଦ୍ୱାରା ମାତ୍ର କିଛି ମିନିଟ୍ ମଧ୍ୟରେ ଚାଷୀ ନିଜ ଜମିର ପରୀକ୍ଷଣ ରିପୋର୍ଟ ପାଇପାରିବେ। ଏଭଳି ସୁବିଧା ପ୍ରଦାନକାରୀ ଏକ ବୈଷୟିକ ସଂସ୍ଥା ଆଜି ମାନ୍ୟବର ଉପମୁଖ୍ୟମନ୍ତ୍ରୀ ଶ୍ରୀ ସିଂହଦେଓଙ୍କୁ ନିଜର ସେବା ସମ୍ବନ୍ଧରେ ଉପସ୍ଥାପନ କରିଥିଲେ। ଆଗାମୀ ଦିନରେ ଏହାକୁ କୃଷକଙ୍କ ହିତରେ ଓ ମୃତ୍ତିକା ସ୍ୱାସ୍ଥ୍ୟ ପରୀକ୍ଷଣକୁ ସହଜସାଧ୍ୟ କରିବା ନିମନ୍ତେ ବ୍ୟବହାର କରାଯିବାର ଯୋଜନା ରହିଛି ବୋଲି ଶ୍ରୀ ସିଂହଦେଓ କହିଥିଲେ। ବୈଠକରେ କୃଷି ବିଭାଗ ପ୍ରମୁଖ ଶାସନ ସଚିବ ଡ. ଅରବିନ୍ଦ କୁମାର ପାଢ଼ୀ, କୃଷି ନିର୍ଦ୍ଦେଶକ ପ୍ରେମଚନ୍ଦ୍ର ଚୌଧାରୀ, ଉଦ୍ୟାନ କୃଷି ନିର୍ଦ୍ଦେଶକ ନିଖିଲ ପୱନ୍ କଲ୍ୟାଣଙ୍କ ସମେତ ବହୁ ବରିଷ୍ଠ ଅଧକାରୀ ପ୍ରମୁଖ ଉପସ୍ଥିତ ଥିଲେ।

# କୋଷ୍ଟା କଫି ଅନାବରଣ କରିଛି ସର୍ବୋତ୍କୃଷ୍ଟ ଗୋପନୀୟତା

**ଭୁବନେଶ୍ୱର,୧୨।୯ (ମହାଭାରତ):** କୋଷ୍ଟା କଫି, କୋକା-କୋଲା କମ୍ପାନୀ ଅଧିନସ୍ଥ ଏକ କଫି ବ୍ରାଣ୍ଡ ବସନ୍ତର ସର୍ବୋତ୍କୃଷ୍ଟ ଉଷ୍ମ ଗୋପନୀୟତାକୁ ନେଇ ଭାରତରେ ଏକ ନୂତନ ମାପେଲ ହାଜେଲ ଖାଦ୍ୟ ତାଲିକାର ଉନ୍ମୋଚନ କରିଛି। ଯେହେତୁ ବସନ୍ତ ଏହାର ସ୍ୱର୍ଣ୍ଣ ସ୍ପର୍ଶରେ ସମଗ୍ର ପ୍ରକୃତିକୁ ଲାଲ ଏବଂ ହଳଦିଆ ଅଠାଳିଆ ପଦାର୍ଥରେ ଚିତ୍ରିତ କରିଛି ଏହି ମନଲୋଭା ମୁହୂର୍ତ୍ତରେ କୋଷ୍ଟାକଫି ଏହାର ତିନୋଟି ପୃଥକ୍ ତୁଷ୍ଟିକରଣର ମନମତାଣିଆ ସ୍ୱାଦ ପ୍ରଦାନ କରିଛି ଯାହା ମଧ୍ୟରେ ରହିଛି – ମାପେଲ ହାଜେଲ ଲାଟେ, ବରଫଯୁକ୍ତ ଲାଟେ ଏବଂ ଫ୍ରାପେ। ଗୁଣବତ୍ତା, ନବୀକରଣ, ବିଭାଜୀକରଣ ଏବଂ ଋତୁକାଳୀନ ସ୍ୱାଦର ପ୍ରତିଶ୍ରୁତିବଦ୍ଧତାକୁ ନେଇ କୋଷ୍ଟା କଫି ଏହି ବିଶେଷ ଶୁଭାରମ୍ଭ ଭାରତୀୟ କଫି ପ୍ରେମୀଙ୍କୁ ପ୍ରଦାନ କରିଛି।

ବସନ୍ତରେ ରହିଥିବା ବିଭିନ୍ନ ପ୍ରକାରର ଅଦ୍ୱିତୀୟ ସ୍ୱାଦର ଅଭିଜ୍ଞତାକୁ ଧରି ରଖି ଏହି ମୃଦୁପାନୀୟ ଶୀତଳ ଦିନ ଗୁଡ଼ିକରେ ଉଷ୍ମତା ପ୍ରଦାନ କରିବା ପାଇଁ ଋତୁକାଳୀନ ସ୍ପର୍ଶକୁ ସତେଜ କରିପାରିଛି। ମାପଲ ହାଜେଲ ଲାଟେର ବିଶେଷତ୍ୱ ମଧ୍ୟରେ ରହିଛି ଏହା ହାଜେଲ ନଟ ଭଳି ଭରପୂର ସ୍ୱାଦ ତଥା ମିଠା ମାପେଲ ସିରପ୍‌ର ମିଶ୍ରଣକୁ ନେଇ ଆସିଥିବା ବେଳେ ମାପେଲ ହାଜେଲ ଆଇସଡ଼ ଲାଟେ ଥଣ୍ଡା ତଥା ଆମୋଦ ପ୍ରଦାନକାରୀ ମିଶ୍ରଣକୁ ନେଇ ସମସ୍ତଙ୍କ ପାଖରେ ପହଂଚି ପାରିଛି। ସେହି ମାନଙ୍କ ପାଇଁ ଯେଉଁମାନେ ଅତ୍ୟଧିକ ଥଣ୍ଡାକୁ ପସନ୍ଦ କରିଥାନ୍ତି ମାପେଲ ହାଜେଲ ଫ୍ରାପେ ସେମାନଙ୍କୁ ଋତୁକାଳୀନ ସ୍ୱାଦର ଏକ ଆନନ୍ଦ ଦାୟକ ମଜ୍ଜା କ୍ରିମ ସହିତ ପ୍ରଦାନ କରିଥାଏ ଯାହା ଥଣ୍ଡା ଆକାରରେ ମିଳିଥାଏ। କଫି ସଂସ୍କୃତିକୁ ଆହୁରି ଅଧିକ ଆଦୃତ କରିବା ପାଇଁ ମାପେଲ ହାଜେଲର ଭାରତରେ ଶୁଭାରମ୍ଭ ଏକ ଗୁରୁତ୍ୱପୂର୍ଣ୍ଣ ପଦକ୍ଷେପ ଯାହାକି ଋତୁକାଳୀନ ସ୍ୱାଦର ଲୋକପ୍ରିୟତାକୁ ଆହୁରି ବଢ଼ାଇବା ପାଇଁ ଏହା ଉପରେ ଆଲୋକପାତ କରିଛି। ଏହି ଶୁଭାରମ୍ଭ ବୃଦ୍ଧି ପାଉଥିବା ଅଦ୍ୱିତୀୟ କଳାତ୍ମକ କଫି ଅଭିଜ୍ଞତାକୁ ଆହୁରି ବୃଦ୍ଧି କରିବା ସହିତ କଫି ପ୍ରଦାନର ବିବିଧତାକୁ ବିଶ୍ୱସ୍ତରୀୟ କରିବାରେ ବିଶେଷ ଭୂମିକା ଗ୍ରହଣ କରିଛି।

# ‘ସ୍ୱଚ୍ଛତା ହିଁ ସେବା’ରେ ଯୋଡ଼ି ହେବେ ସମସ୍ତ ଆରଟିଓ

**ଭୁବନେଶ୍ୱର,୧୨।୯ (ମହାଭାରତ):** ସ୍ୱଚ୍ଛତାକୁ ନେଇ ହେବାକୁ ଯାଉଛି ୧୫ ଦିନବ୍ୟାପୀ ଅଭିଯାନ। ଏହି ଅଭିଯାନରେ ସକ୍ରିୟତାର ସହ ଭାଗ ନେବ ରାଜ୍ୟ ପରିବହନ ପ୍ରାଧିକରଣ ୧୧୭ ସେପ୍ଟେମ୍ବରରୁ ଅକ୍ଟୋବର ୧ ଯାଏଁ ସ୍ୱଚ୍ଛତା ହିଁ ସେବା ଅଭିଯାନ ହେବ। ଚଳିତ ଥରର ବିଷୟ ରହିଛି ସ୍ୱଭାବ ସ୍ୱଚ୍ଛତା, ସଂସ୍କାର ସ୍ୱଚ୍ଛତା। ଏହି ଆଧାରରେ ବିଭିନ୍ନ କାର୍ଯ୍ୟକ୍ରମରେ ଭାଗ ନେବାକୁ ସମସ୍ତ ଆରଟିଓଙ୍କୁ ନିର୍ଦ୍ଦେଶ ଦେଇଛନ୍ତି ରାଜ୍ୟ ପରିବହନ ଆୟୁକ୍ତ ଅମିତାଭ ଠାକୁର।

ସ୍ୱଚ୍ଛତା ହିଁ ସେବା କାର୍ଯ୍ୟକ୍ରମର ପ୍ରସ୍ତୁତି ଓ କାର୍ଯ୍ୟକାରିତା ସଂପର୍କରେ ସମୀକ୍ଷା କରିବାକୁ ଆଜି ରାଜ୍ୟ ପରିବହନ ପ୍ରାଧିକରଣ କାର୍ଯ୍ୟାଳୟରେ ପରିବହନ ଆୟୁକ୍ତଙ୍କ ଅଧ୍ୟକ୍ଷତାରେ ବୈଠକ ବସିଥିଲା। ଏଥିରେ ପ୍ରାଧିକରଣର ବରିଷ୍ଠ ଅଧିକାରୀମାନେ ଉପସ୍ଥିତ ଥିଲେ। ଏହାସହ ରାଜ୍ୟର ସମସ୍ତ ଆରଟିଓମାନେ ଭିଡିଓ କନଫରେନ୍ସିଂରେ ଯୋଡ଼ି ହୋଇଥିଲେ। ଏହି ଅଭିଯାନରେ ସମସ୍ତ ଅଧିକାରୀ ଓ କର୍ମଚାରୀ ଯୋଡ଼ି ହେବେ ବୋଲି ନିଷ୍ପତ୍ତି ହୋଇଛି। ଏହାସହ ପରିବହନ ସେବା ସହ ସଂପର୍କିତ ବିଭିନ୍ନ ବ୍ୟକ୍ତିବିଶେଷଙ୍କୁ ସାମିଲ କରାଯିବ। ରାଜ୍ୟ ପରିବହନ ପ୍ରାଧିକରଣ, କଟକ କାର୍ଯ୍ୟାଳୟ ସମେତ ରାଜ୍ୟବ୍ୟାପୀ ସମସ୍ତ ଆଞ୍ଚଳିକ ପରିବହନ ଅଧିକାରୀଙ୍କ କାର୍ଯ୍ୟାଳୟ ଓ ଏହାର ଆଖପାଖ ଅଞ୍ଚଳ ସଫେଇ କରାଯିବ। ସ୍ୱଚ୍ଛତା ଓ ଏହାର ଉପକାରିତା ସଂପର୍କରେ ସଚେତନ କରାଯିବ। ଦୈନନ୍ଦିନ ସଫେଇ କାର୍ଯ୍ୟରେ ଅବହେଳିତ ହୋଇ ରହିଯାଉଥିବା ସ୍ଥାନଗୁଡ଼ିକ ଚିହ୍ନଟ କରି ତାହାର ସଫେଇକୁ ଗୁରୁତ୍ୱ ଦିଆଯିବ। ରାଜପଥ କଡ଼, ବସଷ୍ଟପ୍, ରାସ୍ତାପାର୍ଶ୍ୱ ଢାବା, ଶୌଚାଳୟ ଆଦିରେ ସଫେଇ କରାଯିବ। ଏହାସହ ବୃକ୍ଷରୋପଣ, ସ୍ୱଚ୍ଛତା ଦୌଡ଼, ଶପଥପାଠ, ରାସ୍ତା ଓ ଫ୍ଲାଏଓଭରର ସୌନ୍ଦର୍ଯ୍ୟକରଣ କାର୍ଯ୍ୟକୁ ଏହି ଅଭିଯାନର ପ୍ରାଧାନ୍ୟରେ ରହିବ। ଏଥିପାଇଁ ସମସ୍ତ ପ୍ରସ୍ତୁତିକୁ ଠିକଣା ଢଙ୍ଗରେ କରିବାକୁ ପରିବହନ ଆୟୁକ୍ତ ଅମିତାଭ ଠାକୁର ସମସ୍ତ ଅଧିକାରୀଙ୍କୁ କହିଛନ୍ତି। ଏହି ଅଭିଯାନରେ ସଫେଇ ମିତ୍ରଙ୍କ ସୁରକ୍ଷା ସମ୍ବନ୍ଧିତ ସଚେତନତାକୁ ମଧ୍ୟ ବ୍ୟାପକ କରାଯିବ। ବିଭିନ୍ନ କ୍ୟାମ୍ପ ଜରିଆରେ ସେମାନଙ୍କୁ ସରକାରୀ ଯୋଜନା ସଂପର୍କରେ ଅବଗତ କରାଯିବ। ସଡ଼କ ଦୁର୍ଘଟଣା ରୋକିବା ଓ ଦୁର୍ଘଟଣାଗ୍ରସ୍ତଙ୍କୁ ସହାୟତା ସଂପର୍କରେ ଥିବା ଯୋଜନାଗୁଡ଼ିକୁ ଲୋକଙ୍କ ପାଖରେ ପହଞ୍ଚାଯିବାକୁ ନିଷ୍ପତ୍ତି ହୋଇଛି। ତେବେ ସ୍ୱଚ୍ଛତାର ଅଭ୍ୟାସ କେବଳ ୧୫ ଦିନରେ ସୀମିତ ନରଖି କାର୍ଯ୍ୟାଳୟ ତଥା ଆଖାପାଖରେ କିଭଳି ନିରନ୍ତର ଏହା କାର୍ଯ୍ୟକାରୀ ହେବ ସେ ସଂପର୍କରେ ସଚେତନତା ଓ ପଦକ୍ଷେପ ବୃଦ୍ଧି କରାଯିବ ବୋଲି ପରିବହନ ଆୟୁକ୍ତ କହିଛନ୍ତି। ବୈଠକରେ ଅନ୍ୟମାନଙ୍କ ମଧ୍ୟରେ ଅତିରିକ୍ତ ପରିବହନ ଆୟୁକ୍ତ ଇନ୍ଦ୍ରମଣି ନାୟକ, ଲାଲମୋହନ ସେଠୀ, ଦୀପ୍ତିରଂଜନ ପାତ୍ର, ଯୁଗ୍ମ ପରିବହନ ଆୟୁକ୍ତ ପ୍ରଦୀପ କୁମାର ମହାନ୍ତି ପ୍ରମୁଖ ଉପସ୍ଥିତ ଥିଲେ।

# ତିଆରି ହେବ ଦୁଇ ଶହ ଗୋଶାଳା



**ଭୁବନେଶ୍ୱର,୧୨।୯ (ମହାଭାରତ):** ସରକାର ରାଜ୍ୟର ବିଭିନ୍ନ ସ୍ଥାନରେ ୨୦୦ ଗୋଶାଳା ନିର୍ମାଣ କରିବାକୁ ନିଷ୍ପତ୍ତି କରିଛନ୍ତି। ଗୋମାତାଙ୍କ ସୁରକ୍ଷା ପାଇଁ ଏହି ଗୋଶାଳା ନିର୍ମାଣ ହେବ ଏବଂ ସେଠାରେ କୃତ୍ରିମ ପ୍ରଜନନ କରାଯାଇ ଦୁଗ୍ଧ ଉତ୍ପାଦନ ବୃଦ୍ଧି କରିବା ପାଇଁ ପଦକ୍ଷେପ ଗ୍ରହଣ କରାଯାଇଛି ବୋଲି ବିଭାଗୀୟ ମନ୍ତ୍ରୀ ଗୋକୁଳାନନ୍ଦ ମଲ୍ଲିକ ଆଜି ବିଧାନସଭାରେ ଘୋଷଣା କରିଛନ୍ତି।

ସେ କହିଛନ୍ତି ଯେ, ସରକାର ଜିଲ୍ଲାକୁ ସରକାର ଜିଲ୍ଲାକୁ ୨ଟି ଲେଖାଏଁ ଗାଈ ଯୋଗାଇ ଦେବାକୁ ଯୋଜନା କରିଛନ୍ତି। ଯେଉଁମାନେ କି ଅଧିକ ମାତ୍ରାରେ କ୍ଷୀର ଦେଉଥିବେ। ଏଥିସହିତ ଗୋଶାଳା କରିବାକୁ ସବୁ ବିଧାୟକଙ୍କୁ ଅନୁରୋଧ କରିଛନ୍ତି ମନ୍ତ୍ରୀ। ମନ୍ତ୍ରୀ ଏହା ବି କହିଛନ୍ତି ଯେ, ଗୋଶାଳାକୁ ପ୍ରୋତ୍ସାହନ ପାଇଁ ସରକାର ଋଣ ଦେଉଛନ୍ତି। ଏଥିରୁ ୯୦ ଭାଗ ଋଣ ଛାଡର ବ୍ୟବସ୍ଥା ହୋଇଛି। ତାହା ବ୍ୟତିତ ଗୋଖାଦ୍ୟ ପାଇଁ ଦୈନିକ ୫୪ ଟଙ୍କା ମଧ୍ୟ ମିଳିବ।

ନଗର ଉନ୍ନୟନ ମନ୍ତ୍ରୀ ଶ୍ରୀ କୃଷ୍ଣଚନ୍ଦ୍ର ମହାପାତ୍ର ଆଜି ବିଧାନସଭାରେ କହିଛନ୍ତି ଯେ, ଗୃହପାଳିତ ପଶୁ ମାନେ ଜଣେ ମଣିଷ ଭଳି ଶେଷ ସମୟରେ ଯେଭଳି ସମ୍ମାନ ପାଇବେ ସେଥିପାଇଁ କଟକ ଓ ଭୁବନେଶ୍ୱର ଭଳି ପ୍ରମୁଖ ସହରରେ ଉତ୍ସର୍ଗିକୃତ ପୋଷା କୁକୁର, ବିଲେଇଙ୍କ ପାଇଁ ଶବ ଦାହ କେନ୍ଦ୍ର ପ୍ରତିଷ୍ଠା କରିବା ସମ୍ପର୍କରେ ସରକାର ଏ ପର୍ଯ୍ୟନ୍ତ କୌଣସି ବିଚାର କରି ନାହାଁନ୍ତି। ତେବେ ଏହି ପ୍ରସ୍ତାବକୁ ମନ୍ତ୍ରୀ ପ୍ରଶଂଶନୀୟ ବୋଲି ବର୍ଣ୍ଣନା କରିବା ସହିତ ଏ ସମ୍ପର୍କରେ ପରିବେଶ ଦିଗ ଏବଂ ଜନସ୍ୱାସ୍ଥ୍ୟ ସେବାକୁ ମୁଲ୍ୟାୟନ କରି କ୍ଷେତ୍ର ବିଶେଷଜ୍ଞ ମାନଙ୍କ ସହ ପରାମର୍ଶ କରି କି ପଦକ୍ଷେପ ନିଆଯାଇ ପାରିବ ବୋଲି ମନ୍ତ୍ରୀ କହିଥିଲେ। କଂଗ୍ରେସ ସଦସ୍ୟା ସୋଫିଆ ଫିର୍ଦ୍ଦୋସଙ୍କ ଏକ ପ୍ରଶ୍ନର ଉତ୍ତରରେ ମନ୍ତ୍ରୀ ଶ୍ରୀ ମହାପାତ୍ର ଏହି ସୂଚନା ଦେଇଛନ୍ତି।

# ସିଏମ୍ କିଷାନ ଯୋଜନା ପାଇଁ ମୁଖ୍ୟମନ୍ତ୍ରୀଙ୍କୁ କୃତଜ୍ଞତା

**ଭୁବନେଶ୍ୱର,୧୨।୯ (ମହାଭାରତ):** ରାଜ୍ୟରେ ସିଏମ୍ କିଷାନ ଯୋଜନା ଲାଗୁ ହେବା ପରେ ରାଜ୍ୟର ବିଭିନ୍ନ ଅଞ୍ଚଳରୁ ମୁଖ୍ୟମନ୍ତ୍ରୀ ମୋହନ ମାଝୀଙ୍କୁ ଶୁଭେଚ୍ଛାର ସୁଅ ଛୁଟୁଛି। ବିଜେପି କୃଷକ ମୋର୍ଚ୍ଚା ରାଜ୍ୟ ସଭାପତି ମହେଶ୍ୱର ସାହୁଙ୍କ ନେତୃତ୍ୱରେ ଶତାଧିକ ନେତା ମୁଖ୍ୟମନ୍ତ୍ରୀ ଶ୍ରୀ ମାଝୀଙ୍କୁ ଭେଟି ତାଙ୍କୁ ଉଚ୍ଛ୍ୱସିତ ସମ୍ବର୍ଦ୍ଧନା ଜଣାଇଛନ୍ତି। ସେମାନେ ସାଙ୍ଗରେ ଆଣିଥିବା ଉତ୍ତରୀୟ ଏବଂ ଏକ ଝାମ୍ପି ମୁଖ୍ୟମନ୍ତ୍ରୀଙ୍କୁ ପିନ୍ଧାଇ ତାଙ୍କୁ ଗଭୀର କୃତଜ୍ଞତା ଜଣାଇଥିଲେ। ଏହା ସହିତ ସେମାନେ ଚାଷ କରିଥିବା ବିଭିନ୍ନ ପନିପରିବା ମଧ୍ୟ ପାଚିଆରେ ଭର୍ତ୍ତିକରି ମୁଖ୍ୟମନ୍ତ୍ରୀଙ୍କୁ ଉପହାର ଦେଇଥିଲେ। ଏହି ଅବସରରେ



ଏହି ଅବସରରେ ମୁଖ୍ୟମନ୍ତ୍ରୀ ଶ୍ରୀ ମୋହନ ଚରଣ ମାଝି ଉପସ୍ଥିତ ଚାଷୀମାନଙ୍କୁ କହିଥିଲେ ଯେ, ଓଡିଶାର ଚାଷୀମାନଙ୍କୁ ସମୃଦ୍ଧ କରିବା ପାଇଁ ଓ ଆୟକୁ ଦୁଇ ଗୁଣା କରିବାପାଇଁ ଡବଲ ଇଞ୍ଜିନ ସରକାର ସମର୍ପିତ ହୋଇ କାର୍ଯ୍ୟ କରୁଛି।

ଏହି କାର୍ଯ୍ୟକ୍ରମରେ ବିଜେପି କୃଷକ ମୋର୍ଚ୍ଚା ରାଜ୍ୟ ସାଧାରଣ ସମ୍ପାଦକ ଶ୍ରୀ ଉପେନ୍ଦ୍ର ଭ, ରାଜ୍ୟ ଉପସଭାପତି ଶ୍ରୀ ହୃଷିକେଶ ଜେନା ଓ ପୁଲିନ୍ ପ୍ରକାଶ ପୁହାଣ, ରାଜ୍ୟ ସମ୍ପାଦକ ଶ୍ରୀ ପ୍ରଶାନ୍ତ କୁମାର ସ୍ୱାଇଁ ଓ ଅଶୋକ କୁମାର ରଥ, ବରିଷ୍ଠ ବିଜେପି ନେତା ଶୁଭ୍ରାଂଶୁ ଶେଖର ପାଢୀ, ରାଜ୍ୟ ସଂଯୋଜକ ଡ. ଜଗନ୍ନାଥ ମହାପାତ୍ର, ସୁଦର୍ଶନ ବିଶ୍ୱାଳ, ସୀବ କୁମାର ରଣା, ସନ୍ତୋଷ କୁମାର ରାଉତ, ସନ୍ତୋଷ କୁମାର ଜେନା, ବିକ୍ରମ କୁମାର ରାଉତ, ଶିବ ପ୍ରସାଦ ମିଶ୍ର, ଅଜୟ କୁମାର ପ୍ରଧାନ, ଶ୍ରୀନିବାସ ପ୍ରଧାନ, ସନ୍ତୋଷ କୁମାର ପ୍ରଧାନ, ସୁରଥ କୁମାର ସେଠୀ, ଉତ୍କଳମଣି ମନ୍ତ୍ରୀ, ତପନ କୁମାର ବେହେରା, ସୁଶାନ୍ତ କୁମାର ମହାନ୍ତି, ପାଣ୍ଡବ ଚନ୍ଦ୍ର ଧଳ, ଦୁର୍ଯ୍ୟୋଧନ ଲେଙ୍କା, ଦିପ୍ତି ଜେନା, ଶ୍ରୀମତୀ ନନ୍ଦିନୀ ଶତପଥୀ, ସୁଶ୍ରୀ ଅମିତା କର ପ୍ରମୁଖଙ୍କ ସମେତ ଶତାଧିକ ଚାଷୀ ଯୋଗଦାନ କରିଥିଲେ।

# ସୁନା କିଣୁଥିଲେ ସାବଧାନ

**ଭୁବନେଶ୍ୱର,୧୨।୯ (ମହାଭାରତ):** ସୁନା କିଣୁଥିଲେ ସାବଧାନ। ଗ୍ରାହକଙ୍କୁ ଠକୁଛନ୍ତି ସୁନା ଦୋକାନୀ। ଗତ ୫ ମାସ ମଧ୍ୟରେ ଯୋଗାଣ ବିଭାଗ ପକ୍ଷରୁ କରାଯାଇ ଥିବା ୩୧୨୫ ରେଡ଼ ରେ ୧୧୬ ବ୍ୟବସାୟୀ ଗ୍ରାହକ ଙ୍କୁ ଠକି ଥିବା ନଜରକୁ ଆସିଛି। ସେମାନଙ୍କ ବିରୋଦ୍ଧରେ ମାମଲା ରୁଜୁ ହେବା ସହ ସେମାନଙ୍କଠୁ ୩ ଲକ୍ଷ ୧୩ ହଜାର ୮୦୦ ଟଙ୍କାର ଫାଇନ ଆଦାୟ କରାଯାଇଛି।



କେବଳ ଗଞ୍ଜାମ, ଖୋର୍ଦ୍ଧା ଓ କଟକରେ ସର୍ବାଧିକ ଠକେଇ ର ଶିକାର ହୋଇଛନ୍ତି ଗ୍ରାହକ। ଗଞ୍ଜାମ ଓ କଟକରେ ୧୭ ଜଣ ବ୍ୟବସାୟୀ ଗ୍ରାହକଙ୍କୁ ଠକି ଥିବା ନଜର କୁ ଆସିଥିବା ବେଳେ ଖୋର୍ଦ୍ଧା ରେ ୧୬ ବ୍ୟବସାୟୀ ଗ୍ରାହକଙ୍କୁ ଠକିଛନ୍ତି। ବଡ଼ କଥା ହେଲା ଗତ ବର୍ଷ ମଧ ୪୯୫ ବ୍ୟବସାୟୀ ଗ୍ରାହକଙ୍କୁ ଠକି ଥିବା ଜଣାପଡ଼ିଛି। ସେମାନଙ୍କଠୁ ୧୫ ଲକ୍ଷ ୩୦ ହଜାର ଫାଇନ ଆଦାୟ ହୋଇଛି। ବିଧାନସଭାରେ ଲିଖିତ ଉତ୍ତର ରଖିଛନ୍ତି ଯୋଗାଣ ମନ୍ତ୍ରୀ କୃଷ୍ଣଚନ୍ଦ୍ର ପାତ୍ର।

# ୫-ଟି ନାମରେ କୌଣସି ବିଭାଗ ନଥିଲା

**ଭୁବନେଶ୍ୱର,୧୨।୯ (ମହାଭାରତ):** ୫-ଟି ନାମରେ କୌଣସି ବିଭାଗ ନଥିଲା କିମ୍ବା ଏ ବିଭାଗ ପାଇଁ ଖର୍ଚ୍ଚ ହେବାକୁ ବଜେଟରେ କୌଣସି ବ୍ୟବସ୍ଥାନଥିଲା ବୋଲି ବିଦ୍ୟୁତ୍ ବିଭାଗ ଦାୟିତ୍ୱରେ ଥିବା ଉପମୁଖ୍ୟମନ୍ତ୍ରୀ କନକ ବର୍ଦ୍ଧନ ସିଂଦେଓ ଆଜି ବିଧାନସଭାରେ କହିଛନ୍ତି। ବିଜେଡି ବିଧାୟିକା ସୁଜାତା ସାହୁ ଓ ବିଧାୟକ ରମା ରଞ୍ଜନ ବିଶ୍ୱାଳଙ୍କ ପ୍ରଶ୍ନର ଉତ୍ତର ଦେଇ ଉପମୁଖ୍ୟମନ୍ତ୍ରୀ ଏ କଥା କହିଛନ୍ତି। ସେ କହିଛନ୍ତି ଯେ, ୫-ଟି ନାଁରେ ପୂର୍ବତନ ସରକାର ମନଇଛା ସ୍କୁଲ କରିବା ସହିତ ଏହାର ରୂପାନ୍ତରିକରଣ ବାବଦରେ କୋଟି କୋଟି ଟଙ୍କା ଖର୍ଚ୍ଚ କରାଯାଇଛି। ସେ ସମ୍ପର୍କରେ ରାଜ୍ୟ ସରକାର ତଦନ୍ତ କରୁଛନ୍ତି। ବିଜେଡି ବିଧାୟକ ମାନେ ୫-ଟି ଶବ୍ଦରୁ ଏ ପର୍ଯ୍ୟନ୍ତ ମୁକୁଳି ପାରି ନାହାଁନ୍ତି। ମନଇଛା ସ୍କୁଲ କରିବା, ବିଦ୍ୟୁତ୍ ଯୋଗାଇବା, ରୂପାନ୍ତରଣ କରିବାର ପରିଣାମ ଏବେ ଛାତ୍ରଛାତ୍ରୀ ମାନେ ଭୋଗ କରୁଛନ୍ତି। ସ୍କୁଲରେ ଯେଉଁ ବିଦ୍ୟୁତ୍ ବିଲ୍ ଆସୁଛି ତାକୁ ଦେବା ପାଇଁ ସ୍କୁଲ ହାତରେ ଅର୍ଥ ନାହିଁ। ପଞ୍ଚାୟତକୁ ବକେୟା ବିଲ୍ ଭରଣା କରିବାକୁ ୧୦୫ କୋଟି ଟଙ୍କା ଦିଆଯାଇଛି।

# ୨୦୨୫ ମାର୍ଚ୍ଚ ସୁଦ୍ଧା ସବୁ ରାଜସ୍ୱ ଗାଁକୁ ବିଜୁଳି : ଉପମୁଖ୍ୟମନ୍ତ୍ରୀ

**ଭୁବନେଶ୍ୱର,୧୨।୯ (ମହାଭାରତ):** ୨୦୨୫ ମାର୍ଚ୍ଚ ସୁଦ୍ଧା ରାଜ୍ୟର ସବୁ ରାଜସ୍ୱ ଗାଁକୁ ବିଜୁଳି ସଂଯୋଗ କରାଯିବ ବୋଲି ଆଜି ବିଧାନସଭାରେ ଶକ୍ତି ବିଭାଗର ଦାୟିତ୍ୱରେ ଥିବା ଉପମୁଖ୍ୟମନ୍ତ୍ରୀ କନକ ବର୍ଦ୍ଧନ ସିଂ ଦେଓ ଘୋଷଣା କରିଛନ୍ତି।



ଆଜି ପ୍ରଶ୍ନୋତ୍ତର କାଳରେ ଘସିପୁରା ବିଧାୟକ ବଦ୍ରିନାରାୟଣ ପାତ୍ର ଓ ତେଲକୋଇ ବିଧାୟକ ଫକିର ମୋହନ ନାୟକଙ୍କ ପ୍ରଶ୍ନର ଉତ୍ତର ଦେଇ ଶ୍ରୀ ସିଂ ଦେଓ କହିଛନ୍ତି ଯେ, ଅପହଞ୍ଚ ଅଞ୍ଚଳରେ ବିଦ୍ୟୁଥ୍ ସଂଯୋଗ ଲାଗି ଓରେଡ଼ା ଦାୟିତ୍ୱରେ ଥିବା ଜିଲ୍ଲାସ୍ତରୀୟ କମିଟି ବୈଠକ ଦୀର୍ଘ ୨୫ ବର୍ଷ ହେଲା କୌଣସି ଜିଲ୍ଲାରେ ନିୟମିତ ଭାବେ ବସି ନାହିଁ। ଯାହା ଫଳରେ କେଉଁ ଗ୍ରାମକୁ ବିଦ୍ୟୁତ୍ ପହଞ୍ଚି ପାରି ନାହିଁ ତାହା ସରକାର ଜାଣି ପାରି ନଥିଲେ। ବିଜେଡି ସରକାରର ଏହି ଅବହେଳା ପାଇଁ ବହୁ ରାଜସ୍ୱ ଗ୍ରାମକୁ ଏ ପର୍ଯ୍ୟନ୍ତ ବିଜୁଳୀ ଶକ୍ତି ଯୋଗାଇ ଦିଆଯାଇ ନାହିଁ। ତେଣୁ ଏହି ବୈଠକ କାହିଁକି ବସୁନି ବୋଲି ବିରୋଧି ଦଳର ସଦସ୍ୟ ମାନେ ଯେଉଁ ପ୍ରଶ୍ନ ପଚାରୁଛନ୍ତି ସେ ପ୍ରଶ୍ନର ଉତ୍ତର ସେହି ମାନେ ହିଁ ଦେଇ ପାରିବେ। ୨୪ ବର୍ଷ ହେଲା ସେମାନେ କଣ କରୁଥିଲେ।

ଶ୍ରୀ ସିଂହ ଦେଓ କହିଥିଲେ ଯେ, ଆମ ସରକାର ଆସିବା ପରେ ନିଷ୍ପତ୍ତି କରିଛି ଯେ, ୨୦୨୫ ମାର୍ଚ୍ଚ ସୁଦ୍ଧା ସବୁ ରାଜସ୍ୱ ଗ୍ରାମକୁ ବିଦ୍ୟୁତ୍ ଶକ୍ତି ଯୋଗାଇ ଦିଆଯିବ। ବିଦ୍ୟୁତ୍ କମିଟି ବୈଠକ ନିୟମିତ ବସିବ। ବିଦ୍ୟୁତ୍ କାର୍ଯ୍ୟକ୍ରମ ସମ୍ପର୍କରେ ବିଭିନ୍ନ ସମୟରେ ସମୀକ୍ଷା ମଧ୍ୟ କରାଯିବ।

ମନ୍ତ୍ରୀ ବିରୋଧି ଦଳକୁ ପ୍ରଶ୍ନ କରିଥିଲେ ଯେ, ୨୪ବର୍ଷ ହେବ ଆପଣଙ୍କ ସରକାର ଥିଲା। କାହିଁକି କମିଟି ନିୟମିତ ବସିନଥିଲା ଆପଣ ସେତେବେଳେ କହିବା କଥା। ଆମେ ୩ମାସ ହେବ ଆସିଛୁ, ନିୟମିତ କମିଟି ବସିବ ବୋଲି ଆଶ୍ୱାସନା ଦେଇଛନ୍ତି କେଭି।

ବିଧାୟକ ଅଶୋକ କୁମାର ଦାସଙ୍କ ପ୍ରଶ୍ନର ଉତ୍ତର ଦେଇ ଶ୍ରୀ ସିଂ ଦେଓ କହିଛନ୍ତି ଯେ, ମାଗଣାରେ ବିଦ୍ୟୁତ୍ ସେବା ମିଳିବ ନାହିଁ। ରାଜ୍ୟ ସରକାରଙ୍କ ୩୦୦ ୟୁନିଟ୍ ମାଗଣା ବିଦ୍ୟୁତ୍ ବିତରଣ ଉପରେ ଏଭଳି ରୋକ୍ ଲଗାଇଛନ୍ତି ମନ୍ତ୍ରୀ। ଆଜି ବିଧାନସଭାରେ ଏ ସଂକ୍ରାନ୍ତୀୟ ପ୍ରଶ୍ନର ଉତ୍ତରରେ ସେ କହିଥିଲେ ଯେ, ବିଦ୍ୟୁତ୍ ପାଇଁ ଦେୟ ଦେବାକୁ ପଡ଼ିବ। ସେବାଗୁଡିକୁ ମାଗଣା ଯୋଗାଇ ଦିଆଯାଇପାରିବ ନାହିଁ। ଶକ୍ତି ସଂରକ୍ଷଣ ଶିଖନ୍ତୁ, ମାଗଣା ବିଦ୍ୟୁତ୍ ଆଶା କରନ୍ତୁ ନାହିଁ।’

ଉପମୁଖ୍ୟମନ୍ତ୍ରୀ କହିଛନ୍ତି ଯେ ଲୋକମାନେ ଶକ୍ତି ସଂରକ୍ଷଣ ଶିଖିବା ଉଚିତ ଏବଂ ମାଗଣା ବିଦ୍ୟୁତ୍ ଆଶା କରିବା ଉଚିତ୍ ନୁହେଁ।

ଭିଡିଓ ମାଧ୍ୟମରେ ଗ୍ରାହକଙ୍କୁ ଶକ୍ତି ସଂରକ୍ଷଣ ଉପରେ ଶିକ୍ଷା ତଥା ସଚେତନତା ପାଇଁ ପଦକ୍ଷେପ ନିଆଯାଉଛି ବୋଲି ସେ କହିଛନ୍ତି।

# ପ୍ରବାସୀମାନେ ରହୁଥିବା ସ୍ଥାନରେ ଇ-କେୱାଇସି କରିପାରିବେ : ମନ୍ତ୍ରୀ

**ଭୁବନେଶ୍ୱର,୧୨।୯ (ମହାଭାରତ):** ଇ-କେୱାଇସି ଲିଙ୍କ୍ ହେବା ପରେ ରାଜ୍ୟରେ ୧୬ ଲକ୍ଷ ୨୭ ହଜାର ୯୨୦ ଜଣ ଭୂତ ହିତାଧିକାରୀଙ୍କ ନାମ ରେସନକାର୍ଡରୁ କଟାଯାଇଛି ବୋଲି ଖାଦ୍ୟ ଓ ଯୋଗାଣମନ୍ତ୍ରୀ କୃଷ୍ଣଚନ୍ଦ୍ର ପାତ୍ର ଆଜି ବିଧାନସଭାରେ ପ୍ରକାଶ କରିଛନ୍ତି। କଂଗ୍ରେସ ବିଧାୟିକା ସୋଫିଆ ଫିର୍ଦ୍ଦୋସଙ୍କ ଏକ ପ୍ରଶ୍ନର ଉତ୍ତର ଦେଇ ମନ୍ତ୍ରୀ କହିଛନ୍ତି ଯେ, ୨୦୧୬-୧୭ରୁ ବର୍ତ୍ତମାନ ପର୍ଯ୍ୟନ୍ତ ରାସନ କାର୍ଡରୁ ୧୬ ଲକ୍ଷ ୨୭ ହଜାର ୯୨୦ ଜଣଙ୍କ ନାଁ ହଟାଯାଇଛି। ରାଜ୍ୟ ସରକାର ନିକଟରେ ରାସନ କାର୍ଡରେ ଥିବା ସବୁ କାର୍ଡଧାରୀଙ୍କୁ ଆଧାର ସହ ଇ-କେୱାଇସି ଲିଙ୍କ୍ କରିବାକୁ ନିର୍ଦ୍ଦେଶ ଦେଇଛନ୍ତି। ଯାହାଦ୍ୱାରା ଆଗକୁ ଆହୁରି ଅଯୋଗ୍ୟ କାର୍ଡଧାରୀଙ୍କ ନାମକୁ ହଟାଯାଇ ପାରିବ। ଯୋଗାଣ ମନ୍ତ୍ରୀ ତାଙ୍କ ଉତ୍ତରରେ କହିଥିଲେ ଯେ, ଗତ ଅଗଷ୍ଟ ୨୨ ତାରିଖରୁ ଇ-କେୱାସି ପଞ୍ଜିକରଣ କାର୍ଯ୍ୟ ଚାଲୁ ରହିଛି। ଏହା ଡିସେମ୍ବର ମାସ ପର୍ଯ୍ୟନ୍ତ ଚାଲିବ। ଯେଉଁ ପ୍ରବାସୀ ମାନେ ଓଡ଼ିଶା ବାହାରେ ରହିଛନ୍ତି ସେମାନେ ଏହି ପଞ୍ଜିକରଣ ପାଇଁ ଓଡ଼ିଶା ଆସିବା ଦରକାର ପଡ଼ିବ ନାହିଁ। ସେମାନେ ଯେଉଁଠି ଅଛନ୍ତି ସେମାନେ ସେହିଠାରେ ଟିପ ଦେଇ ଇ-କେୱାଇସି ପଞ୍ଜିକରଣ କରିବାର ବ୍ୟବସ୍ଥା ରହିଛି। ସେମାନେ ଯେଉଁଠି ଚାହିଁବେ ସେମାନେ ସେହି ରାଜ୍ୟର ସେଣ୍ଟରକୁ ଯାଇ ଫିଙ୍ଗର ପ୍ରିଣ୍ଟ ଦେଇ କେୱାଇସି କରିପାରିବେ ବୋଲି ମନ୍ତ୍ରୀ ଶ୍ରୀ ପାତ୍ର ସ୍ପଷ୍ଟ କରିଛନ୍ତି।

# ଜେନେରି କାର୍ଟର ନୂତନ ଶାଖା ଉଦଘାଟିତ





**ଭୁବନେଶ୍ୱର,୧୨।୯ (ମହାଭାରତ):** ଅଗ୍ରଣୀ ଜେନେରିକ୍ ମେଡ଼ିସିନ କମ୍ପାନୀ ପକ୍ଷରୁ ଭୁବନେଶ୍ୱରର ବରଗଡ ବ୍ରିଟ୍ କଲୋନୀରେ ଆନୁଷ୍ଠାନିକ ଭାବରେ ଜେନେରି କାର୍ଟର ଏହାର ନୂତନ ଶାଖା ଖୋଲିଯାଇଛି। ଏହି ଉଦଘାଟନୀ ସମାରୋହରେ ୱାର୍ଡ ନଂ ୪୪ର ଅଜିତ ବେହେରାଙ୍କ ସମେତ ସ୍ଥାନୀୟ କର୍ପୋରେଟରଙ୍କ ସନ୍ତୋଶ ସିଂ ଏବଂ ଅନ୍ୟାନ୍ୟ ସମ୍ମାନିତ ଡାକ୍ତରମାନେ ଉପସ୍ଥିତ ଥିଲେ। ସମାଜର ଉନ୍ନତି ପାଇଁ ଉଚ୍ଚ-ଗୁଣାତ୍ମକ ସହ ସୁଲଭ ମୂଲ୍ୟରେ ଔଷଧ ଯୋଗାଇବା ଦିଗରେ ଏହି କମ୍ପାନୀର ଏକ ଗୁରୁତ୍ୱପୂର୍ଣ୍ଣ ପଦକ୍ଷେପ ଗ୍ରହଣ କରିଛି। ଓଡିଶାରେ ସମୁଦାୟ ୨୦ଟି ଶାଖା ସହିତ ଜେନେରିକ୍ କାର୍ଟ ମେଡିସିନ୍ ଏହାର ଶାଖା ବିସ୍ତାର କରିପାରିଛି। ଏହି ବର୍ଷ ମଧ୍ୟରେ ରାଜ୍ୟରେ ଆଉ ୬ଟି ଶାଖା ଖୋଲିବାର ଯୋଜନା କମ୍ପାନୀ ପକ୍ଷରୁ ଖୋଲାଯିବ। ବରଗଡ ବ୍ରିଟ କଲୋନୀ ଠାରେ ନୂତନ ଭାବେ ଉନ୍ମୋଚିତ ହୋଇଥିବା ଷ୍ଟୋରରେ ଗ୍ରାହକମାନେ ଔଷଧ ଉପରେ ୭୦% ପ୍ରତିଶତରୁ ଅଧିକର ରିହାତିର ଲାଭ ଉଠାଇ ପାରିବେ, ଗ୍ରାହକ ମାନଙ୍କୁ ସୁଲଭ ମୂଲ୍ୟରେ ସର୍ବୋଚ ଗୁଣାତ୍ମକ ସ୍ୱାସ୍ଥ୍ୟସେବା ଉତ୍ପାଦମାନ ମିଳିପାରିବ।

# ନ୍ୟାୟିକ ବ୍ୟବସ୍ଥା

୧୪୦ କୋଟି ଜନସଂଖ୍ୟା ବିଶିଷ୍ଟ ଦେଶରେ ମାମଲା ସଂଖ୍ୟା ଅଧିକ ରହିବା ସ୍ୱାଭାବିକ। ଦ୍ୱିତୀୟରେ ତଦନ୍ତ ପ୍ରକ୍ରିୟାରେ ବିଳମ୍ବ। ଗୋଟିଏ ଗୋଟିଏ ମାମଲାର ତଦନ୍ତ ବର୍ଷ ବର୍ଷ ଧରି ଚାଲୁଛି। ହେଲେ ଦୋଷୀଙ୍କ ବିରୋଧରେ ଚାର୍ଜସିଟ୍ ପ୍ରସ୍ତୁତ ହୋଇପାରୁନାହିଁ। ତଦନ୍ତକାରୀ ଅଧିକାରୀ ବଦଳି ହୋଇ ଚାଲିଯାଉଛନ୍ତି, ଅବସର ନେଇଗଲେ ମଧ୍ୟ ତଦନ୍ତ ସରୁନାହିଁ। ଆଉ ଅନେକ କ୍ଷେତ୍ରରେ ଅଭିଯୁକ୍ତଙ୍କ ବିୟୋଗ ହୋଇଗଲେ ମଧ୍ୟ ମାମଲା ସରୁନାହିଁ। ଏହାକୁ କହନ୍ତି ବିଡ଼ମ୍ବିତ ନ୍ୟାୟ। ଏଭଳି ଏକ ମାମଲା ହେଲା ୧୯୮୪ର ଶିଖ ବିରୋଧୀ ଦଙ୍ଗା। ଏଥିରେ ଜଣେ ପ୍ରମୁଖ ଅଭିଯୁକ୍ତ ପୂର୍ବତନ କେନ୍ଦ୍ରମନ୍ତ୍ରୀ ଜଗଦୀଶ ଟାଇଟଲରଙ୍କ ବିରୋଧରେ ଚାର୍ଜସିଟ୍ ପ୍ରସ୍ତୁତ ଲାଗି ଦିଲ୍ଲୀର ଏକ କୋର୍ଟ ନିର୍ଦ୍ଦେଶ ଦେଇଛନ୍ତି। ତାଙ୍କ ବିରୋଧରେ ଅଭିଯୋଗର ଯଥେଷ୍ଟ ସାକ୍ଷ୍ୟ ପ୍ରମାଣ ରହିଛି ବୋଲି କୋର୍ଟ କହିଛନ୍ତି। ଏହି ଘଟଣାକୁ ୪୦ ବର୍ଷ ବିତିଗଲାଣି। ତଥାପି ଅଭିଯୁକ୍ତଙ୍କ ବିରୋଧରେ ଦଣ୍ଡ ବିଧାନ ହୋଇନପାରିବା ଦୁର୍ଭାଗ୍ୟଜନକ। ୧୯୮୪ରେ ଅପରେସନ ବ୍ଲୁ-ଷ୍ଟାରର ପ୍ରତିଶୋଧ ନେବାକୁ ତତ୍କାଳୀନ ପ୍ରଧାନମନ୍ତ୍ରୀ ଇନ୍ଦିରା ଗାନ୍ଧୀଙ୍କୁ ତାଙ୍କ ଅଙ୍ଗରକ୍ଷୀ ଗୁଳି କରି ହତ୍ୟା କରିଥିଲେ। ସେ ଥିଲେ ଜଣେ ଶିଖ ଧର୍ମାବଲମ୍ବୀ। ତେଣୁ ଇନ୍ଦିରାଙ୍କ ହତ୍ୟା ପରେ ଦିଲ୍ଲୀରେ ଆରମ୍ଭ ହୋଇଥିଲା ଶିଖ ବିରୋଧୀ ଦଙ୍ଗା। ଶହ ଶହ ଶିଖ ଧର୍ମାବଲମ୍ବୀଙ୍କୁ ହତ୍ୟା କରାଯାଇଥିଲା। ଏଥିରେ କଂଗ୍ରେସ ନେତା ଜଗଦୀଶ ଟାଇଟଲରଙ୍କ ସମ୍ପୃକ୍ତି ଅଭିଯୋଗ ହୋଇଥିଲା। ତାଙ୍କ ବିରୋଧରେ ହତ୍ୟା, ହିଂସା ଏବଂ ଦଙ୍ଗା ଲାଗି ଉସୁକାଇବା, ଧର୍ମପୀଠ ଉପରେ ଆକ୍ରମଣ, ନିଆଁ ଲଗାଇବା, ଲୁଟ ଏବଂ ଉତ୍ତେଜନା ସୃଷ୍ଟିକାରୀ ଭାଷଣ ଦେବା ଅଭିଯୋଗ ଆସିଛି। ଦିଲ୍ଲୀର ଗୋଟିଏ ଗୁରୁଦ୍ୱାରା ଉପରେ କିଛି ଲୋକ ଆକ୍ରମଣ କରି ତିନିଜଣଙ୍କୁ ହତ୍ୟା କରିଥିଲେ। ହତ୍ୟାକାରୀମାନେ ଜଗଦୀଶ ଟାଇଟଲରଙ୍କ ନେତୃତ୍ୱରେ ଆସିଥିଲେ, ତାଙ୍କ ଇଙ୍ଗିତ ଏବଂ ନିର୍ଦ୍ଦେଶରେ ଗୁରୁଦ୍ୱାରା ଉପରେ ଆକ୍ରମଣ କରିଥିଲେ। ନିରୀହ ଲୋକଙ୍କୁ ହତ୍ୟା କରିଥିଲେ। ହାତରେ ସେମାନେ ତଲୱାର, ଲୁହାରଡ଼, ବାଡ଼ି, ପେଟ୍ରୋଲ ଆଦି ଧରି ସେମାନେ ଗୁରୁଦ୍ୱାରା ଉପରେ ଆକ୍ରମଣ କରିଥିଲେ। ଏଭଳି ଅନେକ ଘଟଣା ଘଟିଛି ଯେଉଁଥିରେ କଂଗ୍ରେସ କର୍ମୀମାନେ ସାମିଲ ଥିଲେ। ଏମାନଙ୍କର ନେତା ଥିଲେ ଜଗଦୀଶ ଟାଇଟଲର। ଆଉ ଜଣେ ନେତା ସଜ୍ଜନ କୁମାରଙ୍କ ବିରୋଧରେ ମଧ୍ୟ ଏଭଳି ଅଭିଯୋଗ ଆସିଥିଲା। ୪୦ ବର୍ଷ ଭିତରେ ଅନେକ ଅଭିଯୁକ୍ତ ମରିହଜି ଗଲେଣି। ଅନେକ ମୃତକଙ୍କ ପରିବାରରେ ତାଙ୍କ ଉତ୍ତରାଧିକାରୀମାନେ ମଧ୍ୟ ମରିଗଲେଣି। ଅନେକ ନ୍ୟାୟ ପାଇଁ ଅପେକ୍ଷା କରି କରି ହତାଶ ହୋଇଗଲେଣି। ମାମଲାର ୪୦ ବର୍ଷ ପରେ ବି ଯଦି ନ୍ୟାୟିକ ପ୍ରକ୍ରିୟା ଶେଷ ହୋଇପାରିଲାନି, ତେବେ ଏହାକୁ ନ୍ୟାୟ ବୋଲି କୁହାଯାଇପାରିବ ନାହିଁ। ଏହାକୁ ଅନ୍ୟାୟର ଜ୍ୱଳନ୍ତ ଉଦାହରଣ ବୋଲି କୁହାଯାଇପାରିବ। ବିଗତ ୪୦ ବର୍ଷ ଭିତରେ ଦେଶର ରାଜନୈତିକ ସ୍ତରରେ ଅନେକ ପରିବର୍ତ୍ତନ ହୋଇଗଲାଣି। ୪୦ ବର୍ଷ ଭିତରେ କଂଗ୍ରେସ ଅନେକ ବର୍ଷ ଧରି କ୍ଷମତାରେ ରହିଛି। ଅଭିଯୁକ୍ତମାନେ ମନ୍ତ୍ରୀ, ସାଂସଦ ହୋଇଛନ୍ତି। ତେଣୁ ମାମଲାକୁ ଚାପି ଦେବାକୁ ଭରପୁର ପ୍ରୟାସ କରାଯାଇଛି। ମାମଲା ଏବେ ବି ରହିଛି, କିନ୍ତୁ ଏହା ମୂଲ୍ୟହୀନ। ଯଦି ବା ଏବେ ତଳକୋର୍ଟରେ ମାମଲାର ଫଇସଲା ହୁଏ ଏବଂ ଅଭିଯୁକ୍ତ ଦଣ୍ଡିତ ହୁଅନ୍ତି ତେବେ ବି ଏହାକୁ ନ୍ୟାୟ ବୋଲି କୁହାଯାଇପାରିବ ନାହିଁ। ଅଭିଯୁକ୍ତମାନେ ଏହା ବିରୋଧରେ ଉପରକୋର୍ଟକୁ ଯାଇପାରନ୍ତି। ସୁପ୍ରିମକୋର୍ଟ ପର୍ଯ୍ୟନ୍ତ କଥା ଯିବ। ତେଣୁ ଦଣ୍ଡବିଧାନ ଚୁଡ଼ାନ୍ତ ହେବାକୁ ହୁଏ ଆହୁରି ୧୦ ବର୍ଷ ଲାଗିଯାଇପାରେ। ଏଭଳି ନ୍ୟାୟିକ ବ୍ୟବସ୍ଥା ଆମ ସମ୍ବିଧାନର ସବୁଠାରୁ ବଡ଼ ଦୁର୍ବଳତା ଏବଂ କଳଙ୍କ।

# ସାଧୁ - ସର୍ବ ଭୂତ ହିତେ ରତଃ

"

*ସାଧୁସନ୍ଥମାନେ ଏ ଧରଣୀର ଆଶୀର୍ବାଦ। ଏମାନେ ଚଳନ୍ତି ଈଶ୍ୱର ଭାବେ ଅବିହିତ। ବର୍ଷାଣାଂ ଭାରତ ଶ୍ରେଷ୍ଠ। ବିଶ୍ୱ ବକ୍ଷରେ ଭାତ ଭୂଖଣ୍ଡ ସର୍ବ ଶ୍ରେଷ୍ଠ ବୋଲି ବିହିତ ଅଛି। ପ୍ରାୟ ସମସ୍ତ ଦେବାଦେବୀମାନେ ଏହି ଭୂଖଣ୍ଡରେ ହିଁ ଅବତାର ଗ୍ରହଣ କରିଛନ୍ତି। ଏହା କେବଳ ମାଟି ଗୋଡ଼ିର ଏକ ଭୂଭାଗ ନୁହେଁ, ଏହି ମାଟି ଆମର ମା'। ଏହି ଦେଶର ମାଟି ପାଣି ପବନ ସବୁ ଅତ୍ୟନ୍ତ ପବିତ୍ର। ଏହାର ମାଟି ଆମ ପାଇଁ ଚନ୍ଦନ, ପାଣି ପବିତ୍ର ଗଙ୍ଗାଜଳ, ପବନ ସାକ୍ଷାତ ମଳୟ ହିଲ୍ଲୋଳ।*

॥ ହେମନ୍ତ କୁମାର ପରିଡ଼ା ॥

ଭଗବାନ ତାଙ୍କ ପରମ ଶାସ୍ତ୍ର ଭାଗବତରେ ଏକ ଘୋଷଣା କରିଛନ୍ତି। 'ଏ ଜୀବ ସାଧୁସଙ୍ଗ ବିନୁ। ଲଭି ନପାରେ ମୋର ତନୁ।' ଏହା ଏକ ସିଦ୍ଧାନ୍ତ, ଏକ ଉଦଘୋଷଣା। ଜୀବନରେ ପରମ ଶାନ୍ତି ଓ ଆନନ୍ଦ ପ୍ରାପ୍ତି ପାଇଁ ଭଗବତ ସାକ୍ଷାତକାର ସଭିଙ୍କର ଶ୍ରେଷ୍ଠ ଅଭିଳାଷ। କିନ୍ତୁ ଏହି ଅଭିଳାଷର ପୂର୍ତ୍ତି ପାଇଁ ସାଧୁସଙ୍ଗ ଏକମାତ୍ର ପଥ ବୋଲି ସ୍ୱୟଂ ଭଗବାନ ନିର୍ଦ୍ଦେଶ କରିଛନ୍ତି। ଭାଗବତ ମହାପୁରାଣରେ ସାଧୁଙ୍କ ମହିମା ଘୋଷଣା କରି କୁହାଯାଇଛି 'ସାଧୁ ଯେ ମଳୟ ପବନ, କାଷ୍ଠକୁ କରଇଁ ଚନ୍ଦନ।' ଯେପରି ମଳୟ ସ୍ପର୍ଶରେ ନିମ୍ବ ଦାରୁ ଚନ୍ଦନରେ ରୂପାନ୍ତର ହୋଇଯାଏ, ସେହିଭଳି ସାଧୁଙ୍କ ସଂସ୍ପର୍ଶରେ ପାଶାଣ୍ଡ ମଧ ପ୍ରସିଦ୍ଧ ସନ୍ଥ ହୋଇଥିବାର ବହୁ ଉଦାହରଣ ଆମ ଶାସ୍ତ୍ର ପୁରାଣ ଓ ଲୋକ କଥାରେ ବର୍ଣ୍ଣିତ ହୋଇଛି।

ଦସ୍ୟୁ ରତ୍ନାକର ଭଳି ଦୂରଚାରୀ ଦେବର୍ଷି ନାରଦଙ୍କ ସଂସ୍ପର୍ଶରେ ଆସି ମହାନ ତପସ୍ୱୀ ହୋଇଗଲେ। ସାଧୁ ହୋଇ ଆଦିକବି ଭାବେ ପ୍ରସିଦ୍ଧି ଲାଭ କଲେ। ଅଙ୍ଗୁଳୀମାଳ ଭଳି ଦୁର୍ଦ୍ଧର୍ଷ ଡାକୁ ଭଗବାନ ବୁଦ୍ଧଙ୍କ ଦର୍ଶନ କରି ମହାତ୍ମା ହୋଇଗଲେ। ଜଗାଇ ମାଧୋଇ ଦୁଇଜଣ ଦୁରାଚାରୀ ଥିଲେ। ପ୍ରେମମୂର୍ତ୍ତି ଶ୍ରୀଚୈତନ୍ୟଙ୍କ ସଂସ୍ପର୍ଶରେ ଆସି ସାଧୁ ବୈଷ୍ଣବ ହୋଇଗଲେ ଜୟ ପ୍ରକାଶ ନାରାୟଣଙ୍କ ପ୍ରଭାବରେ ଚମ୍ବଲ ଉପତ୍ୟକାର ଦସ୍ୟୁମାନେ ତାଙ୍କର କୁପ୍ରବୃତ୍ତି ପରିତ୍ୟାଗ କରି ଭଲ ମଣିଷ ହେବାକୁ ସଙ୍କଳ୍ପ ନେଇଥିଲେ। ଏହିଭଳି ଅନେକ ଉଦାହରଣ ଆମ ସମାଜରେ ଅଛି। ଅଗ୍ନି ସଂସ୍ପର୍ଶରେ ଆସି ଧାତୁ କାଷ୍ଠାଦି ଇତର ପଦାର୍ଥମାନ ଅଗ୍ନିରୂପ ଧାରଣ କରିଥାନ୍ତି। ଚୁମ୍ବକ ପ୍ରଭାବରେ ଲୁହା ଚୁମ୍ବକର ଗୁଣମାନ ଧାରଣ କରିଥାଏ। ଏହା ମହତ ଆଶ୍ରୟ ବା ସାଧୁ ସଙ୍ଗର ପ୍ରଭାବ। ସ୍ପର୍ଶମଣିର ସ୍ପର୍ଶରେ ଲୁହା ସୁନାରେ ପରିଣତ ହୋଇଯାଏ। ସେହିଭଳି ମଣିଷ ମଣିଷ ଇତର ପ୍ରାଣୀମାନେ ମଧ ସାଧୁସଙ୍ଗ ପ୍ରଭାବରେ ପରିବର୍ତ୍ତନ ହେବାର ଅନେକ ଉଦାହରଣ ଅଛି। ସଂସାର ବନ୍ଧନରୁ ପରିତ୍ରାଣ ପାଇଁ ସାଧୁସଙ୍ଗ ପ୍ରସସ୍ତ ପଥ ଅଟେ। ସେଥିପାଇଁ କୁହାଯାଇଛି 'କ୍ଷଣମିହ ସଜ୍ଜନ ସଙ୍ଗତିରେକା, ଭବତି ଭବାର୍ଣ୍ଣବ ତରଣେନୌକା।'

ସାଧୁସନ୍ଥମାନେ ଏ ଧରଣୀର ଆଶୀର୍ବାଦ। ଏମାନେ ଚଳନ୍ତି ଈଶ୍ୱର ଭାବେ ଅବିହିତ। ବର୍ଷାଣାଂ ଭାରତ ଶ୍ରେଷ୍ଠ। ବିଶ୍ୱ ବକ୍ଷରେ ଭାତ ଭୂଖଣ୍ଡ ସର୍ବ ଶ୍ରେଷ୍ଠ ବୋଲି ବିହିତ ଅଛି। ପ୍ରାୟ ସମସ୍ତ ଦେବାଦେବୀମାନେ ଏହି ଭୂଖଣ୍ଡରେ ହିଁ ଅବତାର ଗ୍ରହଣ କରିଛନ୍ତି। ଏହା କେବଳ ମାଟି ଗୋଡ଼ିର ଏକ ଭୂଭାଗ ନୁହେଁ, ଏହି ମାଟି ଆମର ମା'। ଏହି ଦେଶର ମାଟି ପାଣି ପବନ ସବୁ ଅତ୍ୟନ୍ତ ପବିତ୍ର। ଏହାର ମାଟି ଆମ ପାଇଁ ଚନ୍ଦନ, ପାଣି ପବିତ୍ର ଗଙ୍ଗାଜଳ, ପବନ ସାକ୍ଷାତ ମଳୟ ହିଲ୍ଲୋଳ। ଏଠିକାର ସମୁଦ୍ର ମହୋଦଧି। ଏହି ମାର ଧୂଳିକୁ ଆମେ ତିଳକ କରି ମଥାରେ ଧାରଣ କରୁ। ଭାରତମାତା ତୀର୍ଥ ରାଜିରେ ପରିପୂର୍ଣ୍ଣ ବୋଲି ନକହି କୁହାଯାଇପାରେ ଏହି ବିଶାଳ ଭାରତ ଭୂଖଣ୍ଡ ଏକ ତୀର୍ଥକ୍ଷେତ୍ର। ଯେତେବେଳେ ସାରା ବିଶ୍ୱ ଅଜ୍ଞାନ ଅନ୍ଧକାରରେ ଆବୃତ ଥିଲା ସେତେବେଳେ ଭାରତ ବର୍ଷରେ ଜ୍ଞାନଦୀପ ପ୍ରଜ୍ୱୋଳିତ ଥିଲା। ଭାରତର ଅଧିବାସୀମାନେ ନିତ୍ୟ ଜ୍ଞାନରତ ରହି ଭାରତ ମାତାର ମୁଖଶ୍ରୀକୁ ଉଜ୍ଜ୍ୱଳ କରିବା ସହିତ ବିଶ୍ୱବାସୀଙ୍କୁ ଆପଣ ଜ୍ଞାନାଲୋକରେ ଜ୍ଞାନଦୀପ୍ତ କରିଥିଲେ। ଜୀବନର ପରିପୂର୍ଣ୍ଣତା ପଥେ ଏମାନଙ୍କ ମାର୍ଗ ଦର୍ଶନ ଅବିସ୍ମରଣୀୟ। ସର୍ବ ଭୂତଙ୍କ ହିତରେ ରତିଥିବା ବ୍ୟକ୍ତି ହେଉଛନ୍ତି ସାଧୁ। ସଫଳ ଜୀବନର ସହଜ ନିର୍ଯ୍ୟାସକୁ ଯେଉଁମାନେ ପ୍ରତିପାଦନ କରିଛନ୍ତି। ସମାଜ ତାଙ୍କୁ ସାଧୁ, ଗୁରୁ, ମାର୍ଗଦର୍ଶକ କହି ଶ୍ରଦ୍ଧା ସମ୍ମାନ କରିଛି। ଅନ୍ୟର ପିଡାକୁ ଅନୁଭବ କରୁଥିବା ବ୍ୟକ୍ତି ବୈଷ୍ଣବ ବୋଲି କୁହାଯାଇଛି। ସମାଜ ସେମାନଙ୍କୁ ପୂଜା ଅର୍ଘ୍ୟ ପ୍ରଦାନ କରି ଶ୍ରେଷ୍ଠସ୍ଥାନ ପ୍ରଦାନ କରିଛି। ସେଥିପାଇଁ କୁହାଯାଇଛି ସାଧୁନାଂ ଦର୍ଶନଂ ପୂଣ୍ୟ ତୀର୍ଥ ଭୂତାଃ ହି ସାଧବଃ, କାଳେନ ଫଳତେ ତୀର୍ଥଂ ସଦ୍ୟଃ ସାଧୁ ସମାଗମଃ।' ଅର୍ଥାତ୍ ସାଧୁ ଦର୍ଶନରେ ଅଶେଷ ପୂଣ୍ୟ। ସାଧୁ ସାକ୍ଷାତ ତୀର୍ଥମୟ। ତୀର୍ଥମାନେ ସମୟ କ୍ରମେ ଫଳଦନା କରନ୍ତି। ସାଧୁ ମାନଙ୍କ ଦର୍ଶନ ତତକ୍ଷଣାତ ଫଳଦାୟକ ଅଟେ। ସାଧୁମାନେ ସାକ୍ଷାତ ଈଶ୍ୱରଙ୍କ ସ୍ୱରୂପ ଅଟନ୍ତି। ଭଗବାନ ମଧ ସ୍ୱୟଂ ସବୁବେଳେ ସାଧୁମାନଙ୍କ ପଦ ବନ୍ଦନ କରିଛନ୍ତି। ଆଶୀର୍ବାଦ ନେଇଛନ୍ତି, ଅଭିଷାପକୁ ମଥାପାତି ସହିଛନ୍ତି। କ୍ଷମା ଯାଚନା କରିଛନ୍ତି ପୁନଶ୍ଚ ସେମାନଙ୍କ ପରିତ୍ରାଣ ପାଇଁ ଅବତାର ମଧ ଗ୍ରହଣ କରିଛନ୍ତି। ସନ୍ଥ ତୁଳସୀ ଦାସଙ୍କ ଭାଷାରେ – 'ନିର୍ମଳ ଯେନ ସୋମୋହି ପାବା, ମୋହ କପଟ ଛଲ ଚିଦ୍ରନ ପାବା।' ଯାହାର ହୃଦୟ ନିର୍ମଳ, ମନ ପବିତ୍ର ଏବଂ ମୋହ, କପଟାଚାର, ଛଳନାମୁକ୍ତ ସେହି କେବଳ ପ୍ରଭୁଙ୍କୁ ପାଇ ପାରିବ। ଅଭିଧାନରେ ସାଧୁ ଶବ୍ଦର ଅନେକ ପରିଭାଷା ଉଲ୍ଲେଖ ଅଛି। ସେ ସବୁ ମଧ୍ୟରେ ସୁଶୀଳ, ସତସ୍ୱଭାବ, ସାଦାଶ୍ରୟ, ସଦାଚାର, ଧର୍ମ ନିପୁଣ ଆଦି ପ୍ରଧାନ। ସଦଗୁଣଯୁକ୍ତ ଦୈବୀ ଭାବାପନ୍ନ ଉଦାର ହୃଦୟଶୀଳ ବ୍ୟକ୍ତି ସାଧୁ ସ୍ୱଭାବର। ଶ୍ରୀମଦ୍ ଭଗବତ ଗୀତାରେ ଭଗବାନ ଅତି ସୁନ୍ଦର ଭାବେ ଦୈବୀ ଗୁଣ ସମ୍ପନ୍ନ ସାଧୁ ସ୍ୱଭାବର ବର୍ଣ୍ଣନା କରିଛନ୍ତି। 'ଅଭୟଂ ସତ୍ୱସଂଶୁଦ୍ଧି ଜ୍ଞାନ ଯୋଗ ବ୍ୟବସ୍ଥିତି। ଦାନଂ ଦମଶ୍ଚ ଯଜ୍ଞଶ୍ଚ ସ୍ୱାଧ୍ୟାୟସ୍ତପ ଆର୍ଜବମ୍। ଅହିଂସା ସତ୍ୟମକ୍ରୋଧ ସ୍ତ୍ୟାଗଃ ଶାନ୍ତିରପୈଶୁନମ୍। ଦୟା ଭୂତେଷ୍ୱଲୋ ଲୁପ୍ତଂ ମାର୍ଜବଂ ହୀରଚାପଲମ୍। ତେଜଃ କ୍ଷମା ଧୃତିଃ ଶୌଚମଦ୍ରୋହୋନାତି ମାନିତା। ଭବନ୍ତି ସମ୍ପଦଂ ଦୈବୀମ ଅଭିଜାତସ୍ୟ ଭାରତ।'

ଶ୍ରୀ ଭଗବାନ କହିଲେ ହେ ଅର୍ଜୁନ! ଅଭୟ, ଶୁଦ୍ଧ ଅନ୍ତକରଣ, ଜ୍ଞାନ ନିମନ୍ତେ ଯୋଗରେ ଦୃଢ଼ ସ୍ଥିତି, ସାତ୍ୱିକ ଦାନ, ଇନ୍ଦ୍ରିୟ ସଂଯମ, ଯଜ୍ଞ, ସ୍ୱାଧ୍ୟାୟ, କର୍ତ୍ତବ୍ୟ ପାଳନ ନିମନ୍ତେ କଷ୍ଟ ସହନ, କାୟମନ ବାକ୍ୟରେ ସରଳତା, ଅହିଂସା, ସତ୍ୟ କଥନ, କ୍ରୋଧଶୂନ୍ୟତା, ବିଷୟବାସନା ତ୍ୟାଗ, ରାଗଦ୍ୱେଷ ବିବର୍ଜିତ ଅନ୍ତକରଣ, ଚୁଗୁଲି ନକରିବା, ଦୟାଶୀଳ, ଆସକ୍ତି ରହିତ ଅନ୍ତକରଣ, ଅକରଣ କରଣେ ଲଜ୍ୟା ବୋଧ, ଚପଳତା ରହିତ ସ୍ଥିର ବୁଦ୍ଧି, ତେଜ, କ୍ଷମା, ଧୈର୍ଯ୍ୟ, ଶାରୀରିକ ଶୁଚି, ନିର୍ବୈର ଭାବ ଏବଂ ନମ୍ର ଅମାନିତ୍ୱ ଭାବ ଆଦି ଦୈବୀ ଗୁଣ ଗୁଡ଼ିକ ସାଧୁର ସ୍ୱଭାବ ଅଟେ।

ଭାରତ ବର୍ଷରେ ସାଧୁ ସନ୍ଥ ମାନଙ୍କୁ ସର୍ବାଗ୍ରେ ସମ୍ମାନ ପ୍ରଦର୍ଶନ କରାଯାଇଛି। ଆମେମାନେ ସାଧୁ କହିଲେ ଉପରୋକ୍ତ ସ୍ୱଭାବଯୁକ୍ତ ବ୍ୟକ୍ତିଙ୍କୁ ବୁଝୁ। ବେଶବାସ ପରିଧାନଯୁକ୍ତ ସାଧୁବେଶଧାରୀ ମାନଙ୍କୁ ଆମ ସମାଜ ଅଧିକ ମାନ୍ୟତା ପ୍ରଦାନ କରେ। ସେଥିପାଇଁ ତ ସାଧୁ ବେଶରେ ଅନେକ ଭଣ୍ଡଙ୍କର ଉତ୍ପାତ ସମାଜ ସହିଛି। ସାଧୁବେଶରେ ରାବଣ ମା ସୀତାଙ୍କୁ ହରଣ କରି ନେଇଥିଲେ, କାଳନେମି ସାଧୁବେଶରେ ହନୁମାନଙ୍କୁ ଭଣ୍ଡିବାକୁ ଚେଷ୍ଟା କରିଥିଲା। ଏହିଭଳି ଏକାଧିକ ଦୃଷ୍ଟାନ୍ତ ସମାଜରେ ଅଛି। ସାଧୁ ବେଶ ସାଧୁର ଏକ ଭୂଷଣ। ଏହି ସାଧୁବେଶ ସଠତାର ପରିଚାୟକ ନହୋଇ ଆତ୍ମ ବିଶ୍ୱାସ, ସରଳତାର ପ୍ରତୀକ ହେଉ। ସାଧୁର ଯେଉଁ ମହାନ ପରମ୍ପରା ଅନାଦି କାଳରୁ ପ୍ରତିଷ୍ଠିତ ହୋଇ ଆସିଛି। ସେଥିରେ କଳଙ୍କ ନଲାଗୁ। ଭାରତ ବର୍ଷ ସାଧୁ ସ୍ୱଭାବକୁ ସମ୍ମାନ ଦିଏ। ସେ ପଟଧାରୀ ସନ୍ୟାସୀ ବା ବୈଷ୍ଣବ ହୁଅନ୍ତୁ ଅଥବା ଗୃହସ୍ଥ ହୁଅନ୍ତୁ। ସାଧୁ ସ୍ୱଭାବ ହିଁ ଜଣେ ବାସ୍ତବ ସାଧୁର ପରିଚୟ। ଆମର ସବୁ ମୁନିଋଷି ଗୃହସ୍ଥ ଥିଲେ। ବିଶ୍ୱଗୁରୁ ବ୍ୟାସ ମଧ ଗୃହସ୍ଥ ଥିଲେ। ସାଧୁର ବେଶବାସ ବାହ୍ୟ ଶୁଚି ଅପେକ୍ଷା ଅନ୍ତଶୁଚିକୁ ଅଧିକ ମହତ୍ୱ ପ୍ରଦାନ କରାଯାଇଛି। ସମାଜରେ ନାନା ପ୍ରକାର ବେଶ ଧାରୀ ସାଧୁ ସନ୍ଥ ଦୃଶ୍ୟ ହୁଅନ୍ତି। ଗୈରୀକ କଷାୟ, ଶୁଭ୍ର, ରକ୍ତ, ପିତ, କୃଷ୍ଣ, ଏହିପରି ଅନେକ ବେଶବାସର ସାଧୁସନ୍ଥ ଦୃଷ୍ଟ ହୁଅନ୍ତି। କିଏ ଲଣ୍ଡିତ କିଏ ଜଟାଜୁଟ ବିମଣ୍ଡିତ କିଏ ଚିତାଚଇତନ ଯୁକ୍ତ ତ କିଏ ଭସ୍ମ ବିଲେପିତ ଧୂଳିଧୁଷରିତ, କିଏ କୌପୁନିବନ୍ତ ତ କିଏ ବସ୍ତ୍ର ବିରହିତ ତ୍ୟାଗ ବୈରାଗ୍ୟଯୁକ୍ତ। ନିର୍ମଳ ହୃଦୟ, ସରଳ ଜୀବନ, ଉଚ୍ଚ ଚିନ୍ତନ, ତ୍ୟାଗ ବୈରାଗ୍ୟଯୁକ୍ତ ଜୀବନ ଯାପନ ସାଧୁର ଭୂଷଣ ଅଟେ। କାଚକାଚ ମଣି ମଣି କୟ ବିକ୍ରୟେ ଜଣାଜଣି। ବିଶେଷକରି ସର୍ବଭୂତ ହିତେରତା। ଦୈବୀଗୁଣଯୁକ୍ତ ତ୍ୟାଗୀ ବ୍ୟକ୍ତି ହିଁ ବାସ୍ତବ ସାଧୁ ପଦବାଚ୍ୟ। ସେହିମାନେ ଏ ଧରଣୀର ଆଶୀର୍ବାଦ ତଥା ସମସ୍ତଙ୍କର ପୂଜ୍ୟ ଓ ଆଦର୍ଶ।

ମାଳତୀକୁଞ୍ଜ, ପ୍ଲଟ ନଂ - ୫୧୬/ଡ଼ି,
ସେକ୍ଟର-୧୦, ସିଡିଏ, କଟକ
ଦୂରଭାଷ : ୮୭୬୩୧୦୭୧୨୬

# ହ୍ୟୁମାନ ପାରାଇନଫ୍ଲୁଏଞ୍ଜା ଭାଇରସ

॥ ଗୋପାଳ ମହାପାତ୍ର ॥

ଏବେ ଶୀତଋତୁର ଶେଷ ସମୟ ପହଞ୍ଚିଛି। ପ୍ରତିବର୍ଷ ଋତୁ ପରିବର୍ତ୍ତନକୁ ଦୃଷ୍ଟିରେ ରଖି ସମସ୍ତେ ଏକ ପ୍ରକାର ନିଜ ଅସୁସ୍ଥତାକୁ ଗ୍ରହଣ କରିଥାନ୍ତି କହିଲେ ଅତ୍ୟୁକ୍ତି ହେବନାହିଁ। କାରଣ ପାଣିପାଗ ବଦଳିବା ସମୟରେ ସ୍ୱାଭାବିକ ଭାବେ ଦେହ ଖରାପ ହୁଏ। ତେବେ ବର୍ତ୍ତମାନର ପ୍ରାୟତଃ ଘରେ ଘରେ ଦେଖାଯାଉଥିବା ଜ୍ୱରକୁ ନେଇ ଅନେକଙ୍କ ଭିତରେ ବିଭିନ୍ନ ଆଲୋଚନା ଓ ଭୟ ଦେଖାଦେଉଛି। ପ୍ରତିଦିନ ଅନେକଙ୍କ ଠାରୁ ଏ ନେଇ ଅଭିଯୋଗ ଆମେ ପାଉଛୁ। ଏହା ନିଃସନ୍ଦେହ। ସାରା ଓଡ଼ିଶା ଏବେ ଜ୍ୱରରେ ଥରୁଛି। ଇନଫ୍ଲୁଏଞ୍ଜା (ଏଚ୍୩ଏନ୨) ରେସ୍ପିରେଟୋରି ସିନସିଟିଆଲ ଭାଇରସ (ଆରଏସଭି) ଓ ହ୍ୟୁମାନ ପାରାଇନଫ୍ଲୁଏଞ୍ଜା ଭାଇରସ (ଏଚପିଆଇଭି) ରାଜ୍ୟକୁ ଗତ ଏକମାସ ହେବ କବଳିତ କରି ରଖିଛି। ଏହା ସାଙ୍ଗକୁ ସ୍ୱାଇନ ଫ୍ଲୁ ମଧ ଚିନ୍ତା ବଢ଼ାଇଛି। ଘରେ ଘରେ ଲୋକମାନେ ଥଣ୍ଡା, ଜ୍ୱରରେ ଆକ୍ରାନ୍ତ ହୋଇଥିବା ବେଳେ ଅନେକ ଏହାକୁ କୋଭିଡ଼ ଭାବି ଦ୍ୱନ୍ଦ୍ୱରେ ପଡୁଛନ୍ତି। ମାତ୍ର ଏହା କୋଭିଡ଼ ନୁହେଁ ବରଂ ଭାଇରାଲ ଫିଭର। ଏହାସହ ଯେଉଁମାନେ ଏହି ଭୂତାଣୁ ଦ୍ୱାରା ଆକ୍ରାନ୍ତ ହେଉଛନ୍ତି ସେମାନଙ୍କ ଶରୀରରେ ଦୀର୍ଘଦିନ ପର୍ଯ୍ୟନ୍ତ କାଶ ଲାଗି ରହୁଥିବା ଦେଖିବାକୁ ମିଳୁଛି।

ଋତୁ ପରିବର୍ତ୍ତନ ଫଳରେ ସାଧାରଣତଃ ଭୂତାଣୁଜନିତ ସଂକ୍ରମଣ ବଢ଼ିଥାଏ। ବିଶେଷକରି ଗ୍ରୀଷ୍ମ ଓ ଶୀତ ଋତୁରେ ଅଧିକ ସଂଖ୍ୟାରେ ଲୋକମାନେ ଥଣ୍ଡା, ଜ୍ୱରରେ ଆକ୍ରାନ୍ତ ହୋଇଥାନ୍ତି। ତେବେ ଗତ ଦୁଇ ବର୍ଷ ହେବ କୋଭିଡ଼ ମହାମାରୀ ବ୍ୟାପିଥିବାରୁ ଭାଇରାଲ ଫିଭର ଉପରେ ସେତେଟା ଗୁରୁତ୍ୱ ନଥିଲା। କୋଭିଡ଼ ଥମିବା ପରେ ଚଳିତବର୍ଷ ଭାଇରାଲ ଫିଭର ବଢ଼ିବାରେ ଲାଗିଛି। ପରିବାରରେ ଜଣେ ଏଥିରେ ଆକ୍ରାନ୍ତ ହେଲେ ଅନ୍ୟମାନେ ଜ୍ୱରରେ ପଡୁଛନ୍ତି। ବୟସ୍କମାନେ ଧଇଁସଇଁ ହୋଇ ପଡୁଛନ୍ତି। ତଥାପି ଆସନ୍ତା କିଛି ଦିନ ପର୍ଯ୍ୟନ୍ତ ଏଥିରୁ ନିସ୍ତାର ମିଳି ନପାରେ।

ଚଳିତ ବର୍ଷ ଅଧିକ ସଂଖ୍ୟାରେ ରୋଗୀ ଇନଫ୍ଲୁଏଞ୍ଜା-ଏ (ଏଚ୩ଏନ୨)ରେ ଆକ୍ରାନ୍ତ ହେଉଥିବା ନଜରକୁ ଆସୁଛି। ଏହାସହ ଅନ୍ୟ ଭୂତାଣୁରେ ମଧ ଲୋକମାନେ କେତେକାଂଶରେ ଆକ୍ରାନ୍ତ ହେଉଛନ୍ତି। ଲୋକମାନଙ୍କ ଶରୀରରେ ପ୍ରବଳ ଜ୍ୱର ସହିତ ନିଶ୍ୱାସ ପ୍ରଶ୍ୱାସରେ ସମସ୍ୟା ହେଉଛି। ଦୀର୍ଘଦିନ ପର୍ଯ୍ୟନ୍ତ କାଶ ଲାଗି ରହୁଛି। ଏହା କେବଳ ଓଡ଼ିଶାର ସମସ୍ୟା ନୁହେଁ, ସାରା ଦେଶରେ ଏବେ ସମାନ ସ୍ଥିତି ଦେଖିବାକୁ ମିଳୁଛି। ପୂର୍ବରୁ ଏହା ଦେଖିବାକୁ ମିଳୁଥିଲେ ବି ଲୋକମାନେ ନିଜର ପରୀକ୍ଷା କରୁନଥିଲେ। ମାତ୍ର କୋଭିଡ଼ ପରେ ଲୋକମାନେ ଅଧିକ ସଚେତନ ହୋଇଛନ୍ତି, ଯାହାଫଳରେ ଏସବୁ ଭୂତାଣୁ ଚିହ୍ନଟ ହେଉଛି। ଇନଫ୍ଲୁଏଞ୍ଜାରୁ ନିଜକୁ ରକ୍ଷା କରିବାକୁ ହେଲେ ଟିକା ନେବା ଜରୁରୀ। ଛୋଟ ପିଲା ଓ ବୟସ୍କ ବ୍ୟକ୍ତିମାନଙ୍କୁ ଇନଫ୍ଲୁଏଞ୍ଜା ଟିକା ଦିଆଯିବା ଉପରେ ଗୁରୁତ୍ୱ ଦିଆଯିବା ଆବଶ୍ୟକ। ଦେଶରେ ନଭେମ୍ବର ସୁଦ୍ଧା ଇନଫ୍ଲୁଏଞ୍ଜାର ୧୨,୮୮୧ ମାମଲା ଆସିଛି। ଯେଉଁମାନଙ୍କ ଠାରେ ଅକ୍ସିଜେନସ୍ତର ହ୍ରାସ ପାଉଛି ସେମାନେ ତୁରନ୍ତ ଡାକ୍ତରଙ୍କ ପରାମର୍ଶ ନେବା ଜରୁରୀ।

ଋତୁ ପରିବର୍ତ୍ତନ ସମୟରେ ଏଭଳି ଥଣ୍ଡା, ଜ୍ୱର ଦେଖିବାକୁ ମିଳିଥାଏ। ଔଷଧ ଖାଇଲେ କମି ଯାଉଛି। ମାତ୍ର କୋଭିଡ଼ ସହିତ ଏହାର ସଂପର୍କ ନାହିଁ। ରାଜ୍ୟରେ ଟିକାକରଣ ବେଶ ଭଲ ଥିବାବେଳେ କୋଭିଡ଼ରେ ଆକ୍ରାନ୍ତ ହୋଇଥିବା କାରଣରୁ ଲୋକଙ୍କ ଠାରେ ରୋଗ ପ୍ରତିରୋଧ ଶକ୍ତି ଅଧିକ ରହିଛି। ତେବେ ଟାଣ ଖରା ଆରମ୍ଭ ହେଲେ ଥଣ୍ଡା, ଜ୍ୱର କମିଯିବ। ଆସନ୍ତା ୭/୧୦ ଦିନ ପରେ ଏଥିରୁ ନିସ୍ତାର ମିଳିବ। ଅପରପକ୍ଷରେ ରାଜ୍ୟରେ ଇନଫ୍ଲୁଏଞ୍ଜା ବାଦ ସ୍ୱାଇନ ଫ୍ଲୁ ଆକ୍ରାନ୍ତଙ୍କ ସଂଖ୍ୟା ମଧ ବଢ଼ିବାରେ ଲାଗିଛି। ୨୦୨୨ ଡିସେମ୍ବର ସୁଦ୍ଧା ରାଜ୍ୟରେ ୧୪୨ ଜଣ ଏଥିରେ ଆକ୍ରାନ୍ତ ହୋଇଛନ୍ତି। ମାତ୍ର କେହି ପ୍ରାଣ ହରାଇ ନାହାନ୍ତି। ଋତୁ ପରିବର୍ତ୍ତନ ହେଲେ ଭାଇରାଲ ଫିଭର ବଢ଼ିଥାଏ। ତେଣୁ ଯେଉଁମାନଙ୍କର ଥଣ୍ଡା, ଜ୍ୱର ହେଉଛି ସେମାନେ ପାରାସିଟାମଲ ଖାଆନ୍ତୁ। ଏସବୁ କୋଭିଡ଼ ନୁହେଁ। ରାଜ୍ୟରେ କୋଭିଡ଼ ଆକ୍ରାନ୍ତଙ୍କ ସଂଖ୍ୟା ହାତଗଣତି ରହିଛି। ରାଜ୍ୟରେ ଇନଫ୍ଲୁଏଞ୍ଜାର ପରୀକ୍ଷା ପାଇଁ ସୁବିଧା ରହିଛି। ଏହାସହ ନମୁନା ପରୀକ୍ଷା ସଂଖ୍ୟା ବଢୁଥିବାରୁ ସ୍ୱାଇନ ଫ୍ଲୁ ଆକ୍ରାନ୍ତ ଚିହ୍ନଟ ହେଉଛନ୍ତି। ବର୍ତ୍ତମାନର ଭାଇରାଲ ଫିଭରକୁ ନେଇ ଭୟଭୀତ ହୁଅନ୍ତୁ ନାହିଁ। କାରଣ ପ୍ରାୟ ପ୍ରତି ଘରେ ଏପରି ସମସ୍ୟା ଦେଖାଦେଉଛି। ଯଦିଓ ଦିନକୁ ଦିନ ତାପମାତ୍ରା ବଢୁଛି କିନ୍ତୁ ଥଣ୍ଡାର ମାତ୍ରା ଅଧିକ ରହୁଥିବାରୁ ଏହା ଜ୍ୱର ସମସ୍ୟାକୁ ବଢ଼ାଇ ଦେଉଛି। ଏ କ୍ଷେତ୍ରରେ ତୁରନ୍ତ କୌଣସି ଘରୋଇ ଚିକିତ୍ସା କରିବା ଅପେକ୍ଷା ସରକାରୀ ଡାକ୍ତରଖାନାରେ ସ୍ୱାସ୍ଥ୍ୟସେବାର ସୁଯୋଗ ନିଅନ୍ତୁ। ଥଣ୍ଡାରେ ବାହାରକୁ ବାହାରନ୍ତୁ ନାହିଁ, ବିଶୁଦ୍ଧ ଉଷୁମ ପାଣି ପିଅନ୍ତୁ, ବାହାର ଖାଦ୍ୟ ଓ ବର୍ତ୍ତମାନ ପାଇଁ ଆମିଷ ଖାଦ୍ୟ ନଖାଇବା ଭଲ। ଜ୍ୱର ଅଧିକ ଦିନ ଲାଗିରହୁଥିଲେ ପରୀକ୍ଷା କରାଇ ନିଅନ୍ତୁ। ନିଜର ବ୍ୟବହାର କରୁଥିବା ପୋଷାକ ପତ୍ରକୁ ଗରମ ପାଣିରେ ସଫା କରନ୍ତୁ ଏବଂ ଉପଯୁକ୍ତ ଡାକ୍ତରୀ ପରାମର୍ଶରେ ରହିଲେ ଆପଣଙ୍କ ସ୍ୱାସ୍ଥ୍ୟ ଭଲ ରହିବ।

ବିଭାଗୀୟ ମୁଖ୍ୟ, ଶିଶୁରୋଗ ବିଭାଗ,
ଫକୀରମୋହନ ମେଡ଼ିକାଲ କଲେଜ, ବାଲେଶ୍ୱର,
ଦୂରଭାଷ : ୯୪୩୭୧୨୪୦୭୪

# ମହାତ୍ମାଙ୍କ ଶେଷ ଦିନ ଓ ପରମପିତା

॥ ଉମେଶ ଚନ୍ଦ୍ର ପାତ୍ର ॥

ବିନା ମେଘରେ ବଜ୍ରପାତ ଭଳି ମହାତ୍ମାଜୀଙ୍କର ମୃତ୍ୟୁ ସମ୍ବାଦରେ ପରମପିତା ଓ ଯୁଗାବତାର ଶ୍ରୀ ଶ୍ରୀ ଠାକୁର ଅନୁକୂଳଚନ୍ଦ୍ର ଅତ୍ୟନ୍ତ ଉଦବିଗ୍ନ, ବିଷର୍ଣ୍ଣ ଓ ଭାରାକ୍ରାନ୍ତ ହୋଇପଡ଼ିଲେ। ସ୍ୱତଃବ୍ୟକ୍ତ କଲେ - କି ଯେ କାଣ୍ଡ ଘଟିଲା, ଜାତି, ଧର୍ମ, ବର୍ଣ୍ଣ ଓ ଦଳ ନିର୍ବିଶେଷରେ ସମସ୍ତେ ଅନ୍ତରର ସହିତ ଶ୍ରଦ୍ଧା କରୁଥିବା ଜଣେ ବ୍ୟକ୍ତିଙ୍କୁ ଆଜି ଆଉ ଦେଖିବାକୁ ମିଳିବନାହିଁ। ଭିନ୍ନ ମତାବଲମ୍ବୀ ଲୋକମାନେ ମଧ ମହାତ୍ମାଜୀଙ୍କୁ ଆନ୍ତରିକ ଭାବେ ଶ୍ରଦ୍ଧା କରୁଥିଲେ। ଯେଉଁ କ୍ଷତି ହୋଇଗଲା ତାହାର ଆଉ ତୁଳନା ନାହିଁ, ଅପୂରଣୀୟ। ମହାତ୍ମାଜୀଙ୍କର ଦେଶ ପ୍ରତି ଏତେ ଅବଦାନ - ଆଉ ତାର କଣ ଏହି ପ୍ରତିଦାନ? ଏହା ଅତ୍ୟନ୍ତ ବେଦନା ଦାୟକ। ଦୁଃଖରେ ମ୍ରିୟମାଣ ହୋଇ ଛଳ ଛଳ ନେତ୍ରରେ ଶ୍ରୀ ଶ୍ରୀ ଠାକୁର ସ୍ୱଗତୋକ୍ତି ପ୍ରକାଶ କରି କହିଲେ - ଯେଉଁମାନେ ମହାତ୍ମାଙ୍କୁ ମୃତ୍ୟୁବିଦ୍ଧ କରିଛନ୍ତି, ସେମାନେ ସତ୍ତାନୁରାଗୀ ସମସ୍ତଙ୍କ ହୃଦୟକୁ ବିଦ୍ଧ କରିଛନ୍ତି, ବିଦୀର୍ଣ୍ଣ କରି ଉଠାଇଛନ୍ତି। ହେ ମହାତାପସ, ତୁମର ଆଶୀର୍ବାଦ ଯେପରି ସମସ୍ତଙ୍କର ଅନ୍ତର୍ନିହିତ ଅମଙ୍ଗଳକୁ ଚିରଦିନ ପାଇଁ ଅବଲୁପ୍ତ କରି ତୋଳୁ। ହେ ଦୟାଳ ପରମପିତଃ! ମନୁଷ୍ୟର ଏହି ଆବେଦନକୁ ତୁମେ ମଙ୍ଗଳପୂର୍ଣ୍ଣ କରିତୋଳ। (୧.୨.୧୯୪୮, ଅପରାହ୍ନ ୩ଘ,) ମହାତ୍ମାଜୀ ଯାହା ସତ୍ୟ ବୁଝୁଥିଲେ ତାହା ନିଜ ଜୀବନରେ କଠୋର ଭାବରେ ପାଳନ କରୁଥିଲେ। ସମଗ୍ର ପରିବେଶକୁ ସେହି ପଥରେ ଚଳାଇବା ନିମିତ୍ତ ଚେଷ୍ଟା କରୁଥିଲେ। କାୟମନୋବାକ୍ୟରେ ଏକମୁଖୀ ଚଳନର 'ଳ ସ୍ୱରୂପ ତାଙ୍କର ବ୍ୟକ୍ତିତ୍ୱ ଓ ଇଚ୍ଛାଶକ୍ତି ଏତେ ପ୍ରବଳ ହୋଇଥିଲା ଯେ ସମଗ୍ର ଦେଶକୁ ତାଙ୍କ ପରି ଜାଗ୍ରତ କରି ଉଠାଇଥିଲେ। ମହାତ୍ମାଙ୍କର ଆବେଷ୍ଟନୀ ଶକ୍ତ ହୋଇଥିଲେ ଏହିପରି ଭାବରେ ତାଙ୍କର ଜୀବନ ଯାଇ ନଥାନ୍ତା। ମହାତ୍ମାଜୀ ଯେପରି ଭାବରେ ମୃତ୍ୟୁବରଣ କଲେ, ଆମେ ଏତେ ଲୋକ ତାଙ୍କୁ ଭଲ ପାଉ, ଅଥଚ ପୂର୍ବରୁ ସାବଧାନ ପାଇବା ସତ୍ତ୍ୱେ ମଧ ନିଜ ଦାୟିତ୍ୱରେ ତାଙ୍କୁ ରକ୍ଷା କରିବାର ବ୍ୟବସ୍ଥା କଲୁନାହିଁ, ଏହା ଆମର ଭଲ ପାଇବା ପକ୍ଷେ ଘୋର ଅପମାନ ଓ ଅତ୍ୟନ୍ତ ସନ୍ଦେହଜନକ। ମରନା, ମାରନା, ଯଦିପାର ମୃତ୍ୟୁକୁ ଅବଲୁପ୍ତ କର, ଏହା ହିଁ ପରମପିତା ଶ୍ରୀ ଶ୍ରୀ ଠାକୁର ଅନୁକୂଳଚନ୍ଦ୍ରଙ୍କର ଆହ୍ୱାନ।

ଏହି ପ୍ରସଙ୍ଗରେ ଶ୍ରୀ ଶ୍ରୀ ଠାକୁର ମତବ୍ୟକ୍ତ କରିଛନ୍ତି, ଯୀଶୁଖ୍ରୀଷ୍ଟଙ୍କର ଆବେଷ୍ଟନୀ ଥିଲା ଦୁର୍ବଳ, ମୋର ମନେହୁଏ - ଇଚ୍ଛା କରିଥିଲେ ଶିଷ୍ୟ ପିଟର ହିଁ ପ୍ରଭୁଙ୍କର ଜୀବନ ରକ୍ଷା କରି ପାରିଥାନ୍ତା। ଜୁଡ଼ାସ୍ ମାତ୍ର ତିରିଶ ଖଣ୍ଡ ମୁଦ୍ରା ବିନିମୟରେ ପ୍ରଭୁ ଯୀଶୁଙ୍କୁ ଧରାଇ ଦେଇଥିଲା। ପ୍ରଭୁ ଯୀଶୁଙ୍କର ପ୍ରାଣଦାନ ପାଇଁ ତତ୍କାଳୀନ ନିଷ୍ଠୁର ସମାଜ ଓ ରାଷ୍ଟ୍ର ବ୍ୟବସ୍ଥା ଏବଂ ତାଙ୍କର ଶିଷ୍ୟବର୍ଗଙ୍କର ଉଦାସୀନ ଓ ଅଦୂରଦର୍ଶିତା ହିଁ ଦାୟୀ। ତାଙ୍କର ଶିଷ୍ୟବର୍ଗ ଯଦି ଆହୁରି ଅନୁରକ୍ତ, ଶକ୍ତିମାନ ଓ ସୁକୌଶଳୀ ହୋଇଥାନ୍ତେ ତାହାହେଲେ ଏହି ଦାରୁଣ ମୃତ୍ୟୁକୁ ଏଡ଼ାଇ ହୋଇଥାନ୍ତା। କ୍ରୁଶବିଦ୍ଧ ହେବା କଦାପି ଭାଗବତ ବିଧାନ ନୁହେଁ। ମର୍ଯ୍ୟାଦାପୁରୁଷୋତ୍ତମ ଶ୍ରୀରାମଚନ୍ଦ୍ରଙ୍କର ପାର୍ଷଦମାନେ ଅତ୍ୟନ୍ତ ଶକ୍ତିଶାଳୀ ଥିଲେ, ପରମବୀର ହନୁମାନ ସଦାସର୍ବଦା ଶ୍ରୀରାମଙ୍କୁ ଜଗି ରହୁଥିଲେ। ମହମ୍ମଦ ରସୁଲଙ୍କର ଆବେଷ୍ଟନୀ ମଧ ଖୁବ୍ ଶକ୍ତ ଥିଲା। ରସୁଲ୍‌ଙ୍କ ପାଖରେ ଆଲି, ଓମର, ଓସ୍‌ମାନ ଓ ଆବୁବକର୍ ସଦାସର୍ବଦା ଜଗି ରହୁଥିଲେ। ଶ୍ରୀରାମଚନ୍ଦ୍ର ଓ ରସୁଲ୍ ତାଙ୍କର ଶିଷ୍ୟ ବର୍ଗଙ୍କୁ କେତେ ଅନୁରୋଧ କରୁଥିଲେ ଶତ୍ରୁମାନଙ୍କର ପ୍ରତିଶୋଧ ନ ନେବା ପାଇଁ, କିନ୍ତୁ ତାଙ୍କର ଶିଷ୍ୟମାନେ କହୁଥିଲେ, ତୁମର ଜୀବନ ହାନି ଯାହା ଘଟାଏ ତାହା ଆମେ ବରଦାସ୍ତ କରି ପାରିବୁ ନାହିଁ, ସେ ଆଦେଶ ଆମେ ପାଳନ କରିପାରିବୁ ନାହିଁ। ଏହା ହିଁ ହେଉଛି ଭଲ ପାଇବାର ତେଜୋଦୀପ୍ତ ଉଦାହରଣ। ମାନବ ଜାତି ପ୍ରତି ଶ୍ରୀ ଶ୍ରୀ ଠାକୁର ଆହ୍ୱାନ ଦେଲେ - ଧର୍ମ କେବେହେଲେ ବହୁ ହୁଏନା, ଧର୍ମ ଏକ, ଆଉ ତାର କୌଣସି ପ୍ରକାର ନାହିଁ। ମତ ବହୁତ ହୋଇପାରେ, ଏପରିକି ଯେତେ ମଣିଷ ସେତେ ମତ ହୋଇପାରେ, କିନ୍ତୁ ତାହାବୋଲି ଧର୍ମ ବହୁତ ହୋଇପାରେ ନାହିଁ। ହିନ୍ଦୁ ଧର୍ମ, ମୁସଲମାନ ଧର୍ମ, ଖ୍ରୀଷ୍ଟିଆନ ଧର୍ମ, ବୌଦ୍ଧଧର୍ମ ଇତ୍ୟାଦି ମୋ ମତରେ ଭୁଲ, ବରଂ ସେ ଗୁଡ଼ିକ ସବୁ ମତ। କୌଣସି ମତ ସହିତ କୌଣସି ମତର ପ୍ରକୃତପକ୍ଷରେ କୌଣସି ବିରୋଧ ନାହିଁ, ଭାବର ବିଭିନ୍ନତା, ପ୍ରକାର ଭେଦ, ଗୋଟିଏକୁ ନାନା ପ୍ରକାରରେ ଏକ ରୂପେ ଅନୁଭବ। ବହୁ ସମ୍ପ୍ରଦାୟ ଥାଉ କିନ୍ତୁ ସାମ୍ପ୍ରଦାୟିକତାର ବିଲୁପ୍ତି ହେଉ, ଧର୍ମ ରକ୍ଷା ହେଉ କିନ୍ତୁ ଧର୍ମାନ୍ତରୀକରଣ ଲୁପ୍ତ ହେଉ, ସ୍ୱର୍ଗ ବିସର୍ଗ ନହେଉ, ଏକ ସ୍ୱରରେ ସମସ୍ତେ ଗାଇ ଉଠିବା - "”ମା ମ୍ରିୟସ୍ୱ ମା ଯହି ଶକ୍ୟତେ ଚେତ୍ ମୃତ୍ୟୁଂ ଅବଲୋପୟ''।

ସହ-ପ୍ରତିରତ୍ୱିକ ଓ ପ୍ରଫେସର, ହେପାଟୋଲୋଜି ବିଭାଗ,
ଶ୍ରୀରାମଚନ୍ଦ୍ର ଭଞ୍ଜ ମେଡ଼ିକାଲ କଲେଜ, କଟକ,
ଦୂରଭାଷ : ୯୪୩୭୦୫୧୯୫୭

## ଆଦର୍ଶ ସ୍ୱଚ୍ଛ ମାଛ ବଜାରରେ ତାଲା: ଖୋଲାମେଲାରେ କଟାହେଉଛି କୁକୁଡ଼ା ଓ ଛେଳି



ନୟାଗଡ଼, ( ମହାଭାରତ ) : ରାସ୍ତାକଡ଼ରେ ମାଛ ବ୍ୟବସାୟକୁ ବନ୍ଦ କରିବା ଲାଗି ନୟାଗଡ଼ ପୌର ପରିଷଦ ପକ୍ଷରୁ ମାଛ ବଜାର ନିର୍ମାଣ କରାଯାଇଛି। ଏହାର ନାମ ରଖାଯାଇଛି 'ଆଦର୍ଶ ସ୍ଚ୍ଛ ମାଛ ବଜାର' ସ୍ଥାନୀୟ ପରିବେଶ ଯେପରି ଆମିଷ ବିକ୍ରି ଯୋଗୁ ନ ବିଗିଡ଼େ, ସେଥିପ୍ରତି ପୌର ପ୍ରଶାସନ ପକ୍ଷରୁ ଏମିତି ପଦକ୍ଷେପ ନିଆଯାଇଛି। ମାତ୍ର ଏହି ବଜାର ଉଦ୍ଘାଟନ ହେବା ଦିନଠାରୁ ଖୋଲିନି। ଫଳରେ ଏବେ ବି ରାସ୍ତା ପାର୍ଶ୍ୱରେ ମାଛ, ମାଂସ ବିକ୍ରି ଚାଲିଛି। ବିଶେଷ କରି ତ୍ରିନାଥ ଛକ ଠାରୁ ନୟାଗଡ଼ ସ୍ୱୟଂଶାସିତ କଲେଜ ରାସ୍ତା ମଧ୍ୟରେ ଆମିଷ ବିକ୍ରି ନେଇ ଏବେ ପ୍ରବଳ ଅସନ୍ତୋଷ ଦେଖା ଦେଇଛି। କୋମଳମତି ଛାତ୍ରଛାତ୍ରୀଙ୍କ ଉପରେ ଏହାର କୁପ୍ରଭାବ ଅଧିକ ପଡୁଥିବା ଅଭିଯୋଗ ହୋଇଛି। ସୂଚନା ମୁତାବକ, ରାସ୍ତାକଡ଼ରୁ ମାଛ ବ୍ୟବସାୟୀଙ୍କୁ ସ୍ଥାୟୀ ବଜାର ଯୋଗାଇ ଦେବା ଲକ୍ଷ୍ୟରେ ଖଣ୍ଡପଡ଼ା ରୋଡ୍ର ଜିଲ୍ଲା ସୂଚନା ଓ ଲୋକସମ୍ପର୍କ ଅଧିକାରୀଙ୍କ କାର୍ଯ୍ୟାଳୟ ପାର୍ଶ୍ୱରେ ଏହି ବଜାର ନିର୍ମାଣ କରାଯାଇଛି। ସେଥିପାଇଁ ୩ କୋଟି ୨୧ଲକ୍ଷ ଟଙ୍କା ବ୍ୟୟ କରାଯାଇଛି। ୬୦ଜଣ ଆମିଷ ବେପାରୀଙ୍କ ବସିବା ପାଇଁ ୬୦ଟି ପିଣ୍ଡି ନିର୍ମାଣ କରାଯାଇଛି। ପ୍ରତି ପିଣ୍ଡିରେ ବିଦ୍ୟୁତ ସଂଯୋଗ ସାଙ୍ଗକୁ ପାଣି ଟ୍ୟାପ୍, ଫ୍ୟାନ୍ ସହ ଆଲୋକ ବ୍ୟବସ୍ଥା ରହିଛି। ଏଥିସହ ଏହି କୋଠାରେ ବ୍ୟବସାୟୀଙ୍କ ନିମନ୍ତେ ଏକ ଶୀତଳ ଭଣ୍ଡାରର ବ୍ୟବସ୍ଥା କରାଯାଇଛି ।ଯେଉଁଠାରେ ଆମିଷ ଦ୍ରବ୍ୟ ଅଧିକ ସମୟ ତାଜା ରହିପାରିବ ।ଖଣ୍ଡପଡ଼ା ରୋଡ୍, କଲେଜ୍ ରୋଡ୍ ଏବଂ ଦୁଃଖୀ ବଜାର ନିକଟରେ ଥିବା ପୁରୁଣା ଆମିଷ ବଜାରରେ ମାଛ ଓ ମାଂସ ବ୍ୟବସାୟୀଙ୍କୁ ଦେଖିବାକୁ ମିଳୁଛି। ରାସ୍ତା ପାର୍ଶ୍ୱରେ ଅଧିକ ମାତ୍ରାରେ ମାଛ ବ୍ୟବସାୟୀଙ୍କ ଭିଡ଼ ଦେଖିବାକୁ ମିଳୁଥିବା ବେଳେ ମାଛ କିଣିବା ପାଇଁ ଗ୍ରାହକମାନେ ରାସ୍ତା ଜାମ୍ କରନ୍ତି। ଏଣୁ ଏହାର ସ୍ଥାୟୀ ସମାଧାନ ପଇଁ ଗତ ୨୦୨୧ରେ ଏହି ଯୋଜନା କରାଯାଇ ମାଛ ବଜାରର ଶୁଭାରମ୍ଭ କରାଯାଇଥିଲା। ଏହି ନୂତନ ମାଛ ବଜାର ନିକଟରେ ପାର୍କିଂ ସ୍ଥଳ ରହିଥିବାରୁ ଟ୍ରାଫିକ୍ ସମସ୍ୟାର ସମାଧାନ ହୋଇପାରିବ ବୋଲି ସାଧାରଣରେ ମତ ପ୍ରକାଶ ପାଇଛି। ସାଧାରଣ ନିର୍ବାଚନ ପୂର୍ବରୁ ଏହି ମାଛ ବଜାରର ଉଦ୍ଘାଟନ କରାଯାଇଥିଲାୟ ମାତ୍ର ତାହା ଆଜି ପର୍ଯ୍ୟନ୍ତ ଆରମ୍ଭ ହୋଇପାରୁନି। ତ୍ରିନାଥ ଛକଠାରୁ ସ୍ୱୟଂଶାସିତ କଲେଜ ମଧ୍ୟରେ ଏକାଧିକ ଘରୋଇ ଶିକ୍ଷାନୁଷ୍ଠାନ ଓ କୋଚିଂ ସେଣ୍ଟର ରହିଛି। ରାତି ପାହିଲେ ସ୍କୁଲ ବସ୍ ହେଉ ଅବା ଅଭିଭାବକ ମାନେ ସେମାନଙ୍କ ପିଲା ମାନଙ୍କୁ ସ୍କୁଲରେ ଛାଡ଼ିବାକୁ ଆସୁଛନ୍ତ। ଏହି ସମୟରେ ରାସ୍ତା ପାର୍ଶ୍ୱରେ ଥିବା ଗଛରେ ଛେଳି ବନ୍ଧା ଯାଇ ଖୋଲାଖୋଲି ଭାବେ କଟାଯାଉଛି ଓ ସେଠାରେ ବିକ୍ରି କରାଯାଉଛି। ଚିକେନ୍ କାଉଣ୍ଟରରେ ମଧ୍ୟ ସମାନ ଅବସ୍ଥାୟ ଏହି ଦୃଶ୍ୟ ଦେଖି କୋମଳମତି ଶୁଶୁ ନିଶ୍ଚିତ ବିଚଳିତ ହୋଇପଡ଼ିବ ଜଣେ ଅଭିଭାବକଙ୍କ କହିବା ମୁତାବକ, ଏମିତି ଦୃଶ୍ୟ ଦେଖି ତାଙ୍କର ଛୋଟ ପୁଅ ବେଶ୍ ପ୍ରଭାବିତ ହୋଇଛି। ଏଣୁ ଏ ଦିଗରେ ପୌର ପ୍ରଶାସନ ତୁରନ୍ତ ପଦକ୍ଷେପ ନେବା ଉଚି। ଏ ନେଇ ପୌର ପରିଷଦ ପକ୍ଷରୁ ମିଳିଥିବା ସୂଚନା ମୁତାବକ ମାଛ ବଜାରଟି ସମ୍ପୂର୍ଣ୍ଣ ପ୍ରସ୍ତୁତ ହୋଇ ରହିଛି। କେବଳ କିଏ କେଉଁ ପିଣ୍ଡିରେ ବସିବ, ଏ ନେଇ ଲଟେରି କରାଯିବ ଆଗାମୀ ସାତ ଦିନ ମଧ୍ୟରେ ସମସ୍ତ କାର୍ଯ୍ୟ ଶେଷ ହେବୟ ଏହାପରେ ସମସ୍ତ ଆମିଷ ବେପାରୀଙ୍କୁ ସେଠାରେ ଯାଇ ବ୍ୟବସାୟ କରିବାକୁ କୁହାଯିବ। ଯେଉଁମାନେ ନ ମାନିବେ, ସମସ୍ତଙ୍କ ବିରୋଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ।

## ରାଜ୍ୟ ଓ ଜାତୀୟ ପୁରସ୍କୃତ ଶିକ୍ଷକଙ୍କ ନାମଫଳକ ଉଦ୍‌ଘାଟିତ



କପ୍ତିପଦା -(ମହାଭାରତ ): କପ୍ତିପଦା -ସ୍ଥାନୀୟ କପ୍ତିପଦା ଗୋଷ୍ଠୀ ଶିକ୍ଷାଧିକାରୀଙ୍କ କାର୍ଯ୍ୟାଳୟରେ କପ୍ତିପଦା ବ୍ଲକ୍ ର ରାଜ୍ୟ ଓ ଜାତୀୟ ପୁରସ୍କୃତ ଶିକ୍ଷକମାନଙ୍କର ନାମତାଲିକା ଉଦ୍ଘାଟିତ ହୋଇଅଛି। ମୁଖ୍ୟ ଅତିଥି ଗୋଷ୍ଠୀ ଶିକ୍ଷାଧିକାରୀ ଦୀପକ କୁମାର ମିଶ୍ର ପ୍ରଦୀପ ପ୍ରଜ୍ଜ୍ୱଳନପୂର୍ବକ ଆନୁଷ୍ଠାନିକଭାବେ ଉଦ୍ଘାଟନ କରି ପୁରସ୍କୃତ କୃତିଶିକ୍ଷକ ସଂଗଠନର ଏଭଳି ଉଦ୍ୟମକୁ ଭୂୟସୀ ପ୍ରଶଂସା କରିଥିଲେ ।ମୁଖ୍ୟ ବକ୍ତାଭାବେ ରାଜ୍ୟସଂଗଠନର ସଂପାଦକ ସଚ୍ଚିଦାନନ୍ଦ ମହାନ୍ତି ତାଙ୍କ ସଂକ୍ଷିପ୍ତ ବ୍ୟକ୍ତବ୍ୟରେ ମୃତ ପୁରସ୍କାର ପ୍ରାପ୍ତ ପରିବାର ବର୍ଗ ଏଥିନିମନ୍ତେ ଖୁସିବ୍ୟକ୍ତ କରୁଥିବା ଓ ଆଗାମୀ ପିଢ଼ିର ଶିକ୍ଷକ ଶିକ୍ଷିକାଗଣ ଅନୁପ୍ରେଣିତ ହେବେ ବୋଲି କହିଥିଲେ। ମୟୂରଭଞ୍ଜ ଜିଲ୍ଲା ସଂଗଠନର ଉପଦେଷ୍ଟା ସନ୍ତୋଷ ମହାନ୍ତି ଏହି ଫଳକ ଲଗାଯିବାର ଲକ୍ଷ୍ୟ ଓ ଉଦ୍ଦେଶ୍ୟ ସମ୍ବନ୍ଧରେ,ଜିଲ୍ଲା ସହ ସଂପାଦକ ସୁଦର୍ଶନ ପଣ୍ଡା ସୁଶିକ୍ଷାଦାନକାରୀ ହିଁ କୃତି ଶିକ୍ଷକ ରୂପେ ପରିଗଣିତ ହୋଇଥାଆନ୍ତି ବୋଲି ବକ୍ତବ୍ୟ ରଖିଥିଲେ । କୃତି ଶିକ୍ଷକ ମଧ୍ୟରୁ ଶରତ ଚନ୍ଦ୍ର ମିଶ୍ର, କୃଷ୍ଣଚନ୍ଦ୍ର ମିଶ୍ର,ଯୁଗଳ କିଶୋର ସାହୁ,ଦିଲୀପ କୁମାର ଦାଶ, ସନ୍ତୋଷ କୁମାର ସାହୁ ଉପସ୍ଥିତ ଥିଲେ ଓ ବେଣୁଧର ବେହେରା, ରଘୁନାଥ ଶତପଥିଙ୍କ ପରିବାର ସଦସ୍ୟ ଏବଂ ଗୋଷ୍ଠୀଶିକ୍ଷାଧିକାରୀଙ୍କ କାର୍ଯ୍ୟାଳୟର କର୍ମଚାରୀ ଓ ଏବିଇଓ ଗଣ ଉପସ୍ଥିତ ଥିଲେ । ଏଥିନିମନ୍ତ ଅନୁଷ୍ଠିତ ସଭା ପରିଚାଳନା ଏବଂ କାର୍ଯ୍ୟକ୍ରମର ଉଦ୍ଦେଶ୍ୟ ଜ୍ଞାପନ କରିଥିଲେ, ଶିକ୍ଷକ ରାଜକିଶୋର ବେହେରା। ଉଦଘାଟନୀ ସଭାରେ ସ୍ଥାନୀୟ ଗଡିଗାଁ ଉଚ୍ଚବିଦ୍ୟାଳୟ ପ୍ରଧାନ ଶିକ୍ଷକ ବିଜୟ କୁମାର ପାଣିଗ୍ରାହୀ ,କୃତି ଶିକ୍ଷକ ବିଜୟ କୁମାର ମହାନ୍ତି, ଓଷ୍ଟାସଂଘର ପୂର୍ବତନ ସଂପାଦକ ଭରତଚନ୍ଦ୍ର ବରାଳ ପ୍ରମୁଖ ଉପସ୍ଥିତ ଥାଇ ବକ୍ତବ୍ୟ ରଖିଥିଲେ ।ଶେଷରେ ଧନ୍ୟବାଦ ଜ୍ଞାପନ କରିଥିଲେ।

## ପଞ୍ଚାୟତ ସ୍ତରୀୟ ପ୍ରଧାନମନ୍ତ୍ରୀ ଆବାସ ଯୋଜନା ସମ୍ମନ୍ୱୟ ମେଳା

ପାଟଣା:-(ମହାଭାରତ)କେନ୍ଦୁଝର ଜିଲ୍ଲା ପାଟଣା ବ୍ଲକ ଅନ୍ତର୍ଗତ ବିଭିନ୍ନ ପଞ୍ଚାୟତ ରେ ପଞ୍ଚାୟତ ସ୍ତରୀୟ ପ୍ରଧାନମନ୍ତ୍ରୀ ଆବାସ ଯୋଜନାରେ ପ୍ରତ୍ୟେକ ଆବାସ ଯୋଜନା ରେ ଅନ୍ତର୍ଭୁକ୍ତ ହିତାଧିକାରୀ ଙ୍କୁ ନେଇ ସମ୍ମନ୍ୱୟ ମେଳା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଛି ।ଏହି ସମ୍ମନ୍ୱୟ ମେଳା ଏରେଣ୍ଡେଇ ଗ୍ରାମ ପଞ୍ଚାୟତ ସରପଞ୍ଚ ପାର୍ବତୀ ଦେହୁରୀ ଙ୍କ ଅଧକ୍ଷତାରେ ଅନୁଷ୍ଠିତ ହୋଇଛି। କାର୍ଯ୍ୟକ୍ରମ କୁ ପାଟଣା ବିଡ଼ିଓ ଶିବ ପ୍ରସାଦ ମୁର୍ମୁ ଉପସ୍ଥିତ ହୋଇ ହିତାଧିକାରୀଙ୍କ ଆବାସ ଯୋଜନା ର ସୁବିଧା ସହ ନିର୍ଦ୍ଧାରିତ ସମୟ ରେ ଆବାସ ର କାମ ଶେଷ କରିବା ବୁଝାଇ ଥିଲେ ।

## ପାଣିରେ ବୁଡି ବୃଦ୍ଧା ଙ୍କ ମୃତ

ପାଟଣା:-(ମହାଭାରତ) ପାଟଣା ଥାନା ଅନ୍ତର୍ଗତ ମିରିଗିଖୋଜି ପଞ୍ଚାୟତ ଅସନବାହାଳି ଗ୍ରାମରେ ଆଜି ଜଣେ ବୃଦ୍ଧା ବିଲକୁ ଯାଇଥିବା ସମୟରେ ବିଲ ପାଖରେ ଗଡ଼ିଆରେ ପଡିଯାଇ ମୃତ୍ୟୁ ବରଣ କରିଛନ୍ତି। ବୃଦ୍ଧା ଜଣକ ସେହି ଗ୍ରାମର ନୁଣ୍ଡୁରୀ ଭୂମିଜ ୬୫ବର୍ଷ ବୋଲି ଜଣାପଡିଛି। ଖବର ପାଇ ପାଟଣା ଅଗ୍ନିଶମ ବାହିନୀ ଓ ପୁଲିସ ଘଟଣା ସ୍ଥଳରେ ପହଞ୍ଚି ବୃଦ୍ଧା ଙ୍କ ଶବକୁ ଉଦ୍ଧାର କରିଥିଲେ ।ଏନେଇ ପାଟଣା ଥାନାରେ ଏକ ଅପମୃତ୍ୟୁ ୫୯/୨୦୨୪ ଅନୁସାରେ ଏକ ମାମଲା ରୁଜୁ କରାଯାଇ ମୃତକଙ୍କ ଶବ ପାଟଣା ରେ ବ୍ୟବଚ୍ଛେଦ କରାଇ ପରିବାର ଲୋକଙ୍କୁ ହସ୍ତାନ୍ତର କରାଯାଇଛ।

## ଜେଲ ମାନୁଆଲକୁ ମାନୁନାହାନ୍ତି ୱାର୍ଡର

## ବେଧଡକ ଭାବେ ଭିତରକୁ ଯାଉଛି ମୋବାଇଲ ଫୋନ

କରଞ୍ଜିଆ,(ମହାଭାରତ): ପୁଣି ଜେଲ୍ ଭିତରୁ ଜବତ ହେଲା ମୋବାଇଲ୍ ଫୋନ୍,ତେବେ ଏଥର କଏଦୀଙ୍କ ନିକଟରୁ ମୋବାଇଲ୍ ନ ବାହାରି ,ବାହାରିଛି ଜଣେ ଜେଲ୍ ୱାର୍ଡରଙ୍କ ଠାରୁ ଏବଂ ମୋବାଇଲ୍ କୁ ଜବ୍ କଲା ପରେବି କାହାରିକୁ ଖାତିର ନକରି ଜେଲ୍ ମାନୁଆଲର ସବୁ ନିୟମକୁ ଫୁ କରି ପୁଣି ଜେଲ୍ ଭିତରେ ମୋବାଇଲ୍ ଧରି ଘୁରି ବୁଲୁଛନ୍ତି ସେହି ୱାର୍ଡର ଜଣକ। ଶେଷରେ ବାଧହୋଇ ସମସ୍ତ ଜେଲ୍ କର୍ମଚାରୀ ମାନେ ଜେଲ୍ ର ସୁପାରିଟେଣ୍ଡେ□ ଙ୍କୁ ଆଜକୁ ୧୦ ଦିନ ହେବ ଅଭିଯୋଗ କଲାପରେ ବି କାର୍ଯ୍ୟାନୁଷ୍ଠାନ ଶୁନ । ଓଲଟା ଜେଲ୍ ର ମୂଖ୍ୟ ୱାର୍ଡରଙ୍କ ନାମରେ ଶୃଙ୍ଖଳାଗତ କାର୍ଯ୍ୟାନୁଷ୍ଠାନ ପାଇଁ ବିଭାଗୀୟ ଅଧିକାରୀଙ୍କୁ ଚିଠି ଲେଖିଛନ୍ତି ଜେଲ୍ ସୁପାରିଟେଣ୍ଡେଣ୍ଟ। ଫଳରେ ମୂଖ୍ୟ ୱାର୍ଡର ଏବେ ମାନସିକ ଚାପ ଗ୍ରସ୍ତ ହୋଇ ମେଡ଼ିକାଲରେ ଚକର କାଟୁଛନ୍ତି। ଏ ଭଳି ଏକ ସମ୍ବେଦନଶୀଳ ଘଟଣା ଦେଖିବାକୁ ମିଳିଛି ମୟୂରଭଞ୍ଜ ଜିଲ୍ଲା କରଞ୍ଜିଆ ଉପ କାରାଗାରରେ, ଗତ ଅଗଷ୍ଟ ମାସ ୩୦ ତାରିଖ ଦିନ ରାତି ୧୦ ଟା ବେଳେ ସହକାରୀ ସବ୍ ଜେଲର୍ ସୌମ୍ୟ ରଞ୍ଜନ ନାୟକ ଓ ଅନ୍ୟ କାର୍ଯ୍ୟରତ ୱାର୍ଡର ମାନଙ୍କ ଉପସ୍ଥିତିରେ ଜେଲ୍ ୱାର୍ଡର ସ୍ୱାଗତ କୁମାର ରଥଙ୍କ ଠାରୁ ତଲାସୀ କରି ଏକ ମୋବାଇଲ୍ ଫୋନ୍ ଜବ୍ କରିଥିଲେ। ଜେଲ୍ ମାନୁଆଲ ଅନୁସାରେ ଏକ ନିର୍ଦ୍ଦିଷ୍ଟ ସ୍ଥାନରେ ସମସ୍ତ କର୍ମଚାରୀ ମାନେ ନିଜର ମୋବାଇଲ୍ ରଖି ଦସ୍ତଖତ କରି ଜେଲ୍ ଭିତରକୁ ଯିବାର ନିୟମ ଥିବା ବେଳେ ସମ୍ପୃକ୍ତ ୱାର୍ଡର ସ୍ୱାଗତ ରଥ କାହାରିକୁ ଖାତିର କରିବା ତ ଦୂର କଥା ସବୁ ନିୟମକୁ ଫୁ କରି ଜେଲ୍ ଭିତରକୁ ମୋବାଇଲ୍ ନେଇଯାଇଥିଲେ ।ଶେଷରେ ସହକାରୀ ସବ୍ ଜେଲର ଓ ସମସ୍ତ ୱାର୍ଡର ମାନେ ଜେଲ୍ ର ସୁପାରିଟେଣ୍ଡେଣ୍ଟ ଠାରେ ଏକ ଲିଖିତ ଅଭିଯୋଗ କରିଥିଲେ। ହେଲେ ଆଜକୁ ୧୦ ଦିନ ବିତିଯାଇଥିଲେ ମଧ୍ୟ ସମ୍ପୃକ୍ତ ୱାର୍ଡରଙ୍କ ବିରୁଦ୍ଧରେ କାର୍ଯ୍ୟାନୁଷ୍ଠାନ ତ ଦୂରର କଥା ଓଲଟା ଜେଲ୍ ସୁପାରିଟେଣ୍ଡେଣ୍ଟ ପ୍ରଦୀପ୍ତ କୁମାର ମହାଲିକ ଜେଲର ମୁଖ୍ୟ ୱାର୍ଡରଙ୍କ ବିରୁଦ୍ଧରେ ଶୃଙ୍ଖଳାଗତ କାର୍ଯ୍ୟାନୁଷ୍ଠାନ ପାଇଁ ବିଭାଗୀୟ କର୍ତ୍ତୃପକ୍ଷଙ୍କୁ ଅବଗତ କରାଇବା ଥିବା ଜଣା ପଡିଛି। ତେବେ ଏ ଘଟଣାକୁ ନେଇ ଜେଲ୍ ସୁପାରିଟେଣ୍ଡେଣ୍ଟ କୌଣସି ପ୍ରକାର ମୁହଁ ଖୋଲି ନଥିବା ବେଳେ ଜେଲ୍ ର ସମସ୍ତ ନିୟମକୁ ଉଲ୍ଲଂଘନ କରି ଜଣେ ୱାର୍ଡର ମୋବାଇଲ୍ ଧରି ଜେଲ୍ ଭିତରେ ଘୁରିବୁଲିବା ଓ ତା ବିରୁଦ୍ଧରେ କାର୍ଯ୍ୟାନୁଷ୍ଠାନ ନ ନେଇ ଘଟଣାକୁ ଚାପି ଦେବାର ଉଦ୍ୟମ କରିବା ପରେ ଘଟଣାକୁ ନେଇ ଜେଲ୍ ମୂଖ୍ୟ ୱାର୍ଡର କୃଷ୍ଣଚନ୍ଦ୍ର ମହାନ୍ତଙ୍କ ବିସ୍ଫୋରକ ବୟାନ ଏବେ ଜେଲ୍ ସୁପାରିଟେଣ୍ଡେ□ଙ୍କ କାର୍ଯ୍ୟକଳାପକୁ ସନ୍ଦେହ ଘେରକୁ ଟାଣି ଆଣିଛି। ତେବେ ଏଠି ପ୍ରଶ୍ନ ଉଠେ, କଣ ପାଇଁ ବିଳମ୍ବିତ ରାତିରେ ଜେଲ ଭିତରକୁ ମୋବାଇଲ ଯାଉଛି। ଯଦି କର୍ମଚାରୀ ସମୁହ ଙ୍କ ଦ୍ୱାରା ଜେଲ ଭିତରୁ ମୋବାଇଲ ଜବତ ହୋଇଛି ଆଉ ବିଧିବଦ୍ଧ ଭାବେ ଲିଖିତ ଆକାରରେ ଜେଲ କର୍ତ୍ତୃପକ୍ଷ ଙ୍କୁ ଜଣାଯାଇଛି ତେବେ କାର୍ଯ୍ୟାନୁଷ୍ଠାନ ନେବା ପାଇଁ କାହିଁକି ପଛଘୁଞ୍ଚା ଦେଉଛନ୍ତି ଜେଲ ସୁପତିଟେଣ୍ଡେ।

## ବିଶୃଙ୍ଖଳିତ ଯୁବକ ମାନଙ୍କ ନାମରେ ଥାନାରେ ଏତାଲ

ବରୀ,(ମହାଭାରତ) ବରୀ ରାମଚନ୍ଦ୍ରପୁର ଥାନା ଅନ୍ତର୍ଗତ ରମ୍ଭା ପଂଚାୟତ ରମ୍ଭା ଗ୍ରାମର ଆନ ଜେନାଙ୍କ ପୁଅ ମନ୍ତ୍ରୀ ଜେନା ଙ୍କ ସମେତ ଅନ୍ୟ ଦୁଇ ଜଣ ଯୁବକ ବରୀ ମାଉଣ୍ଡ ମୂଖ୍ୟ ବଜାର ସ୍ଥିତ ତହସିଲ ଅଫିସ ସମ୍ମୁଖ ଷ୍ଟେଟ ବ୍ୟାଙ୍କ ଏଟିଏମ ପାଖରେ ଥିବା କ୍ଷେତ୍ରସନାରୀ ଦୋକାନ ଆଗରେ ଥିବା ଥଣ୍ଡା ପାନୀୟ ବୋତଲକୁ ଭାଙ୍ଗିବା ସହିତ ବରୀ ବଜାର ଉପରେ ଅସଭ୍ୟ ଭାଷାରେ ଗାଳି ଗୁଲଜ କରିବା ଘଟଣାକୁ ନେଇ ବରୀ ବଜାର କମିଟି ପକ୍ଷରୁ ବରୀ ରାମବମଚନ୍ଦ୍ରପୁର ଥାନାରେ ଲିଖିତ ଅଭିଯୋଗ ହୋଇଥିବାର ଜଣାପଡିଛି। ପ୍ରକାଶ ଥାଉକି ଏହି ଯୁବକ ମାନେ ବାରମ୍ବାର ସ୍ଥାନୀୟ ବ୍ୟବସାୟୀ ମାନଙ୍କୁ ଅସଭ୍ୟ ବ୍ୟବହାର କରିବା ସହିତ ଅଶାନ୍ତ ପରିବେଶ ଶୃଷ୍ଟି କରୁଛନ୍ତି। ଯାହା ଫଳରେ ବଜାରରେ ବ୍ୟବସାୟ କରୁଥିବା ବ୍ୟବସାୟୀ ମାନେ ବ୍ୟବସାୟ କରିବା କ୍ଷେତ୍ରରେ ବହୁ ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ତେଣୁ ଉକ୍ତ ଘଟଣାକୁ ନେଇ ତଦନ୍ତ କରିବା ସହିତ ବାରମ୍ବାର ଏହି ଭଳି ବିଶୃଙ୍ଖଳା ସୃଷ୍ଟି କରୁଥିବା ସଂପୃକ୍ତ ବ୍ୟକ୍ତି ମାନଙ୍କ ବିରୁଦ୍ଧରେ ଦୃଢ କାର୍ଯ୍ୟନୂଷ୍ଠାନ ଗ୍ରହଣ କରିବାକୁ ବରୀ ବଜାର କମିଟି ପକ୍ଷରୁ ଦାବି ହୋଇଛି।

## ଡାଟା ଏଣ୍ଟ୍ରି ଅପେରେଟର ଙ୍କ ସନ୍ଦେହ ଜନକ ମୃତ୍ୟୁ

ବିଷମ କଟକ ( ମହାଭାରତ) ରାୟଗଡ଼ା ଜିଲ୍ଲା ବିଷମ କଟକ ଗୋଷ୍ଠୀ ଶିକ୍ଷା ଅଧିକାରୀ ଙ୍କ କାର୍ଯ୍ୟାଳୟ ରେ ଏକ ଅଭାବନୀୟ ଘଟଣା ଘଟିଛି । ସେହି ଅଫିସ ରେ କାର୍ଯ୍ୟ ରତ ଡାଟା ଏଣ୍ଟ୍ରି ଅପେରେଟର ଙ୍କ ସନ୍ଦେହ ଜନକ ଭାବେ ମୃତ୍ୟୁ ହୋଇଥିବା ଜଣାପଡିଛି । ମୃତକ ଙ୍କ ହେଲେ କୁମ୍ଭିକଟା ଗ୍ରାମ ର ବଳ ଦେବ ଗରଡ଼ା (୩୪ ବର୍ଷ ) ବୋଲି ଜଣାପଡିଛି। ସେ ଦୀର୍ଘ ଦିନ ଧରି ପକ୍ଷା ଘାତ ରୋଗ ରେ ପୀଡ଼ିତ ହୋଇ ଚିକିତ୍ସା ହେଉଥିଲେ ଓ ସେ ବି ଇ ଓ ଅଫିସ ରେ ରହୁଥିଲେ ।ବିଷମ କଟକ ବିଇଓ ନବିନ ଚନ୍ଦ୍ର ଖୋରା କ ଠାରୁ ସୂଚନା ପାଇବା ପରେ ବିଷମ କଟକ ପୋଲିସ ଘଟଣା ସ୍ଥଳ ରେ ପହଞ୍ଚି ଶବ କୁ ଜବତ କରି ବ୍ୟବଚ୍ଛେଦ କରି ପରି ବାର ଲୋକକୁ ହସ୍ତା ନ୍ତର କରିଥିବା ବି ଇ ଓ ଶ୍ରୀ ଖୋରା କୋହିଛନ୍ତି। ଏ ନେଇ ଥାନା କେସ ନଂ ୯/୨୪ ରେ ଏକ ଅପ ମୃତ୍ୟୁ ମାମଲା ରୁଜୁ କରାଯାଇ ତଦନ୍ତ କରାଯାଉଛି ବୋଲି ବିଷମ କଟକ ଥାନା ଅଧିକାରୀ ସୂର୍ଯ୍ୟ ଚନ୍ଦ୍ର ପାଢି ସୂଚନା ଦେଇଛନ୍ତି ।

## ଆରମ୍ଭ ହେଲା ପାର୍ବଣ ଋତୁ, ମା ଲକ୍ଷ୍ମୀଙ୍କର ହେଲା ମାଟି ଅନୁକୂଳ



ଢେଙ୍କାନାଳ(ମହାଭାରତ) ଶ୍ରୀ ଶ୍ରୀ ମଉଡମଣୀ ରାଜଲକ୍ଷ୍ମୀ ପୂଜା ପ୍ରତିଷ୍ଠାନ, ମୀନା ବଜାର ର ପ୍ରସିଦ୍ଧ ଲକ୍ଷ୍ମୀପୂଜା ଉପଲକ୍ଷେ ଆଜି ପବିତ୍ର ରାଧାଷ୍ଟମୀରେ ବ୍ରାହ୍ମଣୀ ନଦୀ କୂଳରୁ ଯଥାରିତି ଅନୁଯାୟୀ ପୂଜା କରାଯାଇ ମାଟି ଅନୁକୂଳ କାର୍ଯ୍ୟ କରାଯାଇଅଛି ଚଳିତ ବର୍ଷ ୧୬/୧୦/୨୦୨୪ ରିଖ ଠାରୁ ମା ଲକ୍ଷ୍ମୀ ଙ୍କର ପୂଜା ଅନୁଷ୍ଠିତ ହେବାକୁ ଥିବାବେଳେ ଆଜିର ମାଟି ଅନୁକୂଳ ଏହାର ପ୍ରଥମ ଶୁଭ କାର୍ଯ୍ୟ ଅଟେ ପ୍ରତ୍ୟେକ ବର୍ଷ ଢେଙ୍କାନାଳ ସହରରେ ପ୍ରଥମେ ମୀନା ବଜାର ଏହି ପବିତ୍ର ଦିନରେ ତାର ମାଟି ଅନୁକୂଳ କରିଥାଏ ଏବଂ ସୁନିଆ ଦିନ ଅନ୍ୟ ସମସ୍ତ ବଜାର କମିଟି ମା ଙ୍କର ମାଟି ଅନୁକୂଳ କରିଥାନ୍ତି, ବିଗତ କିଛି ବର୍ଷ ହେବ ମୀନା ବଜାର ସହିତ ଗଣେଶ ବଜାର ମଧ୍ୟ ରାଧାଷ୍ଟମୀ ରେ ନିଜ ବଜାର ପାଇଁ ମାଟି ଅନୁକୂଳ କରିଥାନ୍ତି ଏବଂ ଆଜି ମଧ୍ୟ ମୀନା ବଜାର ସହିତ ଗଣେଶ ବଜାର ନିଜର ମାଟି ଅନୁକୂଳ କାର୍ଯ୍ୟ କରିଛି। ସକାଳୁ ଉଭୟ ବଜାର ର କର୍ମକର୍ତ୍ତା ମାନେ ବିରାଟ ପଟୁଆରରେ ବ୍ରାହ୍ମଣୀ ନଦୀ କୂଳରୁ ପବିତ୍ର ମାଟିକୁ ପୂଜାର୍ଚ୍ଚନା କରି ଆଣିବାପରେ ସହର ମଧ୍ୟରେ ଖୋଲ କୀର୍ତନ କରି ପରିକ୍ରମା କରିଥିଲେ। ଏହି କାର୍ଯ୍ୟକ୍ରମରେ ମୀନା ବଜାର ଟ୍ରଷ୍ଟର ଅଧକ୍ଷ ଲଳିତ କୁମାର ପଟ୍ଟନାୟକ,ପୂଜା କମିଟି ସଭାପତି ରବିନାରାୟଣ ମହାନ୍ତି, ଟ୍ରଷ୍ଟ ଉପାଧକ୍ଷ ବିରଞ୍ଚି ନାରାୟଣ ସାହୁ, ପୂଜା କମିଟି କାର୍ଯ୍ୟକାରୀ ସଭାପତି ନିରୋଦ କୁମାର ସାହୁ, ସମ୍ପାଦକ ପୀତବାସ ସାହୁ, ପ୍ରଫୁଲ୍ଲ କୁମାର ବେହେରା, ଲୋକନାଥ ମହାପାତ୍ର, ଦୟାନିଧି ବେହେରା, ଦିଲ୍ଲୀପ କୁମାର ସାହୁ, ଉଦୟନାଥ ବେହେରା ପ୍ରମୁଖ ଏହି ଅନୁକୂଳ କାର୍ଯ୍ୟରେ ସହଯୋଗ କରିଥିଲେ। ସେହିପରି ଗଣେଶ ବଜାର ପୂଜା କମିଟିର କର୍ମକର୍ତ୍ତା ମାନେ ମଧ୍ୟ ଅନୁକୂଳ କାର୍ଯ୍ୟରେ ଯୋଗଦେଇ ଉତ୍ସହର ସହିତ ପ୍ରସିଦ୍ଧ ଲକ୍ଷ୍ମୀପୂଜାକୁ ପାଳନ କରିବାପାଇଁ ଅପେକ୍ଷା କରିଛନ୍ତି ବୋଲି କହିଛନ୍ତି ।

## ସର୍ଟ ସର୍କିଟ ହୋଇ ଜଳିଗଲା କାର



କୋକସରା,(ମହାଭାରତ): କୋକସରା ବ୍ଲକ ଆମପାଣି ଡ଼ାକ ବଙ୍ଗଳା ନିକଟରେ ଏକ କାର ସର୍ଟ୍ ସର୍କିଟ ଯୋଗୁଁ ନିଆଁ ଲାଗି ଜଳି ଯାଇଥିବା ଅଭିଯୋଗ ହୋଇଛି। ଆମପାଣି ଗ୍ରାମର ଜୈନିକ ବ୍ୟକ୍ତିଙ୍କ କାର ବଙ୍ଗଳା ନିକଟରେ ରଖାଯାଇ ଥିଲାୟ ତେବେ ମଙ୍ଗଳବାର ରାତି ପ୍ରାୟ ୧୧ଟା ସମୟରେ ହଠା୍ କାରଟି କୌଣସି କାରଣରୁ ନିଆଁ ଲାଗି ଯାଇଥିଲା। ରାତିରେ ଗାଡ଼ି ମାଲିକ ଦେଖିଲା ବେଳକୁ ନିଆଁ ଚାରିଆଡ଼େ ବ୍ୟାପିବା ସହ କାରଟି ସମ୍ପୂର୍ଣ୍ଣ ପୋଡି ଯାଇଥିଲା। ଏନେଇ ବୁଧବାର ସକାଳେ ଗାଡ଼ି ମାଲିକ ଆମପାଣି ଥାନାରେ ଲିଖିତ ଅଭିଯୋଗ କରିଛନ୍ତି ।ଗାଡ଼ିଟି ସର୍ଟ୍ ସର୍କିଟ ଯୋଗୁଁ ନିଆଁ ଲାଗିଥିବା ମାଲିକ ଅନୁମାନ କରିଥିବା ବେଳେ ନିଆଁ ଲାଗିବାର ପ୍ରକୃତ କାରଣ ସ୍ୱଷ୍ଟ ଜଣାପଡି ନାହିଁୟ ଏନେଇ ଆମପାଣି ଥାନା ପୁଲିସ ଘଟଣାର ତଦନ୍ତ ଆରମ୍ଭ କରିଥିବା ଥାନା ପକ୍ଷରୁ ସୂଚନା ମିଳିଛି।

## ଜାତୀୟ ସ୍ତରୀୟ ପଲ୍ଲିଶ୍ରୀ ମେଳା-୨୦୨୪ ନିମନ୍ତେ ସାମ୍ବାଦିକ ସମ୍ମିଳନୀ



ଅନୁଗୋଳ,(ମହାଭାରତ):ଚଳିତ ମାସ ୧୫ ତାରିଖ ରୁ ୨୩ ତାରିଖ ପର୍ଯ୍ୟନ୍ତ ନାଲ୍କୋନଗର ଠାରେ ଆୟୋଜନ ହେବାକୁ ଯାଉଥିବା ଜାତୀୟ ସ୍ତରୀୟ ପଲ୍ଲିଶ୍ରୀ ମେଳା ସମ୍ପର୍କରେ ଏକ ସାମ୍ବାଦିକ ସମ୍ମିଳନୀ ସ୍ଥାନୀୟ ଜିଲ୍ଲା ପରିଷଦ ସମ୍ମିଳନୀ କକ୍ଷଠାରେ ଆୟୋଜିତ ହୋଇଯାଇଛି । ଜିଲ୍ଲା ପରିଷଦର ଅତିରିକ୍ତ ଉନ୍ନୟନ ଅଧିକାରୀ ତଥା କାର୍ଯ୍ୟ ନିର୍ବାହୀ ଅଧିକାରୀ ଶ୍ରୀ ପଦ୍ମନାଭ ସାମନ୍ତରାୟଙ୍କ ଅଧକ୍ଷତା ୟ ଆୟୋଜିତ ଏହି ସାମ୍ବାଦିକ ସମ୍ମିଳନୀରେ ପଲ୍ଲିଶ୍ରୀ ମେଳାର ବିଭିନ୍ନ କାର୍ଯ୍ୟକ୍ରମ ସମ୍ପର୍କରେ ସଂକ୍ଷିପ୍ତ ସୂଚନା ଗଣମାଧ୍ୟମର ପ୍ରତିନିଧିମାନଂକୁ ପ୍ରଦାନ କରାଯାଇଥିଲା । ସୂଚନା ଅନୁଯାୟୀ ପ୍ରତିବର୍ଷ ପରି ଚଳିତ ବର୍ଷ ଜିଲ୍ଲାର ଆଲୁମିନିୟମ ନଗରୀ ନାଲ୍କୋ ଠାରେ ବିଶ୍ୱକର୍ମା ପୂଜା ଉପଲକ୍ଷେ ଜିଲ୍ଲା ପ୍ରଶାସନ ଓ ଓରମାସର ଆନୁକୂଲ୍ୟରେ ଜାତୀୟ ସ୍ତରୀୟ ପଲ୍ଲିଶ୍ରୀ ମେଳା ଆୟୋଜନ କରାଯିବ । ଏଥିରେ ମୋଟ ୨୨୦ ଗୋଟି ଷ୍ଟଲ ଓ ୧୨ ଗୋଟି ଖାଦ୍ୟ ଷ୍ଟଲର ବ୍ୟବସ୍ଥା କରାଯାଇଛି । ଓଡିଶାର ୩୦ ଗୋଟି ଜିଲ୍ଲା ସମେତ ଉତ୍ତରପ୍ରଦେଶ, ହିମାଚଳପ୍ରଦେଶ, ମହାରାଷ୍ଟ୍ର, ଗୁଜୁରାଟ, ଜାମ୍ମୁ ଓ କାଶ୍ମିର, କର୍ଣାଟକ, ରାଜସ୍ଥାନ, ପଞ୍ଜାବ, ପର୍ଶ୍ଚିମବଙ୍ଗ, ବିହାର, ଝାରଖଣ୍ଡ, ହରିୟାନା, ତେଲେଙ୍ଗାନା, ଆସାମ, ଛତିଶଗଡ ଇତ୍ୟାଦି ରାଜ୍ୟର କାରିଗର ଓ ସ୍ୱୟଂ ସହାୟକ ଗୋଷ୍ଠୀ ସଦସ୍ୟମାନେ ଯୋଗ ଦେବାର କାର୍ଯ୍ୟକ୍ରମ ରହିଛି । ସେହିପରି ହସ୍ତତନ୍ତ ଓ କୁଟୀର ଶିଳ୍ପ ବିଭାଗ,ଜିଲ୍ଲା ଶିଳ୍ପ ପ୍ରତିଷ୍ଠାନ,ଜିଲ୍ଲା ଶିଶୁ ବିଭାଗ, ମିଶନ ଶକ୍ତି, ଅନୁସୂଚିତ ଜାତି ଓ ଜନଜାତି ବିଭାଗ, ମହିଳା ସଶକ୍ତିକରଣ (ନୂଆଦିଲ୍ଲୀ), ଆଦିବାସୀ ମନ୍ତ୍ରାଳୟ, ଓଡିଶା ରାଜ୍ୟ ତାଳଗୁଡ ସମବାୟ ସମିତି, ଜଙ୍ଗଲ ବିଭାଗ, ସାମାଜିକ ସୁରକ୍ଷା ବିଭାଗ, ଭାରତୀୟ ବ୍ୟବସାୟିକ ଅନୁଷ୍ଠାନ ଇତ୍ୟାଦି ଏହି ମେଳାରେ ଯୋଗ ଦେବାର କାର୍ଯ୍ୟକ୍ରମ ମଧ୍ୟ ରହିଛି । ଏହି ମେଳାକୁ ଧିକ ଆକର୍ଷଣୀୟ କରିବା ନିମନ୍ତେ ଜିଲ୍ଲା ସଂସ୍କୃତି କାର୍ଯ୍ୟାଳୟ ସହଯୋଗରେ ଅନେକ ସାଂସ୍କୃତିକ କାର୍ଯ୍ୟକ୍ରମର ଆୟୋଜନ ମଧ୍ୟ କରାଯିବ । ଏହି ମେଳାରେ ସ୍ୱତନ୍ତ୍ର ଖାଦ୍ୟ ଷ୍ଟଲ, ସେଲଫି ପଏଣ୍ଟ, ଆମ ଅସ୍ମିତା ଆମ ଗୌରବର ପ୍ରଦର୍ଶନୀ ମଧ୍ୟ କରାଯିବାର କାର୍ଯ୍ୟକ୍ରମ ରହିଛି । ସେହିପରି ଭିନ୍ନକ୍ଷମ ଓ ବୟସ୍କ ବ୍ୟକ୍ତିମାନଂକୁ ମେଳାରେ ପରିଦର୍ଶନ କରିବା ନିମନ୍ତେ ସ୍ୱତନ୍ତ୍ର ହୁଇଲ ଚେୟାର ବ୍ୟବସ୍ଥା ମଧ୍ୟ ରହିଛି। ଶେଷରେ ଓରମାସର ଯୁଗ୍ମ କାର୍ଯ୍ୟନିର୍ବାହୀ ଅଧିକାରୀ ଶ୍ରୀ ସୌରଭମୟ ଦାସ ଏହି ଜାତୀୟ ସ୍ତରୀୟ ପଲ୍ଲିଶ୍ରୀ ମେଳାର ସଫଳ ଆୟୋଜନ ନିମନ୍ତେ ଉପସ୍ଥିତ ସମସ୍ତ ଗଣମାଧ୍ୟମର ପ୍ରତିନିଧିମାନଂକ ସହଯୋଗ କାମନା କରିବା ସହ ଧନ୍ୟବାଦ ଅର୍ପଣ କରିଥିଲେ । ଏହି କାର୍ଯ୍ୟକ୍ରମରେ ଅନ୍ୟମାନଂକ ମଧ୍ୟରେ ଜିଲ୍ଲା ସଂସ୍କୃତି ଅଧିକାରୀ ଶ୍ରୀ ଦୁଃଶାସନ ନାଏକ, ମିଶନ ଶକ୍ତିର ଜିଲ୍ଲା କାର୍ଯ୍ୟକ୍ରମ ସଂଯୋଜକ ଶ୍ରୀ ଲମ୍ବୋଦର ବାସ୍କେଙ୍କ ସମେତ ବିଭିନ୍ନ ଗଣମାଧ୍ୟମର ପ୍ରତିନିଧି ମାନେ ଯୋଗ ଦେଇଥିଲେ ।

## ଆସିକା ସମବାୟ କେନ୍ଦ୍ର ବ୍ୟାଙ୍କର ୯୯ ତମ ବାର୍ଷିକ ସାଧାରଣ ସଭା ଅନୁଷ୍ଠିତ



ଆସିକା (ମହାଭାରତ): ଆସିକା ସମବାୟ କେନ୍ଦ୍ର ବ୍ୟାଙ୍କର ୯୯ ତମ ବାର୍ଷିକ ସାଧାରଣ ସଭା ଆସିକା ବାଣୀବିହାର ସ୍ଥିତ ସାବିତ୍ରୀ କଲ୍ୟାଣ ମଣ୍ଡପ ଠାରେ ଅନୁଷ୍ଠିତ ହୋଇଯାଇଛି ।ବ୍ୟାଙ୍କ ର ସଭାପତି ମଗୁଲୁଧର ସାହୁ ଙ୍କ ସଭାପତିତ୍ୱରେ ଆୟୋଜିତ ଏହି ବୈଠକରେ ଉପସଭାପତି ଜ୍ୟୋତ୍ରୀପ୍ରଭା ବାରିକ,କେନ୍ଦ୍ର ବ୍ୟାଙ୍କ ପରିଚାଳନା ସମ୍ପାଦକ ନାରାୟଣ ମଢେଇ,ବହୁମୁଖି ସମବାୟ ସେବା ସମିତି ର ସଭାପତି କାର୍ତ୍ତିକେଶ୍ୱର ପରିଡା,ନିର୍ଦ୍ଦେଶକ ପ୍ରମୋଦ କୁମାର ସ୍ୱାଇଁ,ତନୁଲତା ବିଷୋୟୀ,ନାରସୁ ପ୍ରଧାନ, ଗଙ୍ଗାଧର ପ୍ରଧାନ,ବିପିନ ବିହାରୀ ସ୍ୱାଇଁ, ବସନ୍ତ ସ୍ୱାଇଁ, ସୁମନ୍ତ କୁମାର ବିଷୋୟୀ, କେଳା ନାୟକ, ନନ୍ଦିନୀ ଭୂୟାଁ, ରଞ୍ଜନକୁମାର ସାହୁ, ହୃଷିକେଶ ମେହେଣା,ଜ୍ୟୋସ୍ନା ଗୌଡ଼ ପ୍ରମୁଖ ମଞ୍ଚାସିନ ରହିଥିଲେ ।ଏହି ସଭାରେ କେନ୍ଦ୍ର ବ୍ୟାଙ୍କ ଅଧୀନରେ ଥିବା ୧୯୧ ସେବା ସମିତି ର ସଭାପତି, ନିର୍ଦ୍ଦେଶକ,ସଦସ୍ୟ ଯୋଗ ଦେଇଥିଲେ। ବ୍ୟାଙ୍କ ମ୍ୟାନେଜର ନାରାୟଣ ପଟ୍ଟନାୟକ ଅତିଥି ମାନଙ୍କ ପରିଚୟ ପ୍ରଦାନ ସହ ପ୍ରାରମ୍ଭିକ ସୂଚନା ପ୍ରଦାନ କରିଥିଲେ। ମନ୍ତ୍ର ଧ୍ୱନି ମଧ୍ୟରେ ପୁଷ୍ପ ମାଲ୍ୟ ଅର୍ପଣ ପୂର୍ବକ ପ୍ରଦୀପ ପ୍ରଜ୍ୱଳନ କରି ସଭାପତି କାର୍ଯ୍ୟକ୍ରମ ଆରମ୍ଭ ହୋଇଥିଲା। ଅତିଥି ମାନଙ୍କୁ ପୁଷ୍ପ ଗୁଚ୍ଛ ଓ ଉପଢୌକନ ପ୍ରଦାନ କରାଯାଇଥିଲା ।ଢଇ ବାର୍ଷିକ ବିବରଣୀ ପଠନରେ ଆସିକା କେନ୍ଦ୍ର ସମବାୟ ବ୍ୟାଙ୍କ ୨୯/୧୨/୧୯୧୮ରେ ପ୍ରତିଷ୍ଠା ହୋଇ ୧୦୬ ବର୍ଷ ରେ ପଦାର୍ପଣ କରିଛି।

## ସ୍ତ୍ରୀ ର ଗୋଳା କାଟିଲା ସ୍ୱାମୀ

କପ୍ତିପଦା -(ମହାଭାରତ ): କପ୍ତିପଦା -ସଦର କପ୍ତିପଦା ପଞ୍ଚାୟତ ର କଷିବିଲ ଗ୍ରାମର ସ୍ତ୍ରୀ ର ଗୋଳା କାଟି ସ୍ୱାମୀ ଫେରାର ଖବର ଅନୁଯାଇ ଉକ୍ତ ଗ୍ରାମର ମଙ୍ଗୁଲୁ ନାଏକ ଙ୍କ ପୁତ୍ର ବିରଞ୍ଚି ନାଏକ ଅପରାହ୍ନ ୩ ଘଟିକା ସମୟରେ ତାର ଶ୍ୱଶୁର ଘର ବେଲଡିହା ରେ ପହଞ୍ଚି ତାର ସ୍ତ୍ରୀ ପ୍ରଭାତୀ ନାଏକ ଙ୍କୁ ମାର ପିଟ କରି ଏକ ଛୁରୀ ସାହାଯ୍ୟରେ ଗୋଳା କାଟି ଘଟଣାସ୍ଥଳରୁ ଫେରାର ହୋଇଯାଇଛି। ଶାଶୁ କୁନ୍ତଳା ନାଏକଙ୍କ କହିବା ଅନୁଯାଇ ୨ ମାସ ପୂର୍ବରୁ ବାପ ଘରକୁ ପଳେଇ ଆସିଥିଲେ ।ତେବେ ପର ପୁରୁଷ ସହିତ ଖରାପ ସମ୍ପର୍କ ଅଛି ବୋଲି ସନ୍ଦେହ କରୁଥିଲେ ସ୍ୱାମୀ ବିରଞ୍ଚି ତେବେ ଏହି ସନ୍ଦେହ ଏତେ ଉଗ୍ର ରୂପ ନେଲାଯେ ପ୍ରଭାତୀର ସ୍ୱାମୀ ଏକ ଧାରୁଆ ଅସ୍ତ୍ର ସାହାଯ୍ୟରେ ସ୍ତ୍ରୀ ର ତଣ୍ଟି କାଟିଦେଇ ଘଟଣା ସ୍ଥଳରୁ ଫେରାର ହୋଇଛି । ଗାଁ ଲୋକଙ୍କ ସାହାଯ୍ୟରେ ପ୍ରଭାତୀକୁ ପ୍ରଥମେ ଉଦଳା ଡାକ୍ତରଖାନା ଓ ପରେ ବାରିପଦା ଡାକ୍ତରଖାନା କୁ ସ୍ଥାନାନ୍ତର କରାଯାଇଛି ତେବେ କପ୍ତିପଦା ପୋଲିସ ଏହି ଘଟଣାକୁ ସନ୍ଦେହଘେରକୁ ନେଇ ତଦନ୍ତ ଜାରିରଖିଛି ତେବେ ତଦନ୍ତ ପରେ ଘଟଣାର ପ୍ରକୃତ କାରଣ ଜଣାପଡିବ।

## ଉତ୍ତରାଞ୍ଚଳ ରାଜସ୍ୱ ଆୟୁକ୍ତଙ୍କ ଅନୁଗୋଳ ଗସ୍ତ



ଅନୁଗୋଳ ,(ମହାଭାରତ):ଉତ୍ତରାଞ୍ଚଳ ରାଜସ୍ୱ ଆୟୁକ୍ତ ଶ୍ରୀ ସଚିନ୍ ରାମଚନ୍ଦ୍ର ଯାଦବ ଏକ ଦିନିକିଆ ଅନୁଗୋଳ ଜିଲ୍ଲା ଗସ୍ତରେ ଆସି ଆଜି ପୂର୍ବାହ୍ନରେ ସ୍ଥାନୀୟ ସର୍କିଟ ହାଉସ୍ ସମ୍ମିଳନୀ କକ୍ଷଠାରେ ବିଭିନ୍ନ ଉନ୍ନୟନ ମୂଳକ କାର୍ଯ୍ୟର ସମୀକ୍ଷା କରିଥିଲେ ।ଏହି ବୈଠକରେ ଜିଲ୍ଲାପାଳ ଶ୍ରୀ ଅବଦାଲ୍ ମୁହମ୍ମଦ୍ ଅଖତର ଉପସ୍ଥିତ ରହି ରାଜସ୍ୱ ଆୟୁକ୍ତଙ୍କୁ ସ୍ୱାଗତ କରିଥିଲେ । ସର୍ବପ୍ରଥମେ ରାଜସ୍ୱ ଆୟୁକ୍ତ ବିଭିନ୍ନ ବିଭାଗର ଜିଲ୍ଲା ଓ ଉପଖଣ୍ଡ ସ୍ତରୀୟ ଅଧିକାରୀମାନଙ୍କ ପରିଚୟ ପଚାରିବା ସହ ସରକାରଙ୍କ ବିଭିନ୍ନ ଯୋଜନା ଗୁଡିକର ସଫଳ ରୁପାୟନ ନିମନ୍ତେ ସେ ପରାମର୍ଶ ଦେଇଥିଲେ । ପରେ ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ, ପଞ୍ଚାୟତି ରାଜ ଓ ପାନୀୟ ଜଳ, ଜନ ସ୍ୱାସ୍ଥ୍ୟ, ଗ୍ରାମୀଣ ବିକାଶ, ବିଦ୍ୟାଳୟ ଓ ଗଣଶିକ୍ଷା,ମହିଳା ଓ ଶିଶୁ ବିକାଶ, ଅନୁସୁଚୀତ ଜାତି ଓ ଜନଜାତି, ଗୃହ ନିର୍ମାଣ ଓ ନଗର ଉନ୍ନୟନ, ଖାଦ୍ୟ ଯୋଗାଣ ଓ ଖାଉଟି କଲ୍ୟାଣ, ସାମାଜିକ ସୁରକ୍ଷା, ସମନ୍ୱୟ, ଶକ୍ତ, କ୍ରୀଡା, ଅବକାରୀ ଓ ରାଜସ୍ୱ ବିଭାଗଗୁଡିକର ସମୀକ୍ଷା କରିଥିଲେ। ସମ୍ପୃକ୍ତ ଅଧିକାରୀମାନେ ନିଜ ନିଜ ବିଭାଗର ତଥ୍ୟ ପାୱାର ପଏଣ୍ଟମାଧ୍ୟମରେ ରାଜସ୍ୱ ଆୟୁକ୍ତଙ୍କୁ ଅବଗତ କରାଇଥିଲେ । ଏହି ପରିପ୍ରେକ୍ଷୀରେ ଜିଲ୍ଲା ଶିକ୍ଷା କାର୍ଯ୍ୟାଳୟ ଦ୍ୱାରା କାର୍ଯ୍ୟକାରୀ ହେଉଥିବା ଛାତ୍ର ଛାତ୍ରୀମାନଂକ ଶୈକ୍ଷିକ ମୂଲ୍ୟାୟନ ତଥା ସର୍ବାଙ୍ଗୀନ ବିକାଶ ନିମନ୍ତେ ଏକ ଅଭିନବ ସୃଜନାତ୍ମକ ପଦକ୍ଷେପ ସମ୍ଭବ କୁ ସେ ପ୍ରଶଂସା କରିଥିଲେ । ଏହି ବୈଠକରେ ଅନ୍ୟମାନଂକ ମଧ୍ୟରେ ଅତିରିକ୍ତ ଜିଲ୍ଲାପାଳ ଶ୍ରୀ ଶରତ ଚନ୍ଦ୍ର ମହାପାତ୍ର, ଅତିରିକ୍ତ ଜିଲ୍ଲାପାଳ ଶ୍ରୀ ପ୍ରତାପ ପ୍ରୀତିମୟ, ଜିଲ୍ଲା ପରିଷଦର ମୁଖ୍ୟ ଉନ୍ନୟନ ଅଧୁକାରୀ ତଥା କାର୍ଯ୍ୟ ନିର୍ବାହୀ ଅଧିକାରୀ ଶ୍ରୀ ହେମନ୍ତ କୁମାର ସିଂହ, ଜିଲ୍ଲା ମୁଖ୍ୟ ଚିକିତ୍ସା ଓ ଜନ ସ୍ୱାସ୍ଥ୍ୟ ଅଧିକାରୀ ଡ.ଶିବାନନ୍ଦ ମହାନ୍ତି, ସମସ୍ତ ଉପଜିଲ୍ଲାପାଳ, ତହସିଲଦାର, ଗୋଷ୍ଠି ଉନ୍ନୟନ ଅଧିକାରୀଙ୍କ ସମେତ ବିଭିନ୍ନ ବିଭାଗର ଜିଲ୍ଲା ସ୍ତରୀୟ ଅଧିକାରୀ ପ୍ରମୁଖ ଉପସ୍ଥିତ ଥିଲେ।

## ଆରମ୍ଭ ହେଲା ସୁଭଦ୍ରାରଥ

ଅସ୍ତରଙ୍ଗ,(ମହାଭାରତ): ସୁଭଦ୍ରା ଯୋଜନା କୁ ନେଇ ସାରା ରାଜ୍ୟ ରେ ଏବେ ଗହଳ ଚହଳ ଲାଗିଥିବା ବେଳେ ଆଜି ପୁରୀ ଜିଲ୍ଲା ଅସ୍ତରଙ୍ଗ ବ୍ଲକ ରେ ସୁଭଦ୍ରା ଯୋଜନା ରେ ଗଡିଛି ରଥ। ଆଜି ଅସ୍ତରଙ୍ଗ ବ୍ଲକ ରେ ସୁଭଦ୍ରା ରଥ ର ଶୁଭଉଦ୍ଘାଟନ କରାଯାଇଛି। ଏହି କାର୍ଯ୍ୟକ୍ରମ କୁ ଅସ୍ତରଙ୍ଗ ପ□ାୟତ ସମିତି ଅଧକ୍ଷା ଶ୍ରୀମତୀ ଆରତୀ ନାୟକ ନଡ଼ିଆ ଭାଙ୍ଗି ରଥ ଗଡ଼ିବା କାର୍ଯ୍ୟକ୍ରମ ର ଉଦ୍ଘାଟନ କରିବା ସହ ଉପସ୍ଥିତ ମହିଳା ଙ୍କୁ ରାଜ୍ୟ ସରକାର ଙ୍କ ଏହି ବହୁ ମୂଲ୍ୟ ଯୋଜନା ଉପରେ ସମ୍ୟକ ପରାମର୍ଶ ପ୍ରଦାନ କରିଛନ୍ତି। ରାଜ୍ୟ ରେ ପ୍ରତ୍ୟେକ ୨୧ ବର୍ଷ ରୁ ଉର୍ଦ୍ଧ ୬୦ ବର୍ଷ ଭିତରେ ମହିଳା ଏହି ଯୋଜନା ରେ ଅନ୍ତର୍ଭୁକ୍ତ ହେବା ସହ ବର୍ଷକୁ ୨ ଟି କିସ୍ତି ରେ ୫ହଜାର ଲେଖା ୧୦ ହଜାର ଟଙ୍କା ପାଇବେ। ସମୁଦାୟ ୫ ବର୍ଷ ରେ ୫୦ ହଜାର ଟଙ୍କା ପାଇ ପ୍ରତ୍ୟେକ ମହିଳା ନିଜକୁ କର୍ମଶୀଳ କରାଇପାରିବେ, ରାଜ୍ୟ ସରକାର ଙ୍କ ଏହି ମହତ୍ୱପୂର୍ଣ୍ଣ କାର୍ଯ୍ୟକ୍ରମ ପାଇଁ ସବୁ ପଞ୍ଚାୟତ ରେ ପ୍ରତ୍ୟେକ ମହିଳା ଙ୍କୁ ସୁଭଦ୍ରା ଯୋଜନା ର କାର୍ଯ୍ୟପ୍ୟା ଉପରେ ସଚେତନତା କରାଇବା ନିମନ୍ତେ ୧୨ ତାରିଖ ରୁ ୧୬ ତାରିଖ ପର୍ଯ୍ୟନ୍ତ ୧୫ ଗୋଟି ପଞ୍ଚାୟତ ରେ ପର୍ଯ୍ୟାୟ କ୍ରମେ ଏହି ରଥ ପରିଭ୍ରମଣ କରିବ। ଆଜି ଏହି ଉଦ୍ଘାଟନ କାର୍ଯ୍ୟ ରେ ଉପାଧ୍ୟକ୍ଷ ଦୁଃର୍ଜୟ ମିଶ୍ର, ଅତିରିକ୍ତ ବିଡ଼ିଓ ଯୋଗେନ୍ଦ୍ର ମହାକୁଡ଼। ମହିଳା ଶିଶୁ କଲ୍ୟାଣ ଅଧିକାରୀ ଙ୍କ ସହ ସମସ୍ତ ସହକାରୀ କର୍ମୀ ଉପସ୍ଥିତ ରହି ରଥ ଟିକୁ ପାରମ୍ପରିକ ପ୍ରଥା ରେ ଧୂପ ଦ୍ୱୀପ ଲଗାଇ ପୂଜାର୍ଚ୍ଚନା କରିବା ସହ ଏହାର ଶୁଭ ଉଦ୍ଘାଟନ କରିଛନ୍ତି ।

# ଚିନ୍ତା ବଢ଼ାଉଛି ମୁକୁଳା ଟ୍ରାନ୍ସଫର୍ମର୍

## ଚିର ନିଦ୍ରାରେ ହିନ୍ଦୋଳ ବିଦ୍ୟୁତ ବିଭାଗ



ହିନ୍ଦୋଳ(ମହାଭାରତ)ହିନ୍ଦୋଳ ଏନ୍ ଏ ସି ଅନ୍ତର୍ଗତ ୧୪ ନମ୍ବର୍ ୱାର୍ଡ ରାଜମୋହନପୂର ସ୍କୁଲ୍ ଠାରୁ ପାଖାପାଖି ମାତ୍ର ୧୦୦ ମିଟର ଦୂରରେ ମୁଖ୍ୟ ରାସ୍ତା କଡ଼ରେ ଆଜକୁ ପ୍ରାୟ ଅନେକ ବର୍ଷ ପୁର୍ବରୁ ରହିଛି ଏହି ମୁକୁଳା ଟ୍ରାନ୍ସଫର୍ମର୍। ଯେଉଁ ବାଟରେ ପ୍ରତ୍ୟେକ ଦିନ ହଜାର ହଜାର ଲୋକ ମାନଙ୍କ ସମେତ ଶହଶହ ଛାତ୍ରଛାତ୍ରୀ ମାନେ ବିଦ୍ୟାଳୟକୁ ଯିବା ଆସିବା କରନ୍ତି। କିନ୍ତୁ ଦୁଃଖର ବିଷୟ ଯେ ଦୀର୍ଘ ବର୍ଷ ହେବ ଏହି ଜନବସତି ପୂର୍ଣ୍ଣ ସ୍ଥାନରେ ବିପଦପୂର୍ଣ୍ଣ ଅବସ୍ଥାରେ ଏକ ମୁକୁଳା ଟ୍ରାନ୍ସଫର୍ମର୍ ରହିଛି। ଯାହାର ଚତୃପାର୍ଶ୍ୱରେ ନା ଅଛି କୌଣସି ବାରିକେଟର ବ୍ୟବସ୍ଥାୟ ତେବେ ବାରମ୍ୱାର ଏ ନେଇ ଅଭିଯୋଗ କଲେ ମଧ ପ୍ରଶାସନ ପକ୍ଷରୁ ଏ ପର୍ଯ୍ୟନ୍ତ କୌଣସି ପଦକ୍ଷେପ ଗ୍ରହଣ କରାଯାଇ ନଥିବା ଅଭିଯୋଗ ହୋଇଆସିଛି। ତେବେ ଅନେକ ଗଣମାଧ୍ୟମରେ ମଧ ଏନେଇ ଅନେକ ଥର ଖବର ପ୍ରସାରଣ କରଯାଇଥିଲା।ତେବେ ସବୁଜାଣି ମଧ ପ୍ରଶାସନ ନିରବ। ତେବେ ଆଗାମୀ ଦିନରେ ଏକ ବଡ ଦୁର୍ଘଟଣା ଘଟିବା ପୂର୍ବରୁ ଯଥାଶୀଘ୍ର ଏହି ମୁକୁଳା ଟ୍ରାନ୍ସଫର୍ମର୍ ଚତୃପାର୍ଶ୍ୱରେ ବାରିକେଟର ବ୍ୟବସ୍ଥା କରିବା ପାଇଁ ଗ୍ରାମବାସୀ ମାନଙ୍କ ପକ୍ଷରୁ ଦାବି ହୋଇଛି।

## ଡାଙ୍ଗମାଳରେ ଟଙ୍କା ସୁଧିଆ କାରବାରକୁ ନେଇ ଥାନାରେ ଅଭିଯୋଗ

ରାଜନଗର,(ମହାଭାରତ):: ରାଜନଗର ବ୍ଲକ ତାଳଚୁଆ ସାମୁଦ୍ରିକ ଥାନା ଅନ୍ତର୍ଗତ ଡାଙ୍ଗମାଳ ପଂଚାୟତ ରଗଡାପାଟିଆ ଗ୍ରାମର ବିଜୟ ସେଠିଙ୍କ ସ୍ତ୍ରୀ ଅନିମା ସେଠି (ସାହୁ )ସାମୁଦ୍ରିକ ଥାନାରେ ଟଙ୍କା ସୁଧ କାରବାରକୁ ନେଇ ଏକ ଅଭିଯୋଗ କରିଛନ୍ତି। ସେ ତାଙ୍କ ଅଭିଯୋଗରେ ଦର୍ଶାଇଛନ୍ତି, ଦରିଦ୍ର ପରିବାର ହେତୁ ତାଙ୍କ ସ୍ୱାମୀ ବେପାର କରି ପରିବାର ପ୍ରତିପୋଷଣ କରନ୍ତି। ବିଭିନ୍ନ ସମୟରେ ଆର୍ଥିକ ଦୁରବସ୍ଥା ପାଇଁ ଧାର କରଜ କରି ଟଙ୍କା ନେଇ ବେପାର କରିଥାନ୍ତି। ଦୀର୍ଘ ୮ମାସ ହେବ ତାଙ୍କ ସ୍ୱାମୀ ଚନ୍ଦବାଲିରେ ରହି ବେପାର କରୁଥିବାବେଳେ ଆଦୌ ଘରକୁ ଆସିନଥିବା ବେଳେ ପ୍ରାୟ ଏକ ମାସ ପୂର୍ବରୁ ଖମାରସାହି ଗ୍ରାମର ଉପେନ୍ଦ୍ର ସ୍ୱାଇଁଙ୍କ ପୁଅ ସୁମନ୍ତ ସ୍ୱାଇଁ ସକାଳ ୯ଟା ସମୟରେ ଫୋନ କରି ମୋତେ କହିଲେ ଯେ, ତମ ସ୍ୱାମୀ ମୋଠାରୁ ଦୁଇ ଲକ୍ଷ ପଚଶ ହଜାର ଟଙ୍କା ନେଇଥିଲେୟ ଦୁଇ ଲକ୍ଷ ଟଙ୍କା ଫେରାଇଛି। ଅବଶିଷ୍ଟ ପଚଶ ହଜାର ଟଙ୍କା ଓ ତାର ସୁଧ ପରିଶୋଧ କର, ନଚେତ ଅସୁବିଧା ହେବ। ମୁଁ ଏ ବିଷୟରେ ସ୍ୱାମୀଙ୍କୁ ପଚାରିବାରୁ ସେ କହିଲେ, ତମେ ଏ ବିଷୟରେ ଚିନ୍ତା କରନାହିଁ,ମୁଁ ଗଲେ ବୁଝିବି।ମାତ୍ର ଏ ଘଟଣାର ୭କ୍ଷ୮ଦିନ ପରେ ସୁମନ୍ତ ସ୍ୱାଇଁ ସଞ୍ଜ ସମୟରେ ମୋ ଘର ଦୁଆର ମୁହଁରେ ପହଂଚି ସ୍ୱାମୀଙ୍କ ନାମ ଧରି ଡାକିବାରୁ ମୁଁ ଘରେ ନାହାନ୍ତି ବୋଲି କହିବାରୁ ସେ କହିଲେ ମୁଁ ଜାଣିଛି ଯେ କୁଶ (ମୋ ସ୍ୱାମୀଙ୍କ ଡାକନାମ )ଘରେ ନାହିଁ। ମୁଁ ଦ୍ୱାର ନିକଟକୁ ଆସିବାରୁ ମୋତେ ନାଲି ଆଖି ଦେଖାଇ ମୋ ମୁହଁ ପାଖକୁ ଆଙ୍ଗୁଠି ନେଇ ଧୋବଣୀ, ତୋ ସ୍ୱାମୀ ଟଙ୍କା ନେଇଛି ମାନେ ତୁ ସୁଝିବୁ। ମୁଁ କେଉଁଠୁ ଟଙ୍କା ଆଣିବି ବୋଲି କହିବାରୁ ତୁ ଶୋଇକି ଟଙ୍କା ଆଣେ କି ରାଣ୍ଡିଗିରି କରି ଟଙ୍କା ଆଣେ ବୋଲି କହିବା ସହ ମୋ ଜାତିକୁ ନେଇ ଅଶ୍ରାବ୍ୟ ଭାଷାରେ ଗାଳିଗୁଲଜ କରି ଚାଲିଗଲା।ଏ ସମ୍ପର୍କରେ ମୁଁ ସ୍ୱାମୀଙ୍କୁ କହିବାରୁ ସେ କହିଲେ ମୁଁ ଦୁଇ ଲକ୍ଷ ପଚଶ ହଜାର ଟଙ୍କା ଆଣିଥିଲି। ସମୂଳସୁଧ ତିନିଲକ୍ଷ ପଇଂଚାଳିଶ ହଜାର ଟଙ୍କା ଦେଇଛି। ସୁଧ ବାବଦକୁ ଆଉ କିଛି ଟଙ୍କା ପାଇବ, ମୁଁ ଗଲେ କଥା ହେବି। ମାତ୍ର ଗତ ୮ତାରିଖ ଦିନ ସୁମନ୍ତ ପୁନର୍ବାର ମୋ ସ୍ୱାମୀଙ୍କୁ ନାନାଦି ଅଶ୍ଳୀଳ ଭାଷାରେ ଗାଳିଗୁଲଜ କରିବାରୁ ମୁଁ ସାମୁଦ୍ରିକ ଥାନାରେ ୧୦ତାରିଖରେ ଅଭିଯୋଗ କରିଥିଲି। ଥାନାରେ ଉଭୟ ପକ୍ଷ ଭଦ୍ରଲୋକଙ୍କୁ ନେଇ ସମାଧାନ କରିବାକୁ ଲେଖିଦେଇ ଆସିଥିଲୁ। ଅଥଚ ଭଦ୍ରଲୋକ କୌଣସି ନିଷ୍ପତି ନକରିବାରୁ ପୁନର୍ବାର ସେ ଥାନାର ଦ୍ୱାରସ୍ତ ହୋଇଥିବା ଉଲ୍ଲେଖ କରିଛନ୍ତି।

## ଆସିକା ବିଧାୟକଙ୍କ ବିରୁଦ୍ଧରେ ମେଳି ହେଲେ ଆସିକା ବ୍ଲକ ସରପଞ୍ଚ ସଂଘ

ଆସିକା(ମହାଭାରତ):ଆସିକା ବିଧାୟକ ସରୋଜ କୁମାର ପାଢ଼ୀ କିଛି ଦିନ ତଳେ ନିଜ ବକ୍ତବ୍ୟରେ ଦୁର୍ନୀତି ରେ ଲିପ୍ତ ୧୦୦ଜଣ ସରପଞ୍ଚଙ୍କୁ ତାଲିକା ଭୁକ୍ତ କରିବା କହିଥିବା କଥା କୁ ଦୃଢ଼ ବିରୋଧ କରି ରାଜ୍ୟ ଏବଂ ଗଞ୍ଜାମ ଜିଲ୍ଲା ସରପଞ୍ଚ ସଂଘ ର ନିର୍ଦ୍ଦେଶରେ ଆସିକା ବ୍ଲକ ସରପଞ୍ଚ ମାନଙ୍କ ଏକ ବୈଠକ ଆଜି କାଳକଣ୍ଢେପୁର କାଳୀ ମନ୍ଦିର ମେରୁ ପଡିଆରେ ଅନୁଷ୍ଠିତ ହୋଇଥିଲା । ଆଜି ଆସିକା ବ୍ଲକର ସରପଞ୍ଚ ମାନଙ୍କ ଏକ ନୂତନ ସଂଘ ଗଠନ କରାଯାଇଥିଲା । ଏହି ସଂଘରେ ସର୍ବସମ୍ମତି କ୍ରମେ ଦକ୍ଷିଣ ଓଡିଶା ସରପଞ୍ଚ ସଂଘ ର ସଭାପତି ଭବାନୀ ଶଙ୍କର ମଲ୍ଲିକ ଙ୍କୁ ଆସିକା ବ୍ଲକ ସରପଞ୍ଚ ସଂଘ ର ସଭାପତି ଭାବେ ସର୍ବ ସମ୍ମତି କ୍ରମେ ମନୋନୀତ କରାଯାଇଥିଲା । ଉପ ସଭାପତି ରୂପେ ଚଢେଆପଲ୍ଲୀ ର ସରପଞ୍ଚ ଜୟସେନ ସ୍ୱାଇଁ ମନୋଜ କୁମାର ପରିଡା, କୋଷାଧକ୍ଷ ରୂପେ ପାଣ୍ଡିଆପଥର ସରପଞ୍ଚ ନୀଳାଞ୍ଚଳ ଗୌଡ଼, ବଦଖୋଲି ସରପଞ୍ଚ ଦୁର୍ଗା ପ୍ରସାଦ ବେହେରା ଏବଂ ନିମିନା ସରପଞ୍ଚ ବିଦ୍ୟାନ୍ତ କୁମାର ଚର୍ଚ୍ଚି ଙ୍କୁ ଉପଦେଷ୍ଟା ରୂପେ ଚୟନ କରାଯାଇଥିଲା କ୍ଷଏହି ବୈଠକରେ ଅନ୍ୟ ମାନଙ୍କ ମଧ୍ୟରେ ହରିଡ଼ାପଦର ସରପଞ୍ଚ ଜୟନ୍ତୀ ବେହେରା, ବାଲିସିରା ସରପ□ ଦୈତାରୀ ବେହେରା, ମଙ୍ଗଳପୁର ସରପଞ୍ଚ ଦେବରାଜଙ୍କ ପ୍ରତିନିଧି ନନ୍ଦ ବିଷୋୟୀ,ଗଙ୍ଗାପୁର ସରପ□ ମନୋଜ ନାହାକ , ଭେଟନଇ ସରପଞ୍ଚ ପ୍ରତିନିଧି ଟୁଲୁ ଜେନା ସମେତ ସମସ୍ତ ସରପଞ୍ଚ ମାନଙ୍କ ପ୍ରତିନିଧି ଓ କିଛି ସମିତି ସଭ୍ୟ ମଧ ଯୋଗ ଦେଇଥିଲେ । ଏହି ବୈଠକ ରେ ଆସିକା ବିଧାୟକ ସରପଞ୍ଚ ମାନଙ୍କ ବିରୋଧ ରେ ଗଣମାଧ୍ୟମ କୁ ଦେଇଥିବା ମନ୍ତବ୍ୟ କୁ ଘୋର ନିନ୍ଦା କରିବା ସହ ଏହାର ପ୍ରତିବାଦ ରେ ଆଗାମୀ ବୁଧବାର ଦିନ ଆସିକା ରେ ଜିଲ୍ଲା ସ୍ତରୀୟ ସରପଞ୍ଚ ମାନଙ୍କୁ ନେଇ ଏକ ବିରାଟ ରାଲି ଦ୍ୱାରା ପ୍ରତିବାଦ କରାଯିା ସହ ବିଧାୟକ ଦେଇଥିବା ଅପ୍ରୀତି କର ମନ୍ତବ୍ୟ କୁ ନିନ୍ଦା କରିବା ସହ ସର୍ବ ସମ୍ମୁଖରେ ନିଜ ଭୁଲ ସ୍ୱୀକାର କରନ୍ତୁ। ଏବଂ ଯଦି ଆମ ସରପଞ୍ଚ ମାନେ କୌଣସି ଦୁର୍ନୀତିରେ ଲିପ୍ତ ଅଛନ୍ତି ତେବେ ତାର ପ୍ରମାଣ ଦେଲେ ସଙ୍ଘ ଉକ୍ତ ସରପଞ୍ଚ ବିରୁଦ୍ଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ନେବ ବୋଲି ସଂଘ ସଭାପତି ଭବାନୀ ଶଙ୍କର ମଲ୍ଲିକ ପ୍ରକାଶ କରିଛନ୍ତି।

## ହିନ୍ଦୋଳ ପ୍ରବେଶ ପଥରେ ଦେଶୀ ମହୁଲି ଭାଟିକୁ ନେଇ ଜନ ଅସନ୍ତୋଷ

ହିନ୍ଦୋଳ(ମହାଭାରତ)ହିନ୍ଦୋଳ ଏନ୍.ଏ .ସି ରେ ଥିବା ୩ ଟି ପ୍ରବେଶ ପଥ ମଧ୍ୟରୁ ନରସିଂହପୁର-ହିନ୍ଦୋଳ ପ୍ରବେଶ ପଥଟି ଆରମ୍ଭ ହେଉ ହେଉ ମୁଖ୍ୟ ରାସ୍ତାକୁ ଲାଗି ଥିବା ଦେଶୀମହୁଲି ଭାଟିର ଅସହ୍ୟ ଗନ୍ଧରେ ପଥଚାରୀ ମାନେ ଅତିଷ୍ଠ ହେଉଥିବାର ଦେଖିବାକୁ ମିଳିଛି। ଏହି ମହୁଲି ଭାଟିଠାରୁ ମାତ୍ର ୧୦୦ ମିଟର ମଧ୍ୟରେ ହିନ୍ଦୋଳ ଏସ.ଡି.ପି.ଓ କାର୍ଯ୍ୟାଳୟ,ହିନ୍ଦୋଳ ବନାଞ୍ଚଳ କାର୍ଯ୍ୟାଳୟ,ହିନ୍ଦୋଳ ଉପ କାରାଗାର ଏବଂ ବିଜୁ ପଟ୍ଟନାୟକ ଇଣ୍ଡୋର୍ ଷ୍ଟାଡିୟମ୍ ଅବସ୍ଥିତ। ଏହି ଭାଟିଠାରୁ ୧୦୦ ମିଟର ଦୂରରେ ଥିବା ବିଜୁ ପଟ୍ଟନାୟକ ଇଣ୍ଡୋର୍ ଷ୍ଟାଡିୟମ୍ ଅବସ୍ଥିତ। ପ୍ରତିଦିନ ସକାଳେ ଶହ ଶହ ଲୋକ ଏହି ରାସ୍ତା ଦେଇ ମର୍ଣ୍ଣିଂୱାକ ଏବଂ ସ୍ୱାସ୍ଥ୍ୟ ସାଧନ ନିମନ୍ତେ ବ୍ୟାୟମ କରିବାକୁ ଯାଇଥାନ୍ତି। ମାତ୍ର ଏଠାକାର ଦୁର୍ଗନ୍ଧମୟ ଦୂଷିତ ପରିବେଶ ସମସ୍ତଙ୍କ ମନରେ କ୍ଷୋଭ ସୃଷ୍ଟି କରୁଥିବାର ଦେଖିବାକୁ ମିଳିଛି। ସାଧାରଣ ଲୋକଙ୍କ କ୍ଷୋଭ ପ୍ରକାଶ ସ□ତ୍ତ୍ୱ ଏହି ଦେଶୀ ମଦ ଭାଟିକୁ ଏଠାରୁ ଉଚ୍ଛେଦ କରିବା ନେଇ ସ୍ଥାନୀୟ ପ୍ରଶାସନ କୌଣସି ପ୍ରକାରର ତତ୍ପରତା ପ୍ରକାଶ କରୁନାହିଁ। ଏହି ଦେଶୀ ମଦ ଭାଟି ହିନ୍ଦୋଳ ଏନ୍.ଏ .ସି ପରିଧି ମଧ୍ୟରେ ଆସୁଥିବା ବେଳେ ପରିବେଶ ପ୍ରଦୂଷଣକୁ ନିୟନ୍ତ୍ରଣ କରିବା ନେଇ ଏନ୍.ଏ.ସି ର କର୍ତ୍ତୃପକ୍ଷ ମଧ୍ୟ କୌଣସି ପ୍ରକାରର ଆଗ୍ରହ ପ୍ରକାଶ କରୁନାହାନ୍ତି। ଦେଶୀ ମଦ ଭାଟି ବ୍ୟବସାୟୀଙ୍କ ଠାରୁ ମୋଟା ଅଙ୍କର ଲାଞ୍ଚ ନେଇ ଏହିଭଳି ପ୍ରାଶାସନିକ ଉଦାରତା ପୋଷଣ କରାଯାଉଛି ବୋଲି ସାଧାରଣ ଲୋକେ ଅଭିଯୋଗ କରୁଛନ୍ତି। ଯଥାଶୀଘ୍ର ଏହି ଭାଟିକୁ ଜନଗହଳିଠାରୁ ଦୂରକୁ ଅନ୍ୟତ୍ର ସ୍ଥାନାନ୍ତରଣ କରିବାକୁ ହିନ୍ଦୋଳବାସୀ ଦାବୀ କରିଛନ୍ତି। ବର୍ତ୍ତମାନ ଏହି ସମସ୍ୟା ହିନ୍ଦୋଳ ଏନ୍.ଏ .ସି ର ଲଜ୍ଜା ବୋଲି ବୁଦ୍ଧିଜୀବି ମହଲରେ ଚର୍ଚ୍ଚା ଜୋର୍ ଧରିଛି।

## ଯୋଡ଼ା ରେ ବୁଲିଲା ସୁଭଦ୍ରା ରଥ

ଯୋଡ଼ା (ମହାଭାରତ)କେନ୍ଦୁଝର ଜିଲ୍ଲା ଯୋଡା ପୌରପାଳିକା ପରିସରରେ ପୌରାଧକ୍ଷ ଜଗଦୀଶ ପ୍ରସାଦ ସାହୁ ଙ୍କ ଦ୍ୱାରା ସବୁଜ ପତାକା ଦେଖାଇ ପ୍ରଥମ ଥର ପାଇଁ ସୁଭଦ୍ରା ରଥ ପରିକ୍ରମା ର ଶୁଭାରମ୍ଭ ହୋଇଯାଇଛି। ରାଜ୍ୟ ସରକାର ମହିଳା ମାନଙ୍କୁ ସହାୟତା ଯୋଗାଇ ଦେବା ଉଦ୍ଦେଶ୍ୟରେ କରିଥିବା ସୁଭଦ୍ରା ଯୋଜନା ର ସଠିକ ମାର୍ଗ ଦର୍ଶନ ଏହାର ଲକ୍ଷ୍ୟ ଥିବା ବେଳେ ଯୋଗ୍ୟ ହିତାଧିକାରୀ କେମିତି ଉପକୃତ ହେବେ। ସେ ଦିଗରେ ସଚେତନ କରିବା ଏହାର ମୂଳ ଲକ୍ଷ୍ୟ, ଜନସେବା କେନ୍ଦ୍ର ଓ ମୋ ସେବା କେନ୍ଦ୍ର କୁ ଯାଇ ନିଶୁଳ୍କ ପଞ୍ଜୀକରଣ କରିବା ଏହାର ଲକ୍ଷ୍ୟ। ଏହି ପରିପ୍ରେକ୍ଷୀରେ ଯୋଡା ପୌରପାଳିକା ର ବିଭିନ୍ନ ୱାର୍ଡ ଓ ବସ୍ତି ଗୁଡ଼ିକ ରେ ଏହି ସଚେତନ ରଥ ବୁଲୁଥିଲା। ଏହି ରଥ କୁ ବିଭିନ୍ନ ବର୍ଗର ମହିଳା ମାନେ ବନ୍ଦାପନା କରି ଏହାକୁ ସ୍ୱାଗତ କରିବା ସହ କାର୍ଯ୍ୟକ୍ରମରେ ନିଜକୁ ସାମିଲ କରିଥିଲେ। ଏହି ପରିପ୍ରେକ୍ଷୀରେ ଶିଶୁ କଲ୍ୟାଣ ଓ ବିକାଶ ଅଧିକାରିଣୀ ମାନସୀ ବେହେରା ମଧ୍ୟ ଉପସ୍ଥିତ ରହିବା ସହ ପୌରପାଳିକା ର ଅନ୍ୟାନ୍ୟ କର୍ମଚାରୀ ଉପସ୍ଥିତ ଥିଲେ।

## ପୂର୍ବ ଶତ୍ରୁତା କୁ କେନ୍ଦ୍ର କରି ଯୁବକଙ୍କୁ ଖଣ୍ଡା ଆକ୍ରମଣ

ଅନୁଗୋଳ(ମହାଭାରତ):ଅନୁଗୋଳ ଜିଲ୍ଲା ଜରପଡା ଥାନା ଅନ୍ତର୍ଗତ ଜରଡା ଗ୍ରାମରେ ପୂର୍ବ ଶତ୍ରୁତା କୁ କେନ୍ଦ୍ର କରି ଯୁବକଙ୍କୁ ଖଣ୍ଡାରେ ଆକ୍ରମଣ। ସୂଚନା ଅନୁସାରେ , ଜରଡା ଗ୍ରାମର ଭିମ ବେହେରା ଙ୍କ ପୁଅ ବାପି ବେହେରା (୨୬)ଙ୍କ ସହ ଗତ କାଲି ସନ୍ଧ୍ୟା ସମୟରେ କିଛି ଯୁବକ ଆସି ଝଗଡ଼ା କରିବା ସହ ମାଡ ମାରିଥିଲେ ।ଯାହା ଫଳରେ ଜରପଡ଼ା ଥାନାରେ ବାପି ଙ୍କ ପରିବାର ପକ୍ଷରୁ ଅଭିଯୋଗ କରିଥିଲେ। ସେହି ଯୁବକ ମାନେ ବାପି ଙ୍କ ପରିବାର ଲୋକ ଙ୍କୁ ଅଭିଯୋଗ ନ ଉଠାଇଲେ ହାଣି ଦେବୁ ବୋଲି ଧମକ ଦେଇଥିଲେୟ ଆଜି ସକାଳ ୧୦ ଘଟିକା ବେଳେ ବାପି ଘରେ ଥିବା ଅବସ୍ଥାରେ ସେହି ଯୁବକଙ୍କ ମାନେ ବାଇକ୍ ରେ ଆସି ବାପି ଙ୍କୁ ଗୋଡାଇ ଗୋଡାଇ ହାଣି ଥିଲେ। ଯାହା ଫଳରେ ବାପି ଗୁରୁତର ହୋଇଥିଲେୟ ପରିବାର ଲୋକ ଆମ୍ବୁଲାନ୍ସ ଯୋଗ ବାପି ଙ୍କୁ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟ ରେ ଭର୍ତି କରିଥିଲେ। ବାପିଙ୍କର ଗୋଡ, ଅଣ୍ଟା ଓ ମୁଣ୍ଡ ରେ ଗଭୀର ଆଘାତ ଲାଗିଛି।

## ନୂଆଁ ବସ ଷ୍ଟାଣ୍ଡ ଠାରେ ଘରୋଇ ବସ ମାଲିକ ସଂଘ ପକ୍ଷରୁ ବାର ଘଣ୍ଟିଆ ବସ ବନ୍ଦ ଡାକରା

ଗଜପତି(ମହାଭାରତ): ଗଜପତି ଜିଲ୍ଲା ସଦର ମହକୁମା ପାରଳାଖେମୁଣ୍ଡି ସ୍ଥିତ ନୂଆଁ ବସ ଷ୍ଟାଣ୍ଡ ଠାରେ ଘରୋଇ ବସ ମାଲିକ ସଂଘ ପକ୍ଷରୁ ବାର ଘଣ୍ଟିଆ ବସ ସେବା ବନ୍ଦ ଡାକରା ଦିଆ ଯାଇଛି। ସହର ମଧ୍ୟରେ ଲକ୍ଷ୍ମୀ ବସ ଚଳା ଚଳକୁ ବିରୋଧ କରି ଏହି ବନ୍ଦ ଡାକରା ଦିଆ ଯାଇଥିବା ବସ ମାଲିକ ମାନେ ଗଣମାଧ୍ୟମ କୁ ସୂଚନା ଦେଇଛନ୍ତି। ବିଭିନ୍ନ ବ୍ଲକ ରୁ ବାହାରି ବିଭିନ୍ନ ଗ୍ରାମ ପଞ୍ଚାୟତ ଓ ଗ୍ରାମକୁ ସଂଯୋଗ କରି ବସ ସେବା ଯୋଗାଇବା ନିୟମ ରହିଥିବା ବେଳେ ସହର ଭିତରକୁ ଲକ୍ଷ୍ମୀ ବସ ପ୍ରବେଶ କରିଥିବାରୁ ଘରୋଇ ବସ ମାଲିକ ସଙ୍ଘ ଏହାକୁ ବିରୋଧ କରି ୧୨ ଘଣ୍ଟିଆ ବନ୍ଦ ଡାକରା ଦେଇଛନ୍ତି ବୋଲି ଘରୋଇ ବସ ମାଲିକ ସଙ୍ଘ ପକ୍ଷରୁ ଗଣମାଧ୍ୟମକୁ ସୂଚନା ଦେଇଛନ୍ତ।

## ସ୍ୱଚ୍ଛତା ହିଁ ସେବା ପାଇଁ ପ୍ରସ୍ତୁତି ବୈଠକ

ଦେବଗଡ଼ (ମହାଭାରତ): ଭାରତ ସରକାରଙ୍କ ପକ୍ଷରୁ ସ୍ୱଚ୍ଛତା ଅଭିଯାନ ପାଇଁ ସେପ୍ଟେମ୍ବର ୧୭ ତାରିଖ ଠାରୁ ଅକ୍ଟୋବର ୧ ତାରିଖ ପର୍ଯ୍ୟନ୍ତ ହେବାକୁ ଥିବା ସ୍ୱଚ୍ଛତା ସେବା ଆବର୍ଜନା ମୁକ୍ତ ଭାରତ କାର୍ଯ୍ୟକ୍ରମ ପାଇଁ ଗୁରୁବାର ଜିଲ୍ଲା ପ୍ରଶାସନ ପକ୍ଷରୁ ଏକ ପ୍ରସ୍ତୁତି ବୈଠକ ଜିଲ୍ଲାପରିଷଦ ସମ୍ମିଳନୀ କକ୍ଷରେ ଅନୁଷ୍ଠିତ ହୋଇଯାଇଛ। ଜିଲ୍ଲାପାଳ କବିନ୍ଦ୍ର କୁମାର ସାହୁଙ୍କ ଅଧକ୍ଷତାରେ ଆୟୋଜିତ ବୈଠକରେ ଦେବଗଡ଼ ଜିଲ୍ଲାକୁ ସଂପୂର୍ଣ୍ଣ ପରିମଳ ଜିଲ୍ଲାରେ ପରିଣତ କରିବା ଓ ସ୍ୱଚ୍ଛତା ହିଁ ସେବା କାର୍ଯ୍ୟକ୍ରମ ଆୟୋଜନ ସମ୍ପର୍କରେ ଆଲୋଚନା କରାଯାଇଥିଲା । ସହର, ବ୍ଲକ, ପଞ୍ଚାୟତ କିଭଳି ସଫାସୁତୁରା ରଖାଯିବ ଜିଲ୍ଲାକୁ ସ୍ୱଚ୍ଛ ସୁନ୍ଦର କରିବା ପାଇଁ ସମସ୍ତଙ୍କ ସହଯୋଗ ଉପରେ ଜିଲ୍ଲାପାଳ ଶ୍ରୀ ସାହୁ ଗୁରୁତ୍ୱାରୋପ କରିଥିଲେ । ବୈଠକରେ ମୁଖ୍ୟ ଉନ୍ନୟନ ତଥା କାର୍ଯ୍ୟ ନିର୍ବାହୀ ଅଧିକାରୀ ଜିଲ୍ଲାପରିଷଦ ଧର୍ମାନନ୍ଦ ବେହେରା, ଗୋଷ୍ଠୀ ଉନ୍ନୟନ ଅଧିକାରୀ ରିଆମାଳ ଉଗ୍ରସେନ ଓରାମ, ତିଲେଇବଣୀ ଗୋଷ୍ଠୀ ଉନ୍ନୟନ ଅଧିକାରୀ ରଘୁନାଥ ପାଣିଗ୍ରାହୀ, ପିଏ ଆଇଟିଡିଏ ସଂନ୍ଧ୍ୟା ମାଝୀ, ଜିଲ୍ଲା ଶିକ୍ଷା ଅଧିକାରୀ ରାଧାକାନ୍ତ ଗଡତିୟା, ଜିଲ୍ଲା ପଞ୍ଚାୟତ ଅଧିକାରୀ ହେମନ୍ତ ସିଂ, ଏସିଏଫ ସ୍ୱାଧୀନତା ସାହାନି, ସହକାରୀ ନିର୍ଦ୍ଦେଶକ ଉଦ୍ୟାନ ବିଭାଗ ଅନ୍ତର୍ଯ୍ୟାମୀ ସାହୁ, ଜିଲ୍ଲା ମଙ୍ଗଳ ଅଧିକାରୀ ବିଭୁ ରଞ୍ଜନ ମହାନ୍ତି, ଜିଲ୍ଲା ଜଳ ଓ ପରିମଳ ପରାମର୍ଶଦାତା ସ୍ୱଚ୍ଛ ଭାରତ ମିଶନ ଗ୍ରାମୀଣ ଆକୁଳ ବାଡତ୍ୟା, ଜିଲ୍ଲା ସୂଚନା ଓ ଲୋକସମ୍ପର୍କ ଅଧିକାରୀ ମନୋରଞ୍ଜନ ସୂତାର ଓ ବିଭିନ୍ନ ଜିଲ୍ଲା ସ୍ତରୀୟ ଅଧିକାରୀ ପ୍ରମୁଖ ଉପସ୍ଥିତ ଥିଲେ ।

## ଦଳ ସୁଦୃଢ଼ ପାଇଁ ପାରାଦୀପ ବିଜେଡି ର ସାଙ୍ଗଠନିକ କର୍ମୀ ସମ୍ମିଳନୀ




ପାରାଦୀପ(ମହାଭାରତ): ଗତ ସାଧାରଣ ନିର୍ବାଚନ ରେ ବିଜୁ ଜନତା ଦଳ (ବିଜେଡି) ପ୍ରାର୍ଥୀ ମାନଙ୍କ ପରାଜୟ ପରେ ନୈରାଶ୍ୟ ଦଳୀୟ କର୍ମୀ ଙ୍କ ମଧ୍ୟରେ ଆତ୍ମବିଶ୍ୱାସ ସୃଷ୍ଟି କରିବା ପାଇଁ ପାରାଦୀପ ବିଜେଡି ପକ୍ଷରୁ ପ୍ରଥମ ସାଙ୍ଗଠନିକ କର୍ମୀ ସମ୍ମିଳନୀ ବୁଧବାର ସନ୍ଧ୍ୟାରେ ସ୍ଥାନୀୟ ଶ୍ରମିକ ଭବନ ପରିସରରେ ଆୟୋଜିତ ହୋଇଯାଇଛି । ଦଳ ର ସଭାପତି ତଥା ପୌରାଧକ୍ଷ ବସନ୍ତ ବିଶ୍ୱାଳ ଙ୍କ ସଭାପତିତ୍ୱ ରେ ଆୟୋଜିତ ଏହି ଗୁରୁତ୍ୱପୂର୍ଣ୍ଣ ସାଙ୍ଗଠନିକ ବୈଠକରେ ବହୁ ଦଳୀୟ କର୍ମକର୍ତ୍ତା ଓ ସକ୍ରିୟ କର୍ମୀ ସାମିଲ ହୋଇ ବିଜୁ ବାବୁ ଙ୍କୁ ଶ୍ରଦ୍ଧା ସୁମନ ଅର୍ପଣ କରି ନବୀନ ପଟନାୟକ ଙ୍କ ସୁଶାସନ, ଓଡ଼ିଶାରେ ବିଜେଡି ର ସାଙ୍ଗଠନିକ ସୁଦୃଢ଼ତା, ପାରାଦୀପ ରେ ବିଜେଡି ର କାର୍ଯ୍ୟକ୍ରମ,ସାଙ୍ଗଠନିକ ଆଲୋଚନା ଓ ବିଭିନ୍ନ ପ୍ରସ୍ତାବ,ସଭ୍ୟ ତାଲିକା ଓ ୱାର୍ଡ କମିଟି, ମହିଳା କମିଟି ର ସକ୍ରିୟ ଭୂମିକା,ପୌରପାଳିକା ଦ୍ୱାରା ବିଭିନ୍ନ ଉନ୍ନୟନମୂଳକ କାର୍ଯ୍ୟ,ସରକାରଙ୍କ ବିଭିନ୍ନ ଯୋଜନା ଓ ଜନମତ,ସୁଭଦ୍ରା ଯୋଜନାର କାର୍ଯ୍ୟକ୍ରମ ଇତ୍ୟାଦି ଉପରେ ଆଲୋଚନା କରାଯାଇ ଅନ୍ୟାନ ଗଠନ ମୂଳକ ପ୍ରସ୍ତାବ ଓ ବିଜୁ ଜନତା ଦଳକୁ ସୁଦୃଢ଼ କରିବାର ସଂକଳ୍ପ ନିଆଯାଇଥିଲା । ଏହି କାର୍ଯ୍ୟକ୍ରମ ରେ ପୂର୍ବତନ ବିଜେଡି ସାଂସଦ ଡା. କୁଳମଣି ସାମଲ ଓ ବିଜେଡି ରାଜ୍ୟ ସମ୍ପାଦକ ଇଂ.ପ୍ରମୋଦ କିଶୋର ଜେନା ଯୋଗଦେଇ ସଂଗଠନ ସୁଦୃଢ଼ତା ଉପରେ ଗୁରୁତ୍ୱାରୋପ କରି ଉପସ୍ଥିତ କର୍ମୀ ଓ କାର୍ଯ୍ୟକର୍ତ୍ତା ମାନଙ୍କୁ ଉତ୍ସାହିତ କରିଥିଲେ । ଏହି କାର୍ଯ୍ୟକ୍ରମ ରେ ଅନ୍ୟମାନଙ୍କ ମଧ୍ୟରେ ବିଜେଡି ନେତା ଭାସ୍କର ସାହୁ, ଶଙ୍କର ରାଉତ,ଆଲୋକ ମହାପାତ୍ର, ବିଶ୍ୱନାଥ ବଳ,ନାରୀନେତ୍ରୀ ଚପଳା ସ୍ୱାଇଁ, ଆବିଦ ଖାନ,ପାରିଷଦ କମ୍ପଲ ଜଗନ୍ନାଥ ରାଓ, ନବ କୁମାର ବେହେରା, ଟୁନୀଲତା ପରିଡା, ଅଜିତ ଷଡଙ୍ଗୀ, କବିତା ସାହୁ, ଜ୍ୟୋତ୍ସ୍ନାରାଣୀ ଜେନା, ସୌଦାମିନୀ ସାହୁ, ବନିତା ରାଉତ, ସରୋଜିନୀ ସାହୁ, ସୁଶାନ୍ତ ଦାସ ପ୍ରମୁଖ ମଞ୍ଚରେ ଉପସ୍ଥିତ ଥିଲେ। ତେବେ କର୍ମୀ ମାନଙ୍କ ମଧ୍ୟରେ ଜୋସ ଭରିବା ପାଇଁ ପାରାଦୀପ ବିଜେଡି ସଭାପତି ବସନ୍ତ ବିଶ୍ୱାଳ ଙ୍କ ଉଦ୍ୟମ କୁ ଦଳୀୟ ମହଲରେ ଉଚ୍ଚ ପ୍ରଶଂସା କରାଯାଇଛି । ଏହି କର୍ମୀ ସମ୍ମିଳନୀ ରେ ପୌରାଞ୍ଚଳ ର ସମସ୍ତ ୱାର୍ଡ ର ଶତାଧିକ ଦଳୀୟ କର୍ମୀ, କାର୍ଯ୍ୟକର୍ତ୍ତା ଓ ପାରିଷଦ ଉପସ୍ଥିତ ଥିବାର ଦେଖିବାକୁ ମିଳିଥିଲା ।

## ଟାଟା ଷ୍ଟିଲ ଫାଉଣ୍ଡେସନର ମଶାମରା ଅଭିଯାନ ଶେଷ

ଦାନଗଦି :(ମହାଭାରତ) ଦାନଗଦି ଓ ସୁକିନ୍ଦା ବ୍ଲକ ଅନ୍ତର୍ଗତ ୧୧୨ଟି ଗାଁର ୧୬,୮୦୦ରୁ ଅଧିକ ପରିବାର କଳିଙ୍ଗନଗର, ସେପ୍ଟେମ୍ବର ୧୨, ୨୦୨୪: ବର୍ଷା ଦିନେ ସ୍ଥାନୀୟ ଲୋକମାନଙ୍କୁ ମଶାବାହିତ ରୋଗରୁ ରକ୍ଷା କରିବା ପାଇଁ ଟାଟା ଷ୍ଟିଲ୍ ଫାଉଣ୍ଡେସନ୍ କଳିଙ୍ଗନଗର ଅଞ୍ଚଳରେ ଭେକ୍ଟର ବାହିତ ରୋଗ ନିରାକରଣ ଯୋଜନା ଅନ୍ତର୍ଗତ ମଶା ଲାର୍ଭା ନଷ୍ଟ ଅଭିଯାନ ଅଗଷ୍ଟ ରୁ ଆରମ୍ଭ କରିଥିଲା ଯାହା ବୁଧବାର ଶେଷ ହୋଇଯାଇଅଛି। ଯାଜପୁର ଜିଲ୍ଲା ଦାନଗଦୀ ଓ ସୁକିନ୍ଦା ବ୍ଲକର ଉଚ୍ଚ ବିପଦପୂର୍ଣ୍ଣ ଅ□ଳରେ ମଶା ପ୍ରଜନନସ୍ଥଳୀକୁ ନଷ୍ଟ କରି ମ୍ୟାଲେରିଆ, ଡେଙ୍ଗୁ ଓ ଲିମ୍ଫାଟିକ୍ ଫାଇଲେରିଆ ଭଳି ରୋଗର ପ୍ରକୋପ ହ୍ରାସ କରିବା ଏହି ଅଭିଯାନର ମୁଖ୍ୟ ଉଦ୍ଦେଶ୍ୟ ଥିଲା। ଦୀର୍ଘ ମାସେ ଧରି ଚାଲିଥିବା ଏହି ଅଭିଯାନରେ ଦାନଗଦୀ ଓ ସୁକିନ୍ଦା ବ୍ଲକର ୧୩ଟି ଗ୍ରାମ ପଞ୍ଚାୟତ ଅନ୍ତର୍ଗତ ୧୧୨ଟି ଗ୍ରାମର ୧୬,୮୦୦ରୁ ଅଧିକ ପରିବାର ଉପକୃତ ହୋଇଛନ୍ତି। ଟାଟା ଷ୍ଟିଲ ଫାଉଣ୍ଡେସନର ପବ୍ଲିକ୍ ହେଲଥ ଟିମ ନେତୃତ୍ୱରେ ଅନୁଷ୍ଠିତ ଏହି ଅଭିଯାନରେ ଆଶା କର୍ମୀ, ଏଏନଏମ, ସିଏଚ୍ଓ, ଅନ୍ୟ ସ୍ୱାସ୍ଥ୍ୟକର୍ମୀ, ସମାଜ ସଚେତନତାକାରୀ, ସରପଞ୍ଚ ଏବଂ ପିଆରଆଇ ସଦସ୍ୟଙ୍କ ସମେତ ସରକାରୀ କର୍ମଚାରୀମାନେ ସହଯୋଗ କରିଥିଲେ। ଜୈବିକ, ରାସାୟନିକ ଏବଂ ପରିବେଶଗତ ହସ୍ତକ୍ଷେପ ମାଧ୍ୟମରେ ମଶା ପ୍ରଜନନ ସ୍ଥଳକୁ ନଷ୍ଟକରି ମଶାବାହିତ ରୋଗର ବିପଦକୁ ହ୍ରାସ କରିବା ଏହି ପଦକ୍ଷେପର ଲକ୍ଷ୍ୟ ଥିଲା। ରୋଗର ପ୍ରକୋପ ହ୍ରାସ କରିବା, ମଶାଙ୍କ ଜନସଂଖ୍ୟା ନିୟନ୍ତ୍ରଣ କରିବା ଏବଂ ପ୍ରଜନନ ସ୍ଥଳ ଚିହ୍ନଟ ଏବଂ ରିପୋର୍ଟ କରିବାରେ ସ୍ଥାନୀୟ ଲୋକମାନଙ୍କୁ ସଚେତନ କରି ନିୟୋଜିତ କରିବା ମଧ ଏହି ଅଭିଯାନର ଉଦ୍ଦେଶ୍ୟ ଥିଲା। ଲାର୍ଭା ବିରୋଧୀ ଅଭିଯାନ ସମୟରେ ସମ୍ଭାବ୍ୟ ବିପଦରୁ ନିଜକୁ ରକ୍ଷା କରିବା ପାଇଁ ସ୍ୱାସ୍ଥ୍ୟକର୍ମୀମାନଙ୍କୁ ହାତ ଗ୍ଲୋବସ୍, ମାସ୍କ, ଚଷମା ଓ ସୁରକ୍ଷା ପୋଷାକ ଭଳି ବ୍ୟକ୍ତିଗତ ସୁରକ୍ଷା ଉପକରଣ (ପିପିଇ) ଦିଆଯାଇଥିଲା।

# ମସଜିଦ ବିବାଦ: ବିକ୍ଷୋଭକାରୀଙ୍କ ଉପରେ ପୁଲିସର ଲାଠିଚାର୍ଜ

**ନୂଆଦିଲ୍ଲୀ,୧୨ା୯(ଏଜେନ୍ସି):** ହିମାଚଳ ପ୍ରଦେଶର ଶିମଲା ଅନ୍ତର୍ଗତ ସଞ୍ଜୌଲି ଅଞ୍ଚଳର ପ୍ରବେଶ ପଥ ପାଲଟିଛି ରଣକ୍ଷେତ୍ର । ମୁହାଁମୁହିଁ ହୋଇଛନ୍ତି ବିକ୍ଷୋଭକାରୀ ଓ ପୁଲିସ୍ । ସ୍ଥିତି ଏପରି ହୋଇଛି ଯେ ବିକ୍ଷୋଭକାରୀଙ୍କ ଘଉଡ଼ାଇବା ପାଇଁ ପୁଲିସ୍ ବାଧ୍ୟ ହୋଇ ଲାଠିଚାର୍ଜ କରିଛି । ପୁଲିସ୍ ପକ୍ଷରୁ ବିକ୍ଷୋଭକାରୀଙ୍କ ଉପରକୁ ପାଣି ମଧ୍ୟ ମାଡ଼ କରାଯାଇଛି । ଏହି ଘଟଣାରେ ଅନେକ ବିକ୍ଷୋଭକାରୀ ଆହତ ହୋଇଛନ୍ତି । ସଞ୍ଜୌଲି ଅଞ୍ଚଳରେ ଥିବା ଗୋଟିଏ ମସଜିଦରେ ନିର୍ମାଣ କାମ ଚାଲିଥିବାରୁ ସ୍ଥାନୀୟ ଅଞ୍ଚଳର କିଛି ହିନ୍ଦୁ ସଂଗଠନ ଏହା ବିରୋଧରେ ବିକ୍ଷୋଭ କରୁଛନ୍ତି । ଏଠାରେ ବେଆଇନ ଭାବେ ପ୍ରଥମ ମହଲାରେ ନିର୍ମାଣ କାମ କରାଯାଉଥିବା ସେମାନେ ଅଭିଯୋଗ କରିଛନ୍ତି । ମିଳିଥିବା ସୂଚନା ଅନୁସାରେ, ମସଜିଦରେ ବେଆଇନ ଭାବେ ନିର୍ମାଣ ହେଉଥିବା ଦାବି କରି ଆଜି କିଛି ହିନ୍ଦୁ ସଂଗଠନ ପକ୍ଷରୁ ବନ୍ଦ ଡାକରା ଦିଆଯାଇଥିଲା । ଏହାକୁ ଦୃଷ୍ଟିରେ ରଖି ହିମାଚଳ ସରକାର ସଞ୍ଜୌଲି ଅଞ୍ଚଳରେ କଟକଣା ଲଗାଇଥିଲେ । ପୁଲିସ୍ ପକ୍ଷରୁ ବିଭିନ୍ନ ସ୍ଥାନରେ ବ୍ୟାରିକେଡ ଲଗାଯାଇଥିଲା । ହେଲେ ବିକ୍ଷୋଭକାରୀମାନେ ଏହାକୁ ହଟାଇ ଧାଲ୍ଲି ଟନେଲରେ ପ୍ରବେଶ କରିଥିଲେ । ଏହି



ଟନେଲ ସଞ୍ଜୌଲି ଅଞ୍ଚଳକୁ ସଂଯୋଗ କରୁଛି । ବିକ୍ଷୋଭକାରୀମାନେ ଟନେଲ ଦେଇ ନିର୍ମାଣ ଚାଲିଥିବା ମସଜିଦ ଆଡ଼କୁ ଯିବା ବେଳେ ପୁଲିସ୍ ସେମାନଙ୍କୁ ଅଟକାଇଥିଲା । ଏହାକୁ ନେଇ ଦୁଇ ପକ୍ଷଙ୍କ ମଧ୍ୟରେ ଖଣ୍ଡଯୁଦ୍ଧ ହୋଇଥିଲା । ସ୍ଥିତି ବେକାବୁ ହେବାରୁ ପୁଲିସ୍ ବିକ୍ଷୋଭକାରୀଙ୍କ ଉପରେ ଲାଠି ଚାର୍ଜ କରିବା ସହ ସେମାନଙ୍କ ଉପରକୁ ପାଣି ମାଡ଼ କରିଛି । ଏହାବାଦ ଶିମଲାରେ ଆଉ କିଛି ସ୍ଥାନରେ ମଧ୍ୟ ପୁଲିସ ଓ ବିକ୍ଷୋଭକାରୀ ମୁହାଁମୁହିଁ ହୋଇଛନ୍ତି । ରାଜ୍ୟର ମନ୍ତ୍ରୀ ବିକ୍ରମାଦିତ୍ୟ ସିଂହ କହିଛନ୍ତି, ପରିସ୍ଥିତି ପୂରା ସ୍ୱଷ୍ଟ । ଶାନ୍ତିପୂର୍ଣ୍ଣ ଆନ୍ଦୋଳନ କରିବାର ଅଧିକାର ସମସ୍ତଙ୍କର ଅଛି । ସରକାର ମଧ୍ୟ ସମାନ କଥା କହିଛନ୍ତି । କିନ୍ତୁ ଶାନ୍ତି ଭଙ୍ଗ ହେବା ଭଳି ସ୍ଥିତି ସୃଷ୍ଟି ନ ହେବା ଉଚିତ । ପୁଲିସ୍ ସବୁ ପ୍ରକାରର ଅପ୍ରୀତିକର ପରିସ୍ଥିତିକୁ ଏଡ଼ାଇବା ପାଇଁ କଟକଣା ଲଗାଇଥିଲା । ପୂରା ଅଞ୍ଚଳ ପୁଲିସ୍ ଛାଉଣୀରେ ପରିଣତ ହୋଇଥିଲା । ପୁଲସକୁ ଆଇନ ଶୃଙ୍ଖଳା ଦାୟିତ୍ୱ ଦିଆଯାଇଛି । ପୁଲିସ୍ ସେହି ଅନୁସାରେ ପଦକ୍ଷେପ ନେବ।ଏବେଆଇନ ନିର୍ମାଣ ଅଭିଯୋଗର ବିଚାର ଚାଲିଛି । ଶୁଣାଣି ସରିବା ପରେ ସରକାର ଉପଯୁକ୍ତ ପଦକ୍ଷେପ ନେବେ । ଆମେ ପୂର୍ବରୁ କହି ସାରିଛୁ ଓ ଏବେ ବି କହୁଛୁ ଯେ ଯଦି କୌଣସି ବେଆଇନ କାମ ହୋଇଥିବ, ତା'ହେଲେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ । ଏହାକୁ ଭଙ୍ଗା ଯିବ । ମସଜିଦ ନିର୍ମାଣକୁ ନେଇ ବିବାଦ ଚାଲିଥିବା ବେଳେ ହିନ୍ଦୁ ସଂଗଠନ ବନ୍ଦ ଡାକରା ଦେଇଥିଲେ । ଉତ୍ତେଜନା ଆଶଙ୍କାରେ ପୁଲିସ୍ ପକ୍ଷରୁ କଟକଣା ଲାଗୁ କରାଯାଇଥିଲା । ବୁଧବାର ସକାଳ ୭ଟାରୁ ରାତି ୧୧.୫୯ ଯାଏ ସଞ୍ଜୌଲିରେ କଟକଣା ଲାଗୁ କାରାଯାଇଛି ।

# ମାଧବୀଙ୍କ ଅଡୁଆ ବଢାଇଲା କଂଗ୍ରେସ

**ନୂଆଦିଲ୍ଲୀ,୧୨ା୯:** ଭାରତୀୟ ପ୍ରତିଭୂତି ଓ ବିନିମୟ ବୋର୍ଡ (ସେବି) ମୁଖ୍ୟ ମାଧବୀ ପୁରୀ ବୁଚ୍‌ଙ୍କ ଲାଗି କଂଗ୍ରେସ ନୂଆ ନୂଆ ଅଡୁଆ ସ୍ଥିତି ସୃଷ୍ଟି କରୁଛିୟ ଦ୍ୱେତ ସ୍ୱାର୍ଥ ମାମଲାରେ ତାଙ୍କୁ ଛନ୍ଦିବାକୁ ଉଦ୍ୟମ କରୁଛିୟ ସେବି ଭଳି ଏକ ଗୁରୁତ୍ୱପୂର୍ଣ୍ଣ ନିୟାମକ ସଂସ୍ଥାର ମୁଖ୍ୟ ପଦରେ ଥାଇ ସେ କିଭଳି ବିଭିନ୍ନ ସଂସ୍ଥାଠାରୁ ଆୟ କରୁଛନ୍ତି ତାହାର ଚିଠା କଂଗ୍ରେସ ଉପସ୍ଥାପନ କରିବାକୁ ଉଦ୍ୟମ କରୁଛିୟ ଆଇସିଆଇସିଆଇ ବ୍ୟାଙ୍କଠାରୁ ମାଧବୀ ଦରମା ପାଉଥିବା ନେଇ କଂଗ୍ରେସ କିଛି ଦିନ ତଳେ ଅଭିଯୋଗ କରିଥିଲାୟ ଏହାପରେ ଓ୍ୱକହାର୍ଡର ଏକ ସହାୟକ କମ୍ପାନିଠାରୁ ଭଡ଼ା ପାଉଥିବା ବିଷୟରେ ମଧ୍ୟ ତଥ୍ୟ ଉପସ୍ଥାପନ କରିଥିଲାୟଏବେ କଂଗ୍ରେସ ନେତା ପବନ ଖେରା ଅଭିଯୋଗ କରିଛନ୍ତି ଯେ ମାଧବୀ ମହିନ୍ଦ୍ରା ଆଣ୍ଡ ମହିନ୍ଦ୍ରା, ଆଇସିଆଇସିଆଇ ବ୍ୟାଙ୍କ, ଡକ୍ଟର ରେଡ୍ଡୀ, ପିଡିଲାଇଟ୍ ଭଳି କମ୍ପାନିରୁ ଆୟ କରୁଛନ୍ତିୟ ସେ ସ୍ଥାପନ କରିଥିବା କନ୍‌ସଲ୍ଟାନ୍ସି ସଂସ୍ଥା ଆଗୋରା ଜରିଆରେ ଫି' ବାବଦକୁ ଏହି ଆୟ ହୋଇଛିୟ ୨୦୧୬-୧୭ରୁ ୨୦୨୩-



୨୪ ଭିତରେ କନ୍‌ସଲ୍ଟାନ୍ସି ଫି' ବାବଦକୁ ଆଗୋରା ୨.୯୫ କୋଟି ଟଙ୍କା ଆୟ କରିଥିବା ବେଳେ ସେଥିରୁ ୮୮ ପ୍ରତିଶତ ରାଶି ମହିନ୍ଦ୍ରା ଦେଇଥିବା କଂଗ୍ରେସ ଦାବି କରିଛିୟ ସେହି ସମୟରେ ମାଧବୀଙ୍କ ସ୍ୱାମୀ ଧଓ୍ୱଲ ବୁଚ୍ ମହିନ୍ଦ୍ରା ପାଇଁ କାମ କରୁଥିଲେ ବୋଲି କଂଗ୍ରେସ ଅଭିଯୋଗ କରିଛିୟ ମହିନ୍ଦ୍ରାରୁ ଧଓ୍ୱଲ ୪.୭୮ କୋଟି ଟଙ୍କାର ଦରମା ମଧ୍ୟ ପାଇଥିବା ଅଭିଯୋଗ ରହିଛିୟ କଂଗ୍ରେସର ଅଭିଯୋଗକୁ ମହିନ୍ଦ୍ରା ଆଣ୍ଡ୍ ମହିନ୍ଦ୍ରା ଓ ପିଡିଲାଇଟ୍ ପକ୍ଷରୁ ଖଣ୍ଡନ କରାଯାଇଛିୟ

# ବେଆଇନ ଧର୍ମାନ୍ତରୀକରଣ ମାମଲାରେ ୧୨ ଜଣଙ୍କୁ ଆଜୀବନ କାରାଦଣ୍ଡ

**ଲକ୍ଷ୍ନୌ,୧୨ା୯ :** ବେଆଇନ ଧର୍ମାନ୍ତରୀକରଣ ମାମଲାରେ ମୌଲାନା ଉମର ଗୌତମ, ମୌଲାନା କଲିମ ସିଦ୍ଦିକି ଓ ଅନ୍ୟ ୧୨ ଜଣଙ୍କୁ ଆଜୀବନ କାରାଦଣ୍ଡରେ ଦଣ୍ଡିତ କରାଯାଇଥିବା ବେଳେ ୪ ଦୋଷୀ ରାହୁଲ ଭୋଲା, ମନୁ ଯାଦବ ଓରଫ ଅବଦୁଲ ମନ୍ନାନ, ମହମ୍ମଦ ସଲିମ, କୁନାଲ ଅଶୋକ ଚୌଧୁରୀ ଓରଫ ଆତିଫଙ୍କୁ ୧୦ ବର୍ଷ ଜେଲ ଦଣ୍ଡାଦେଶ ହୋଇଛି । ଏନଆଇଏ-ଏଟିଏସ୍ ସ୍ୱତନ୍ତ୍ର କୋର୍ଟର ବିଚାରପତି ବିବେକାନନ୍ଦ ଶରଣ ତ୍ରିପାଠୀ ଏହି ଦଣ୍ଡାଦେଶ ଶୁଣାଇଛନ୍ତି । ଉତ୍ତରପ୍ରଦେଶରେ ଏହା ହେଉଛି ପ୍ରଥମ ଘଟଣା ଯେଉଁଥିରେ ଏକାସାଙ୍ଗରେ ୧୬ ଜଣଙ୍କୁ ଦଣ୍ଡିତ କରାଯାଇଛି । ସେପ୍ଟେମ୍ବର ୧୦ରେ କୋର୍ଟ ନିଜର ରାୟ ସଂରକ୍ଷିତ ରଖିଥିଲେ । ଏହି ମାମଲାରେ ସମୁଦାୟ ୧୭ ଜଣ ଅଭିଯୁକ୍ତ ଥିବା ବେଳେ ସେମାନଙ୍କ ମଧ୍ୟରୁ ୧୬ ଜଣଙ୍କୁ ଦଣ୍ଡାଦେଶ ହୋଇଛି । ଅନ୍ୟତମ ଅଭିଯୁକ୍ତ ଇଦ୍ରିଶ କୁରେଶୀଙ୍କୁ ହାଇକୋର୍ଟରୁ ସୁରକ୍ଷା ମିଳିଛି ।

ଆଜୀବନ କାରାଦଣ୍ଡରେ ଦଣ୍ଡିତ ହୋଇଥିବା ଦୋଷୀମାନେ ହେଲେ ପ୍ରକାଶ ରାମେଶ୍ୱର କାନଓ୍ୱଡେ ଓରଫ ଆଦାମ, କୌସର ଆଲାମ, ଭୁପ୍ରିୟା ବନ୍ଦୋ ଓରଫ ଅରସଲାନ ମୁସ୍ତାଫା, ଡାକ୍ତର ଫରାଜ ବାବୁଉଲ୍ଲା ଶାହ, ମୁଫତି କାଜି ଜାହାଙ୍ଗୀର ଆଲମ କସ୍ମି, ଇରଫାନ୍ ଶେଖ୍ ଓରଫ ଇରଫାନ ଖାନ୍, ସଲାହୁଦ୍ଦିନ ଶେଖ୍, ଅବଦୁଲ୍ଲା ଓମାର, ଧୀରଜ ଗୋବିନ୍ଦ ରାଓ ଜଗତାପ ଓ ସରଫରାଜ ଅଲ୍ଲୀ ଜାଫରୀ । ଦେଶର ବିଭିନ୍ନ ଅଞ୍ଚଳରୁ ଏଟିଏସ୍ ସେମାନଙ୍କୁ ଗିରଫ କରିଥିଲା । ୨୦୨୧ ଜୁନ୍ ୨୦ତାରିଖରେ ଏଟିଏସ୍ ଥାନାରେ ଏହି ମାମଲା ରୁଜୁ ହୋଇଥିଲା । ଉତ୍ତରପ୍ରଦେଶରେ ଏହା ହେଉଛି ପ୍ରଥମ ଘଟଣା ଯେଉଁଥିରେ ଏକାସାଙ୍ଗରେ ୧୬ ଜଣଙ୍କୁ ଦଣ୍ଡିତ କରାଯାଇଛି । ସେପ୍ଟେମ୍ବର ୧୦ରେ କୋର୍ଟ ନିଜର ରାୟ ସଂରକ୍ଷିତ ରଖିଥିଲେ। ଏହି ମାମଲାରେ ସମୁଦାୟ ୧୭ ଜଣ ଅଭିଯୁକ୍ତ ଥିବା ବେଳେ ସେମାନଙ୍କ ମଧ୍ୟରୁ ୧୬ ଜଣଙ୍କୁ ଦଣ୍ଡାଦେଶ ହୋଇଛି । ଅନ୍ୟତମ ଅଭିଯୁକ୍ତ ଇଦ୍ରିଶ କୁରେଶୀଙ୍କୁ ହାଇକୋର୍ଟରୁ ସୁରକ୍ଷା ମିଳିଛି ।

# ନିଜ ଶରୀର ସହ କ'ଣ କରିବେ ତାହା ମହିଳାଙ୍କ ନିଜସ୍ୱ ଅଧିକାର: କମଳା ହାରିସ୍

**ନୂଆଦିଲ୍ଲୀ,୧୨ା୯ :** ଗର୍ଭପାତ ନୀତିକୁ ନେଇ ଆମେରିକାରେ ଦୁଇ ରାଷ୍ଟ୍ରପତି ପ୍ରାର୍ଥୀଙ୍କ ମଧ୍ୟରେ ହୋଇଛି ଜୋରଦାର ବିତର୍କ । ଗର୍ଭପାତ ନୀତିକୁ ନେଇ ରିପବ୍ଲିକାନ ପ୍ରାର୍ଥୀ ଡୋନାଲ୍ଡ ଟ୍ରମ୍ପ ଓ ଡେମୋକ୍ରାଟିକ୍ ପ୍ରାର୍ଥୀ କମଳା ହାରିସଙ୍କ ମଧ୍ୟରେ ଉପୁଜିଛି ମୁହାଁମୁହିଁ ସ୍ଥିତି । ଟ୍ରମ୍ପ ରାଷ୍ଟ୍ରପତି ହେଲେ ଦେଶରେ ପୁଣି ଥରେ ଗର୍ଭପାତ ନିୟମ ଉପରେ ରୋକ୍ ଲଗାଇଦେବେ ବୋଲି ଚେତାଇ ଦେଇଛନ୍ତି ହାରିସ୍ । ଏହାଦ୍ୱାରା ମହିଳାମାନେ ନିଜ ଶରୀର ସହ କ'ଣ କରିବେ ତା' ଉପରୁ ସ୍ୱାଧୀନତା ହରାଇ ବସିବେ । ମାତ୍ର ଏହା ଭିତ୍ତିହୀନ ବୋଲି କହିଛନ୍ତି ଟ୍ରମ୍ପ ।ତବିତର୍କ ବେଳେ ରିପବ୍ଲିକାନ ପ୍ରାର୍ଥୀ ଡୋନାଲ୍ଡ ଟ୍ରମ୍ପ ଗର୍ଭପାତ ନୀତି ଉପରେ ଆଲୋଚନା କରି ୬ ସପ୍ତାହ ପରେ ଗର୍ଭପାତ ବ୍ୟାନ ନିୟମକୁ ସମର୍ଥନ କରିଥିଲେ । ଟ୍ରମ୍ପ କହିଛନ୍ତି, ଏହି ପ୍ରସଙ୍ଗରେ ଡେମୋକ୍ରାଟିକ୍ ପାର୍ଟିର ନିୟମ ପୁରୁଣା ହୋଇଗଲାଣି ।ଯମାତ୍ର ଏହାକୁ କାଉଣ୍ଟର କରି ହାରିସ କହିଛନ୍ତି, ମହିଳାମାନେ ନିଜ ଶରୀର ସହ କ'ଣ କରିବେ ତାହା ଟ୍ରମ୍ପ କହିବା ଦରକାର ନାହିଁ । ତେଣୁ ସେ ପୁଣି ଥରେ ଶାସନକୁ ଫେରିଲେ ସମ୍ପୂର୍ଣ୍ଣ ଦେଶରେ ଗର୍ଭପାତ ଉପରେ ବ୍ୟାନ୍ ଲଗାଇବାକୁ ଉଦ୍ଦିଷ୍ଟ ବିଲ୍ରେ ସାଇନ୍ କରିଦେବେ ବୋଲି କହିଛନ୍ତି ହାରିସ । ମାତ୍ର କମଳାଙ୍କ କଥାକୁ ଟ୍ରମ୍ପ ମନଗଢା କହିବା ସହ ଏପରି କୌଣସି ବିଲ୍ ସାଇନ୍ କରିବାର ଆବଶ୍ୟକତା ନ ଥିବା କହିଛନ୍ତି। କାରଣ କଂଗ୍ରେସରେ ଏପରି ବିଲ୍ ଅନୁମୋଦନ ହାସଲ କରିପାରିବ ନାହିଁ ବୋଲି ସେ କହିଛନ୍ତି । ଆମେରିକାର ୨୦ରୁ ଅଧିକ ରାଜ୍ୟରେ ଏବେ ବି ଗର୍ଭପାତ ନିୟମ ଲାଗୁ ହୋଇଛି । 'ଲରେ ଡାକ୍ତରମାନେ ଗର୍ଭପାତ



କରିବାକୁ ଭୟ କରୁଛନ୍ତିୟ କାରଣ ଏପରି କରିବା ଜଣାପଡ଼ିଲେ ଆଜୀବନ କାରାଦଣ୍ଡର ବ୍ୟବସ୍ଥା ରହିଛିୟ ତେଣୁ ମହିଳାମାନେ ଭୟଭୀତ ହେବା ସହ ଏହାର ସାଂଘାତିକ ପରିଣାମ ଭୋଗୁଛନ୍ତି ବୋଲି କହିଛନ୍ତି ହାରିସୟ ଏପରିକି ବଳାତ୍କାରର ଶିକାର ମହିଳାମାନେ ଏହାଦ୍ୱାରା ଖୁବ୍ କ୍ଷତିଗ୍ରସ୍ତ ହେଉଛନ୍ତିୟ କାରଣ ଏହାଦ୍ୱାରା ସେମାନେ ଗର୍ଭବତୀ ହୋଇଯିବେ ତଥାପି ସେମାନଙ୍କୁ ଗର୍ଭପାତର ଅନୁମତି ମିଳୁ ନାହିଁୟ 'ଲରେ ସେମାନଙ୍କ ଜୀବନ ଦୁର୍ବିସହ ହୋଇ ପଡୁଛି ବୋଲି କହିଛନ୍ତି ହାରିସ୍ୟ ଏହି ପ୍ରସଙ୍ଗରେ ଡେମୋକ୍ରାଟିକ୍ ଦଳକୁ ଟାର୍ଗେଟ କରି ଟ୍ରମ୍ପ କହିଛନ୍ତି, ସେମାନେ ହେଉଛନ୍ତି କଟ୍ଟରପନ୍ଥୀ, କାରଣ ସେମାନଙ୍କ ଚିନ୍ତାଧାରା ଅତ୍ୟନ୍ତ ଭୟଙ୍କର । ଗର୍ଭବତୀ ହେବାର ୯ ମାସରେ ଗର୍ଭପାତକୁ ବିଲକୁଲ୍ ଠିକ୍ ବୋଲି ଦର୍ଶାଇବାକୁ ଚେଷ୍ଟା କରୁଛନ୍ତି ଡେମୋକ୍ରାଟିକ୍ ଦଳର ଉପରାଷ୍ଟ୍ରପତି ପ୍ରାର୍ଥୀ । ଏହା କିପରି ନ୍ୟାୟ ସଙ୍ଗତ ଓ ଯଥାର୍ଥ ବୋଲି ସେ ପ୍ରଶ୍ନ କରିଛନ୍ତି । ସୂଚନାଯୋଗ୍ୟ, ୨୦୨୨ ମସିହାରେ ଆମେରିକାର ସୁପ୍ରିମକୋର୍ଟ ନିଜ ୫୦ ବର୍ଷର ନିୟମକୁ ଭାଙ୍ଗି ଗର୍ଭପାତ ନିମନ୍ତେ ଆମେରିକୀୟ ମହିଳାଙ୍କ ସାମ୍ବିଧାନିକ ଅଧିକାରକୁ ହଟାଇ ଦେଇଥିଲେ । ଏହାଦ୍ୱାରା ଆମେରିକୀୟ ମହିଳା ନିଜ ଗର୍ଭପାତର ଅଧିକାରକୁ ହରାଇ ବସିଥିଲେ । ଏହାକୁ ସମଗ୍ର ଦେଶରେ ଜୋରଦାର ବିରୋଧ କରାଯାଇଥିଲା ।

# ଦେଢ଼ ଲକ୍ଷରୁ ଉର୍ଦ୍ଧ୍ୱ ଉପଭୋକ୍ତାଙ୍କୁ ଗୁଣାତ୍ମକ ବିଜୁଳି ଯୋଗାଉଛି ଟିପିଏସ୍‌ଓଡିଏଲ୍

ବ୍ରହ୍ମପୁର, ୧୨ା୯: ଟିପି ସଦର୍ଣ୍ଣ ଓଡ଼ିଶା ଡିଷ୍ଟ୍ରିବ୍ୟୁସନ୍ ଲିମିଟେଡ୍ (ଟିପିଏସ୍‌ଓଡିଏଲ୍) ସମଗ୍ର ଦକ୍ଷିଣ ଓଡ଼ିଶାରେ ବିଦ୍ୟୁତ ଭିତ୍ତିଭୂମିର ଉନ୍ନତିକରଣ ଦିଗରେ ଉଲ୍ଲେଖନୀୟ ପ୍ରଗତି କରିଛି। ଏଠାକାର ପାହାଡ଼,ଘଞ୍ଚ ଜଙ୍ଗଲ ଭରା ଗ୍ରାମୀଣ ଇଲାକାରେ ସବୁ ପ୍ରକାର ଆହ୍ୱାନକୁ ସଫଳତାର ସହ ମୁକାବିଲା କରି କମ୍ପାନୀ ଗୁଣାତ୍ମକ ବିଦ୍ୟୁତ ସେବା ଜାରି ରଖିଛି। ଏହା ଦକ୍ଷିଣ ଓଡ଼ିଶାର କୋଣ ଅନୁକୋଣରେ ଭରସାଯୋଗ୍ୟ ବିଜୁଳି ପହଞ୍ଚାଇବା ପାଇଁ ଟିପିଏସ୍‌ଓଡିଏଲର ପ୍ରତିବଦ୍ଧତାକୁ ଦର୍ଶାଉଛି।

ବିଦ୍ୟୁତ ଭିତ୍ତିଭୂମିର ଉନ୍ନତିକରଣ ପାଇଁ କମ୍ପାନୀ ନିଷ୍ଠାର ସହ କାମ କରିଆସିଛି। ଯାହା ଫଳରେ ଏହି ଅଞ୍ଚଳର ଉପଭୋକ୍ତାଙ୍କ ଜୀବନରେ ପରିବର୍ତ୍ତନ ଆସିଛି। ଘର, ସ୍କୁଲ, ଡାକ୍ତରଖାନା ଏବଂ ଜରୁରୀକାଳୀନ ସେବାରେ ଗୁଣାତ୍ମକ ବିଜୁଳି ଯୋଗାଣ ସହ ଲୋକଙ୍କ ପାଇଁ ଉନ୍ନତ ମାନର ଜୀବନ ସୁନିଶ୍ଚିତ ହୋଇପାରିଛି। ବିଗତ ତିନି ଆର୍ଥିକ ବର୍ଷ ମଧ୍ୟରେ ଟିପିଏସ୍‌ଓଡିଏଲ୍ ପ୍ରାୟ ୨୭୪ ସର୍କିଟ୍ କିମି ବ୍ୟାପ୍ତ ୩୩ କେଭି ବିଦ୍ୟୁତ ଲାଇନ ବିଛାଇଛି, ଯାହା ଦକ୍ଷିଣ ଓଡ଼ିଶାର ଦୁର୍ଗମ ଅଞ୍ଚଳରେ ଉପଭୋକ୍ତାଙ୍କ ପାଇଁ ଭରସାଯୋଗ୍ୟ ବିଦ୍ୟୁତ ସେବାକୁ ସୁଦୃଢ଼ କରିଛି।

୨୦୨୩-୨୪ ଆର୍ଥିକ ବର୍ଷରେ ଟିପିଏସଓଡିଏଲ୍ ଦକ୍ଷିଣ ଓଡ଼ିଶାର ବିଭିନ୍ନ ଜିଲ୍ଲାରେ ୧୨୯.୭୦ ସର୍କିଟ କିମି ୩୩ କେଭି ଲାଇନ୍ ସଫଳତାର ସହ ବିଛାଇଛି। ଏଥିରେ ପ୍ରାୟ ୭୬ ହଜାର ଉପଭୋକ୍ତା ଉପକୃତ ହୋଇଛନ୍ତି। ଗତ ଆର୍ଥିକ ବର୍ଷରେ ୧୨୫.୭୦ ସର୍କିଟ କିଲୋମିଟର ଲାଇନ ସ୍ଥାପନ ହୋଇଥିଲା, ଯାହା ଦ୍ୱାରା ୭୨ ହଜାରରୁ ଅଧିକ ଲୋକ ଉପକୃତ ହୋଇଥିଲେ। ଏହାବ୍ୟତୀତ ୨୦୨୧-୨୨ ଆର୍ଥିକ ବର୍ଷରେ ଟିପିଏସ୍‌ଓଡିଏଲ୍ ୧୯ ସର୍କିଟ କିମି ୩୩ କେଭି ଲାଇନ୍ ସ୍ଥାପନ କରିଛି। ଯାହା ଫଳରେ ୧୦,୯୨୫ ଉପଭୋକ୍ତାଙ୍କ ପାଖରେ ଗୁଣାତ୍ମକ ବିଦ୍ୟୁତ ସେବା ପହଞ୍ଚି ପାରିଛି। ଚଳିତ ଆର୍ଥିକ ବର୍ଷ ପାଇଁ ମଧ୍ୟ ଟିପିଏସଓଡିଏଲର ମହତ୍ତ୍ୱାକାଂକ୍ଷୀ ଯୋଜନା ରହିଛି। ଏଥିରେ ବର୍ତ୍ତମାନର ଲାଇନ୍ ଭିତ୍ତିଭୂମିକୁ ସୁଦୃଢ଼ କରିବା ସହ ଦକ୍ଷିଣ ଓଡ଼ିଶାର ବିଭିନ୍ନ ଅଞ୍ଚଳରେ ନୂତନ ଲାଇନ୍ ସ୍ଥାପନ କରାଯିବ। ଏଠାକାର ବିଦ୍ୟୁତ ଭିତ୍ତିଭୂମିକୁ ଆହୁରି ସୁଦୃଢ଼ କରିବା ଏବଂ ଅଧିକରୁ ଅଧିକ ଲୋକଙ୍କୁ ନିରନ୍ତର ବିଜୁଳି ଯୋଗାଇବା ଲକ୍ଷ୍ୟରେ ଏହି ବ୍ୟାପକ ସମ୍ପ୍ରସାରଣ ଯୋଜନା ଚାଲିଛି। ଟିପିଏସ୍‌ଓଡିଏଲର ମୁଖ୍ୟ କାର୍ଯ୍ୟ ନିର୍ବାହୀ ଅଧିକାରୀ ଶ୍ରୀ ଅମିତ କୁମାର ଗର୍ଗ କମ୍ପାନୀର ସଫଳତାକୁ ନେଇ କହିଛନ୍ତି, 'ଆମର ଲକ୍ଷ୍ୟ ହେଉଛି ଦକ୍ଷିଣ ଓଡ଼ିଶାର ଭୌଗୋଳିକ ଆହ୍ୱାନକୁ ଦୃଷ୍ଟିରେ ରଖି ସମଗ୍ର ଦକ୍ଷିଣ ଓଡ଼ିଶାରେ ଉଚ୍ଚ ମାନର ବିଦ୍ୟୁତ ଯୋଗାଣ ସୁନିଶ୍ଚିତ କରିବା। ଗତ ତିନି ବର୍ଷ ମଧ୍ୟରେ ଆମେ ଭିତ୍ତିଭୂମିରେ ଯେଉଁ ଉନ୍ନତି କରିଛୁ, ତାହା କେବଳ ଆରମ୍ଭ ମାତ୍ର। ଦକ୍ଷିଣ ଓଡ଼ିଶାବାସୀଙ୍କ ଉନ୍ନତ ସେବା ଯୋଗାଇବା ପାଇଁ ନିରନ୍ତର ଉନ୍ନତି ଓ ସମ୍ପ୍ରସାରଣ କାର୍ଯ୍ୟ ଜାରି ରହିବ।

# କର୍ମଚାରୀଙ୍କ ଆର୍ଥିକ ସୁରକ୍ଷା ବୃଦ୍ଧି ପାଇଁ ପୂର୍ବତଟ ରେଳପଥ-ଏସବିଆଇ ମଧ୍ୟରେ ଏମଓୟୁ ସ୍ୱାକ୍ଷର

**ଭୁବନେଶ୍ୱର,(ନି.ପ୍ର):** ରେଳ କର୍ମଚାରୀମାନଙ୍କ ଆର୍ଥିକ ନିରାପତ୍ତାକୁ ସୁଦୃଢ଼ କରିବାକୁ ଲକ୍ଷ୍ୟ ରଖି ଏକ ଗୁରୁତ୍ୱପୂର୍ଣ୍ଣ ପଦକ୍ଷେପରେ ପୂର୍ବତଟ ରେଳପଥ (ଇକୋର) ଷ୍ଟେଟ ବ୍ୟାଙ୍କ ଅଫ୍ ଇଣ୍ଡିଆ (ଏସବିଆଇ) ସହିତ ଏକ ବୁଝାମଣାପତ୍ର (ଏମଓୟୁ) ସ୍ୱାକ୍ଷର କରିଛି। ଏହି ଚୁକ୍ତିନାମା ରେଳପଥର ବିଶାଳ କର୍ମବଳର ଆବଶ୍ୟକତା ଅନୁଯାୟୀ ଏକ ସ୍ୱତନ୍ତ୍ର ଆର୍ଥିକ ଲାଭ ଏବଂ ସେବାଗୁଡିକର ପରିଚୟ ପ୍ରଦାନ କରିବ। ଏହି ଚୁକ୍ତିନାମା ପୂର୍ବତଟ ରେଳପଥର ୫୯,୭୬୨ ସେବା କରୁଥିବା ତିନିଟି ରେଳମଣ୍ଡଳ ଯଥା ଖୋର୍ଦ୍ଧା ରୋଡ୍, ୱାଲଟିୟର, ସମ୍ବଲପୁର ଏବଂ ମଞ୍ଚେଶ୍ୱର ରେଳଡବା ମରାମତି କର୍ମଶାଳାକୁ ଅନ୍ତର୍ଭୁକ୍ତ କରୁଛି। ରେଳପଥର ୭୬% କର୍ମଜୀବୀ ପ୍ରାୟ ୪୫,୪୧୯ କର୍ମଚାରୀ ଯେଉଁମାନଙ୍କର ଷ୍ଟେଟ ବ୍ୟାଙ୍କ ଅଫ୍ ଇଣ୍ଡିଆରେ ବେତନ ଆକାଉଣ୍ଟ ଅଛି, ସେମାନେ ଏହି ଚୁକ୍ତିରୁ ଉପକୃତ ହେବେ। ଏମ୍‌ଓୟୁର ବିଶେଷତ୍ୱ ହେଉଛି ଯେ, ଫିଲଡରେ କାର୍ଯ୍ୟରତ ପ୍ରାୟ ୩୭୫୦୦ ଜଣ କର୍ମଚାରୀଙ୍କୁ ଲାଭ ପ୍ରଦାନ କରିବାକୁ ଲକ୍ଷ୍ୟ ରଖାଯାଇଛି। କାର୍ଯ୍ୟକ୍ଷେତ୍ର ସ୍ତରର ନିରାପତ୍ତା, ରକ୍ଷଣାବେକ୍ଷଣ କାର୍ଯ୍ୟରେ ନିୟୋଜିତ ଟ୍ରାକମ୍ୟାନ୍, ସିଗନାଲ୍ ରକ୍ଷକ, ଟେକ୍ନିସିଆନ୍, ଆରପିଏଫ୍ କର୍ମଚାରୀ, ଲୋକୋ ପାଇଲଟ୍, ଟ୍ରେନ ମ୍ୟାନେଜର ଏବଂ ଫିଲଡ ରେ କାର୍ଯ୍ୟରତ ଅନ୍ୟାନ୍ୟ କର୍ମଚାରୀ ଏହି ସୁବିଧା ପାଇ ପାରିବେ। ବ୍ୟକ୍ତିଗତ ଦୁର୍ଘଟଣା ବୀମା ମଧ୍ୟରେ ଦୁର୍ଘଟଣାଜନିତ ମୃତ୍ୟୁ ପାଇଁ ୧ କୋଟି, ବାୟୁଯାନ ଦୁର୍ଘଟଣା ପାଇଁ ୧.୬ କୋଟି ସମ୍ପୁର୍ଣ୍ଣ କଭରେଜ୍ ପ୍ରଦାନ କରିବାକୁ ଥିବାବେଳେ ଭିନ୍ନକ୍ଷମ ପାଇଁ ମଧ୍ୟ ମହତ୍ୱପୂର୍ଣ୍ଣ କଭରେଜ୍ ଉପଲବ୍ଧ ଅଛି। ଆର୍ଥିକ ସମାଧାନ ପ୍ରଦାନ କରୁଥିବା ଋଣ ପାଇଁ ସୁଲଭ ସୁଧ ହାର। ଆଧୁନିକ ବ୍ୟାଙ୍କିଙ୍ଗ୍ ଟେକ୍ନୋଲୋଜି ମାଧ୍ୟମରେ ଆର୍ଥିକ ନିରାପତ୍ତା ଏବଂ ସୁବିଧାକୁ ଉନ୍ନତ ଡିଜିଟାଲ୍ ବ୍ୟାଙ୍କିଙ୍ଗ୍ ସମାଧାନ ସେବା ପ୍ରଦାନ। ଏହି



ବୁଝାମଣାପତ୍ର (ଏମଓୟୁ) ସ୍ୱାକ୍ଷର କାର୍ଯ୍ୟକ୍ରମରେ ଉଭୟ ପୂର୍ବତଟ ରେଳପଥ ଏବଂ ଏସବିଆଇର ବରିଷ୍ଠ ଅଧିକାରୀମାନେ ଯୋଗ ଦେଇଥିଲେ। ପୂର୍ବତଟ ରେଳପଥର ମହାପ୍ରବନ୍ଧକ ପରମେଶ୍ୱର ଫୁଙ୍କୱାଲ ଏବଂ ଏସବିଆଇ ଭୁବନେଶ୍ୱର ସର୍କଲ ମୁଖ୍ୟ ମହାପ୍ରବନ୍ଧକ ଏହି ପ୍ରକ୍ରିୟାର ନେତୃତ୍ୱ ନେଇଥିଲେ। କର୍ମଚାରୀଙ୍କ କଲ୍ୟାଣ ପାଇଁ ଉଭୟ ମହାପ୍ରବନ୍ଧକ ସେମାନଙ୍କର ସହଭାଗୀ ପ୍ରତିବଦ୍ଧତାକୁ ଦର୍ଶାଇ ସହଯୋଗର ମହତ୍ୱ ଉପରେ ଗୁରୁତ୍ୱାରୋପ କରିଥିଲେ। ଏହି ଏମଓୟୁ କେବଳ ଏକ ଚୁକ୍ତି ନୁହେଁ; ଏହା ଆମର କର୍ମଚାରୀଙ୍କ ସାମଗ୍ରିକ ସୁସ୍ଥତା ବୃଦ୍ଧି ପାଇଁ ଆମର ଉତ୍ସର୍ଗୀକୃତର ଏକ ପ୍ରମାଣ। ଏସବିଆଇ ସହ ସହଭାଗୀତା ଆମକୁ ବ୍ୟାପକ ଆର୍ଥିକ ସୁରକ୍ଷା ଯୋଗାଇବାରେ ସକ୍ଷମ କରୁଛି ଯାହା ଆମ ଶ୍ରମିକଙ୍କ ପାଇଁ ମାନସିକ ଶାନ୍ତି ଏବଂ ପ୍ରଭାବଶାଳୀ ଆର୍ଥିକ ପରିଚାଳନା ପ୍ରଦାନ କରିଥାଏ ବୋଲି ରେଳପଥର ମହାପ୍ରବନ୍ଧକ ପରମେଶ୍ୱର ଫୁଙ୍କୱାଲ କହିଛନ୍ତି। ଉପରୋକ୍ତ ସୁବିଧା ବ୍ୟତୀତ, ଏମଓୟୁ ବ୍ୟକ୍ତିଗତ ବ୍ୟାଙ୍କିଙ୍ଗ ସେବା, ଶୃଙ୍ଖଳିତ ଋଣ ପ୍ରକ୍ରିୟାକରଣ ଏବଂ ରେଳପଥ କର୍ମଚାରୀଙ୍କ ପାଇଁ ଉତ୍ସର୍ଗୀକୃତ ଗ୍ରାହକ ସହାୟତା ପ୍ରବର୍ତ୍ତନ ଉପଲବ୍ଧ କରାଯିବ। ଏହା ଆର୍ଥିକ ନିରାପତ୍ତା ପ୍ରତି ଏକ ସାମଗ୍ରିକ ଆଭିମୁଖ୍ୟ ପ୍ରତିଫଳିତ କରିବା ସହିତ ସୁନିଶ୍ଚିତ କରୁଛି ଯେ କର୍ମଚାରୀମାନେ ସେମାନଙ୍କ ଆର୍ଥିକ ପରିଚାଳନାକୁ ସହଜ ଏବଂ ଆତ୍ମବିଶ୍ୱାସରେ ପରିଚାଳନା କରିପାରିବେ। ଏହି ଚୁକ୍ତିନାମା ମାଧ୍ୟମରେ ପୂର୍ବତଟ ରେଳପଥ ଏହାର କର୍ମଚାରୀଙ୍କ କଲ୍ୟାଣ କ୍ଷେତ୍ରରେ ଆଗେଇ ଚାଲିବ ସହିତ ନୂତନତ୍ୱ ଏବଂ ରେଳ ପରିବାରର ଯତ୍ନ ନେବା ପାଇଁ ନୂତନ ମାନଦଣ୍ଡ ସ୍ଥିର କରିଛି। ଷ୍ଟେଟ ବ୍ୟାଙ୍କ ଅଫ୍ ଇଣ୍ଡିଆ ସହିତ ସହଭାଗିତା ଭବିଷ୍ୟତର ପଦକ୍ଷେପ ପାଇଁ ବାଟ ଖୋଲିବ ବୋଲି ଆଶା କରାଯାଏ ଯାହା ପୂର୍ବତଟ ରେଳପଥ କର୍ମଚାରୀଙ୍କ ଜୀବନଶୈଳୀକୁ ଆହୁରି ବୃଦ୍ଧି କରାଇବ।

# ଗୋଟିଏ ପରିବାରର ୧୭ ଲୋକଙ୍କୁ ବାସନ୍ଦ

**ଗୋପାଳପୁର,(ନିପ୍ର):** ଗୋଳନ୍ଥରା ଥାନା ଅନ୍ତର୍ଗତ ଲଉଡି ଗାଁ ର କଙ୍ଗାରୁ କୋର୍ଟ ହୋଇଥିବା ବେଳେ ଗୋଟିଏ ପରିବାରର ୧୭ ଲୋକଙ୍କୁ ଗତ ୨୩ତାରିଖ ଠାରୁ ବାସନ୍ଦ କର ଯାଇଥିବା ଅଭିଯୋଗ ହୋଇଛି। ପୁରୁଣା ଜମି ବିବାଦ ସହ ଗ୍ରାମର କିଛି ନ୍ୟସ୍ତ ସ୍ୱାର୍ଥ ବ୍ୟକ୍ତି ଉକ୍ତ ଜମିକୁ ନିଜ ଅକ୍ତିଆର କରି ନେବା ଘଟଣା ନେଇ ଥାନାରେ ଅଭିଯୋଗ କରାଯାଇଥିଲା। ଥାନାରେ ଉକ୍ତ ଘଟଣାର ମୀମାଂସା ହେବା ପରେ ବାସନ୍ଦ ହୋଇଥିବା ପରିବାର ପକ୍ଷରୁ ଉକ୍ତ ଜମିରୁ ଉତ୍ପାଦିତ କିଆଫୁଲ ବାହାର କରୁଥିଲେ। ଏହାକୁ ନେଇ ତିନି ଦିନ ତଳେ ଗାଁ କମିଟି ପକ୍ଷରୁ ବୈଠକ କରାଯାଇ ଏହି ପରିବାରକୁ ନିଆଁ ପାଣି ବନ୍ଦ ସହ ଦୋକାନ ସଉଦା, ପିଲାମାନଙ୍କୁ ଟିଉସନ୍ ମଧ୍ୟ ବନ୍ଦ କରିଦେଇଛନ୍ତି। ମୂଲ ମଜୁରୀ ବନ୍ଦ, ଆଇଜର କୁ କାମ କରିବା ସକାଶେ ଯିବା ମଧ୍ୟ ବନ୍ଦ କରିଦେଇଛନ୍ତି। ଗାଁ ର କୌଣସି ଦୋକାନୀ ବାସନ୍ଦ ପରିବାରକୁ ସଉଦା ଦେଲେ ଦୋକାନୀ କୁ ୩୦ହଜାର ଫାଇନ ଦେବାକୁ ଧମକ ଦେଉଛନ୍ତି। ଏହା ଫଳରେ ଗାର କୌଣସି ଲୋକ ସେମାନଙ୍କ ସହ କଥାବାର୍ତ୍ତା ହେଉନାହାନ୍ତି। କିଆ ଫୁଲ ଭାଟି ବାଲା କୁ ଦେଲେ ମାଟି ମାଲିକ କିଆ ଫୁଲ ନେବାକୁ ମନା କରିଦେଇଛନ୍ତି।

# ଗୁରୁ ସେବା ପରିଷଦ ପକ୍ଷରୁ ସମ୍ବର୍ଦ୍ଧନା ଉତ୍ସବ

**ଦିଗପହଣ୍ଡି,(ନି.ପ୍ର):** ପବିତ୍ର ଗୁରୁଦିବସ ପାଳନ ଅବସରରେ ଗୁରୁ ସେବା ପରିଷଦ ଦିଗପହଣ୍ଡି ଶାଖା ପକ୍ଷରୁ ଅବସରପ୍ରାପ୍ତ ଶିକ୍ଷାବିତ ମାନଙ୍କୁ ସମ୍ମାନ ଜଣାଇବା ଉଦ୍ଦେଶ୍ୟରେ ଏକ ସମ୍ବର୍ଦ୍ଧନା ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ଗୁରୁବାର ପୂର୍ବାହ୍ନରେ ବ୍ଲକ ଅନ୍ତର୍ଗତ ବଡତୁମ୍ବୁଳା ସ୍ଥିତ ମାଁ ସିଦ୍ଧ ବାଙ୍କେଶ୍ୱରୀ ମନ୍ଦିର ପ୍ରାଙ୍ଗଣରେ ପରିଷଦର ସଦସ୍ୟ ତଥା ସମାଜସେବୀ ଗୋପାଳକୃଷ୍ଣ ମେକାପଙ୍କ ନେତୃତ୍ୱରେ ଆୟୋଜିତ ଉତ୍ସବରେ ଅବସରପ୍ରାପ୍ତ ପ୍ରଧାନଶିକ୍ଷକ ମୁରଲୀଧର ପ୍ରଧାନ ସଭାପତିତ୍ୱ କରିଥିଲେ। ସେହିପରି ପୂର୍ବତନ ଜିଲ୍ଲା ଶିକ୍ଷାଧିକାରୀ ବୃନ୍ଦାବନ ପ୍ରଧାନ ମୁଖ୍ୟ ଅତିଥି , ଅବସରପ୍ରାପ୍ତ ପ୍ରଧାନଶିକ୍ଷକ ଗଣେଶ ପ୍ରସାଦ ପଣ୍ଡା ଓ ପୂର୍ବତନ ଅଧ୍ୟାପକ ଡ. ପ୍ରକାଶ ଚନ୍ଦ୍ର ପାଣିଗ୍ରାହୀ ମୁଖ୍ୟବକ୍ତା ଭାବେ ଯୋଗ ଦେଇଥିଲେ। ସେହିପରି ପୂର୍ବତନ ପ୍ରଧାନଶିକ୍ଷକ ମୃତ୍ୟୁଞ୍ଜୟ ମିଶ୍ର , ସ୍ଥାନୀୟ ସରପଞ୍ଚ ଗୀତାଞ୍ଜଳି ଜାନୀ, କରପଡା ସରପଞ୍ଚ ଫନୀନ୍ଦ୍ର ଚନ୍ଦ୍ର ଗୋସ୍ୱାମୀ, ସ୍ଥାନୀୟ ସମିତି ସଭ୍ୟ ରମେଶ ଚନ୍ଦ୍ର ପାଢ଼ୀ, ପୂର୍ବତନ ସରପଞ୍ଚ ପ୍ରଫୁଲ୍ଲ ଚନ୍ଦ୍ର ମହାନ୍ତି, ଅବସରପ୍ରାପ୍ତ ଶିକ୍ଷାବିତ ଲଡୁ କିଶୋରୀ ସ୍ୱାଇଁ, ଅବସରପ୍ରାପ୍ତ ମୁଖ୍ୟ କିରାଣୀ ଚନ୍ଦ୍ର ପ୍ରଧାନ ପ୍ରମୁଖ ମଞ୍ଚାସୀନ ଅତିଥିଭାବେ ଯୋଗ ଦେଇଥିଲେ। ଏହି ପରିପ୍ରେକ୍ଷୀରେ ମଞ୍ଚାସୀନ ଅତିଥି ବୃନ୍ଦ ସର୍ବପଲ୍ଲୀ ରାଧାକ୍ରିଷ୍ଣନ ଓ ଗୁରୁ ସେବା ପରିଷଦର ପ୍ରତିଷ୍ଠାତା ସ୍ୱର୍ଗତ ଚନ୍ଦ୍ରଶେଖର ମେକାପଙ୍କ ଫଟୋଚିତ୍ରରେ ପୁଷ୍ପମାଲ୍ୟ ଅର୍ପଣ କରି କାର୍ଯ୍ୟକ୍ରମ ଶୁଭାରମ୍ଭ କରିଥିଲେ। ପରିଶେଷରେ ଅତିଥିବୃନ୍ଦ ଗୁରୁ ଶିଷ୍ୟର ପରମ୍ପରା ବର୍ତ୍ତମାନର ଗୁରୁ ଶିଷ୍ୟର ପରମ୍ପରା ମଧ୍ୟରେ ବହୁ ପାର୍ଥକ୍ୟ ରହି ଆସିଥିବା ମତପୋଷଣ କରିଥିଲେ। ପରିଶେଷରେ ଅବସରପ୍ରାପ୍ତ ଶିକ୍ଷକ ରବିନ୍ଦ୍ର ପଟ୍ଟନାୟକ, ରାଧାକୃଷ୍ଣ ପାଢୀ, ଚୈତନ୍ୟ ପ୍ରଧାନ, ଭଗବାନ ପାଢୀ, ବିଦ୍ୟାଧର ଦାସ, ସିମାଞ୍ଚଳ ସାହୁ ସମେତ ଉପସ୍ଥିତ ଅବସରପ୍ରାପ୍ତ ଶିକ୍ଷକଙ୍କୁ ଉପଢୌକନ ସହ ମାନପତ୍ର ପ୍ରଦାନ କରାଯାଇ ସମ୍ମାନୀତ କରାଯାଇଥିଲା। ଅବସରପ୍ରାପ୍ତ ଶିକ୍ଷକ ଆଦିକନ୍ଦ ସାହୁ ଅତିଥି ପରିଚୟ ସହ ମଞ୍ଚ ପରିଚାଳନା କରିଥିଲେ। ସରପଞ୍ଚ ପ୍ରତିନିଧି ଶେଷକାନ୍ତ ଜାନୀ, ଶ୍ୟାମ ରେଡ୍ଡୀ, ସନ୍ତୋଷ ଜାନୀ, ବିନୋଦ ଭୂୟାଁ, ଶିବାନନ୍ଦ ଆଚାରୀ, ସୁବ୍ରତ ଅଧିକାରୀ ପ୍ରମୁଖ ସହଯୋଗ ପ୍ରଦାନ କରିଥିଲେ।

# ଟେଷ୍ଟ ସିରିଜ୍ ପାଇଁ ବାଂଲାଦେଶର ଦଳ ଘୋଷଣା



ଢାକା,୧୨।୯; ଆସନ୍ତା ସେପ୍ଟେମ୍ବର ୧୯ରୁ ଭାରତ ଓ ବାଂଲାଦେଶ ମଧ୍ୟରେ ଆରମ୍ଭ ହେବ ଦୁଇ ଟିକିଆ। ଟେଷ୍ଟ ସିରିଜର ପ୍ରଥମ ମ୍ୟାଚ୍ ପ୍ରଥମ ଥର ପାଇଁ ପାକିସ୍ତାନକୁ କୌଣସି ଟେଷ୍ଟ ସିରିଜରେ ମୂଳପୋଛ କରିଥିବା ବାଂଲା ଟାଇଗର ଏବେ ଭାରତ ଚ୍ୟାଲେଞ୍ଜ ପାଇଁ ବେଶ ଉତ୍ସାହିତ। ଭାରତରେ ହେବାକୁ ଥିବା ଟେଷ୍ଟ ସିରିଜ ପାଇଁ ଆଜି ବାଂଲାଦେଶ କ୍ରିକେଟ ବୋର୍ଡ ୧୬ ଜଣିଆ। ସ୍କାଡ ଘୋଷଣା କରିଛି।

ପୂର୍ବଭଳି ଭାରତ ବିପକ୍ଷ ଟେଷ୍ଟ ସିରିଜରେ ମଧ୍ୟ ବାଂଲାଦେଶର ନେତୃତ୍ୱ ନଜମୁଲ ହୁସେନ ସାଣ୍ଟୋ ନେବେ ପାକିସ୍ତାନ ବିପକ୍ଷରେ ଟେଷ୍ଟ ସିରିଜ ଜିତିଥିବା ସ୍କାଡରେ ସେମିତି କିଛି ବଡ଼ ପରିବର୍ତ୍ତନ ହୋଇନାହିଁ। ତେବେ ଓପନିଂ ବ୍ୟାଟର ମହମୁଦୁଲ ହାସନ ଜୟ ଦଳକୁ କମବ୍ୟାକ କରିଛନ୍ତି। ସେ ଆହତ ସମସ୍ୟା ଯୋଗୁ ପାକିସ୍ତାନ ବିପକ୍ଷ ସିରିଜକୁ ବାଦ ପଡ଼ିଥିଲେ। ସେ ଦୁଇ ସପ୍ତାହ ଧରି ରିହ୍ୟାବରେ ରହିବା ପରେ ଭାରତ ବିପକ୍ଷ ସିରିଜକୁ ଫେରିଛନ୍ତି।

ପାକିସ୍ତାନ ବିପକ୍ଷ ସ୍କାଡରେ ଥିବା ବାମହାତୀ ଦ୍ରୁତ ବୋଲର ଶୋରିଫୁଲ ଇସଲାମ ଭାରତ ବିପକ୍ଷ ସିରିଜରୁ ବାଦ ପଡ଼ିଛନ୍ତି। ଶୋରିଫୁଲ ପାକିସ୍ତାନ ବିପକ୍ଷ ପ୍ରଥମ ଟେଷ୍ଟ ଖେଳିବା ସହ ୩ଟି ୱିକେଟ ନେଇଥିଲେ। କିନ୍ତୁ ଆହତ କାରଣରୁ ସେ ଦ୍ୱିତୀୟ ଟେଷ୍ଟରୁ ବାଦ ପଡ଼ିଥିଲେ। ସେ ଏବେ ବି ସୁସ୍ଥ ହୋଇ ନଥିବାରୁ ତାଙ୍କୁ ଭାରତ ବିପକ୍ଷ ସିରଜରୁ ବାଦ ଦିଆଯାଇଛି। ତାଙ୍କ ବଦଳରେ ଖାଲେଦ ଅହମଦ ସ୍କାଡକୁ ଫେରିଛନ୍ତି। ବାଂଲାଦେଶର ସବୁଠାରୁ ଅଭିଜ୍ଞ ଦ୍ରୁତ ବୋଲର ହେଉଛନ୍ତି ଖାଲେଦ।

ବାଂଲାଦେଶ ପାଇଁ ପ୍ରଥମଥର ପାଇଁ ସୁଯୋଗ ପାଇଛନ୍ତି। ଜାକେର ଅଲୀ ଅନିକ ସେ ଦ୍ୱିତୀୟ ୱିକେଟ କିପର ଭାବେ ସ୍କାଡରେ ରହିଛନ୍ତି ଲିଟନ ଦାସ ପାକିସ୍ତାନ ଭଳି ଭାରତ ବିପକ୍ଷରେ ମଧ୍ୟ ୱିକେଟ କିପିଂ କରିବେ।

ବାଂଲାଦେଶ ସ୍କାଡ: ନଜମୁଲ ହୁସେନ ସାଣ୍ଟୋ(ଅଧିନାୟକ), ମହମୁଦୁଲ ହାସନ ଜୟ, ଜାକିର ହାସନ, ଶାଦମାନ ଇସଲାମ, ମୋମିନୁଲ ହକ, ମୁସଫିକୁର ରହିମ, ସାକିବ ଅଲ ହାସନ, ଲିଟନ କୁମାର ଦାସ, ମେହିଦ ହାସନ ମିରାଜ, ତୈଜୁଲ ଇସଲାମ, ନୟୀମ ହାସନ, ନାହିଦ ରାଣା, ହାସନ ମହମୁଦ, ତସ୍କିନ ଅହମଦ, ସୟିଦ ଖାଲେସ ଅହମଦ ଓ ଜାକେର ଅଲୀ ଅନିକ।

# ପ୍ୟାରିସ୍ ପାରାଲିମ୍ପିକ୍ସ ପଦକ ବିଜେତାଙ୍କୁ ଭେଟିଲେ ପ୍ରଧାନମନ୍ତ୍ରୀ



ନୂଆଦିଲ୍ଲୀ,୧୨।୯: ପ୍ୟାରିସ୍ ପାରାଲିମ୍ପିକ୍ସରେ ପଦକ ଜିତିଥିବା ଭାରତୀୟ କ୍ରୀଡ଼ାବିତମାନଙ୍କୁ ଭେଟିଛନ୍ତି ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ। ପ୍ୟାରିସ୍ ପାରାଲିମ୍ପିକ୍ସରେ ପଦକ ଜିତିଥିବା ଭାରତୀୟ ଖେଳାଳିମାନେ ପ୍ରଧାନମନ୍ତ୍ରୀ ମୋଦୀଙ୍କୁ ଟି-ସାର୍ଟ, ଜୋତା ଓ ତୀର ଭଳି ଜିନିଷ ଉପହାର ଦେଇଥିଲେ ।ପ୍ୟାରିସ୍ ପାରାଲିମ୍ପିକ୍ସରେ ଭାରତୀୟ ଖେଳାଳିଙ୍କ ପ୍ରଦର୍ଶନ ଚମତ୍କାର ଥିଲା। ଏହି ମେଗା ଇଭେଣ୍ଟରେ ଭାରତୀୟ ଆଥଲେଟମାନେ ରେକର୍ଡ ୨୯ ପଦକ ଜିତି ଇତିହାସ ରଚିଛନ୍ତି ଟୋକିଓ ପାରାଲିମ୍ପିକ୍ସ ଗେମ୍ସରେ ଭାରତୀୟ ଆଥଲେଟମାନେ ୧୯ ଟି ପଦକ ଜିତିଛନ୍ତି ପାରାଲିମ୍ପିକ୍ କ୍ରୀଡ଼ାରେ ଏହା ଭାରତର ଶ୍ରେଷ୍ଠ ପ୍ରଦର୍ଶନ ଥିଲା, କିନ୍ତୁ ଏବେ ଭାରତ ତାର ପୁରୁଣା ରେକର୍ଡକୁ ପଛରେ ପକାଇଦେଇଛି। ପ୍ୟାରିସ୍ ପାରାଲିମ୍ପିକ୍ସ ସ୍ୱର୍ଣ୍ଣ ପଦକ ବିଜେତା ଶୁଟର ଅବନୀ ଲେଖାରା ପ୍ରଧାନମନ୍ତ୍ରୀ ମୋଦୀଙ୍କୁ ତାଙ୍କ ଜର୍ସି ଉପହାର ଦେଇ ଲେଖିଛନ୍ତି, ଆପଣଙ୍କ ସମର୍ଥନ ପାଇଁ ଧନ୍ୟବାଦ ସାର୍।ସେହିପରି ସ୍ୱର୍ଣ୍ଣ ପଦକ ବିଜେତା ସୁମିତ ଆଣ୍ଟିଲଙ୍କୁ ପ୍ରଧାନମନ୍ତ୍ରୀଙ୍କ ସହ ମଜାଳିଆ ଢଙ୍ଗରେ ଦେଖିବାକୁ ମିଳିଥିଲା। ପ୍ୟାରିସ୍ ପାରାଲିମ୍ପିକ୍ସରେ ପଦକ ଜିତିଥିବା ଆଥଲେଟମାନେ ପ୍ରଧାନମନ୍ତ୍ରୀ ମୋଦୀଙ୍କ ସହ ସେମାନଙ୍କର ଅଭିଜ୍ଞତା ବାଣ୍ଟିଥିଲେ। ଏହାସହ ପାରା କ୍ରୀଡ଼ାର ଉନ୍ନତି ପାଇଁ କଣ କରାଯାଇପାରିବ ବୋଲି ଏହି ଆଥଲେଟମାନେ କହିଛନ୍ତି।

# ଚାମ୍ପିୟନ୍ସ ଟ୍ରଫି ହକିରେ ଭାରତ ଅପରାଜେୟ

## କୋରିଆକୁ ୩-୧ ଗୋଲ୍‌ରେ ହରାଇଲା

ବେଜିଂ,୧୨।୯: ଚାଇନାରେ ଚାଲିଥିବା ଏସିଆନ ଚାମ୍ପିୟନ୍ସ ଟ୍ରଫିରେ ଭାରତୀୟ ହକି ଟିମରେ ବିଜୟ ଧାରା ଜାରି ରହିଛି। ଏଯାଏ ଟୁର୍ଣ୍ଣାମେଣ୍ଟରେ ଅପରାଜେୟ ଥିବା ଭାରତ ଆଜି ୪ର୍ଥ ମୁକାବିଲାରେ କୋରିଆକୁ ୩-୧ ଗୋଲରେ ମାତ ଦେଇଛି। ବୁଧବାର କ୍ରମାଗତ ହ୍ୟାଟ୍ରିକ ବିଜୟ ସହ ସେମିଫାଇନାଲରେ ନିଜର ସ୍ଥାନ ପକ୍କା କରି ସାରିଥିବା ଭାରତ ଆଜି ଆଉ ଏକ ବିଜୟ ସହ ଶୀର୍ଷରେ ନିଜକୁ ଆହୁରି ମଜବୁତ କରିଛି। ଏବେ ଶେଷ ଗ୍ରୁପ ଚୀରପ୍ରତିଦ୍ୱନ୍ଦ୍ୱୀ ପାକିସ୍ତାନକୁ ଭେଟିବ।

ଡିଫେଣ୍ଡିଂ ଚାମ୍ପିୟନ ଭାରତ ପୂର୍ବ ମ୍ୟାଚ୍ ଗୁଡ଼ିକ ଭଳି ଆଜି ମଧ୍ୟ କୋରିଆ। ବିପକ୍ଷରେ ଆକ୍ରମଣାତ୍ମକ ଖେଳ ପ୍ରଦର୍ଶନ କରିଥିଲା ଆରମ୍ଭରୁ ହିଁ କୋରିଆକୁ ଦଳ ବ୍ୟାକଫୁଟରେ ରଖିଥିଲା ମ୍ୟାଚ୍‌ର ୮ମ ମିନିଟରେ ଅରିଜିତ ସିଂହ ଭାରତ ପାଇଁ ଖାତା ଖୋଲିଥିଲେ। ଏହାର ଗୋଟିଏ ମିନିଟ ପରେ ଅଧିନାୟକ ହରମନପ୍ରୀତ ସିଂହ ଶକ୍ତିଶାଳୀ ଡ୍ରାଗ ଫ୍ଲିକ ଦ୍ୱାରା ସ୍ଥିତିକୁ ୨-୦ କରି



ମ୍ୟାଚ୍‌ରେ(ଶନିବାର) ଭାରତୀୟ ହକି ଟିମ ଚୀରପ୍ରତିଦ୍ୱନ୍ଦ୍ୱୀ ପାକିସ୍ତାନକୁ ଭେଟିବ।

ଡିଫେଣ୍ଡିଂ ଚାମ୍ପିୟନ ଭାରତ ପୂର୍ବ ମ୍ୟାଚ୍ ଗୁଡ଼ିକ ଭଳି ଆଜି ମଧ୍ୟ କୋରିଆ ବିପକ୍ଷରେ ଆକ୍ରମଣାତ୍ମକ ଖେଳ ପ୍ରଦର୍ଶନ କରିଥିଲା। ଆରମ୍ଭରୁ ହିଁ କୋରିଆକୁ ଦଳ ବ୍ୟାକଫୁଟରେ ରଖିଥିଲା। ମ୍ୟାଚ୍‌ର ୮ମ ମିନିଟରେ ଅରିଜିତ ସିଂହ ଭାରତ ପାଇଁ ଖାତା ଖୋଲିଥିଲେ। ଏହାର ଗୋଟିଏ ମିନିଟ ପରେ ଅଧିନାୟକ ହରମନପ୍ରୀତ ସିଂହ ଶକ୍ତିଶାଳୀ ଡ୍ରାଗ ଫ୍ଲିକ ଦ୍ୱାରା ସ୍ଥିତିକୁ ୨-୦ କରି ଦେଇଥିଲେ।

ଚାଇନାରେ ଚାଲିଥିବା ଏସିଆନ ଚାମ୍ପିୟନ୍ସ ଟ୍ରଫିରେ ଭାରତୀୟ ହକି ଟିମରେ ବିଜୟ ଧାରା ଜାରି ରହିଛି। ଏଯାଏ ଟୁର୍ଣ୍ଣାମେଣ୍ଟରେ ଅପରାଜେୟ ଥିବା ଭାରତ ଆଜି ୪ର୍ଥ ମୁକାବିଲାରେ କୋରିଆକୁ ୩-୧ ଗୋଲରେ ମାତ ଦେଇଛି।ବୁଧବାର କ୍ରମାଗତ ହ୍ୟାଟ୍ରିକ ବିଜୟ ସହ ସେମିଫାଇନାଲରେ ନିଜର ସ୍ଥାନ ପକ୍କା କରି ସାରିଥିବା ଭାରତ ଅଜି ଆଉ ଏକ ବିଜୟ ସହ ଶୀର୍ଷରେ ନିଜକୁ ଆହୁରି ମଜବୁତ କରିଛି। ଏବେ ଶେଷ ଗ୍ରୁପ ମ୍ୟାଚ୍‌ରେ(ଶନିବାର) ଭାରତୀୟ ହକି ଟିମ ଦେଇଥିଲେ।ଭାରତର ଦବଦବା ସତ୍ତ୍ୱେ ହାଫ ଟାଇମ ପୂର୍ବରୁ କୋରିଆକୁ ସଫଳତା ମିଳିଥିଲା ଦଳକୁ ମିଳିଥିବା ପେନାଲ୍ଟି କର୍ଣ୍ଣରକୁ ୟାଙ୍ଗ ଜିହୁନ ଗୋଲରେ ପରିଣତ କରିବାରୁ ସ୍ଥିତି ୨-୧ ହୋଇଯାଇଥିଲା।ତୃତୀୟ କ୍ୱାର୍ଟରରେ କଡ଼ା ଟକ୍କର ଦେଖିବାକୁ ମିଳିଥିଲା। ଦୁଇ ଦଳ ଏକାଧିକ ସୁଯୋଗ ସୃଷ୍ଟି କରିଥିଲେ। ହେଁ ଗୋଲ କରିବାକୁ ସକ୍ଷମ ହୋଇ ନଥିଲେ ତେବେ ୪୩ତମ ମିନିଟରେ ବାଜି ପଲଟିଥିଲା। କୋରିଆ। ଖେଳାଳି ଡି ଭିତରେ ତ୍ରୁଟି କରିବାରୁ ଭାରତକୁ ପିସି ମିଳିଥିଲା। ଏହାକୁ ଅଧିନାୟକ ହରମନପ୍ରୀତ ଚମତ୍କାର ଢଙ୍ଗରେ ଗୋଲରେ ପରିଣତ କରି ଦେଇଥିଲେ। ଏହି ଗୋଲ ଭାରତକୁ ୩-୧ ସ୍ଥିତିରେ ପହଞ୍ଚାଇ ଦେଇଥିଲା ଏହା ମ୍ୟାଚ୍‌ରେ ହରମନପ୍ରୀତଙ୍କ ଦ୍ୱିତୀୟ ଗୋଲ।

୪ର୍ଥ କ୍ୱାର୍ଟରରେ କୋରିଆ। ମ୍ୟାଚ୍‌ର ସ୍ଥିତି ବଦଳାଇବାକୁ ଜୋରଦାର ଉଦ୍ୟମ କରିଥିଲା।କିନ୍ତୁ ଭାରତର ଡିଫେନ୍ସ କମାଲ କରିଥିଲା। କୋରିଆର ସବୁ ଆଟାକକୁ ଭାରତୀୟ ଖେଳାଳିମାନେ ପଣ୍ଡ କରି ଦେଇଥିଲେ। ଏଥିସହ ଭାରତ ମ୍ୟାଚ୍‌କୁ ୩-୧ରେ କବଜା କରିବାକୁ ସକ୍ଷମ ହୋଇଥିଲା।

# ଦଲୀପ ଟ୍ରଫି : ଇଶାନ କିଶନଙ୍କ ଶତକ

ନୂଆଦିଲ୍ଲୀ,୧୨।୯: ୱିକେଟ୍ କିପର ବ୍ୟାଟର ଇଶାନ କିଶନ ଘରୋଇ କ୍ରିକେଟ୍‌ରେ ଦମଦାର ପ୍ରତ୍ୟାବର୍ତ୍ତନ କରିଛନ୍ତି। ସବୁଠୁ ବଡ଼ କଥା ଦଳରେ ତାଙ୍କ ନାମ ହିଁ ନ ଥିଲା। ତଥାପି ଶେଷ ମୁହୂର୍ତ୍ତରେ ତାଙ୍କୁ ଚୂଡ଼ାନ୍ତ ଏକାଦଶରେ ସାମିଲ କରାଯାଇଥିଲା। ଦଲୀପ ଟ୍ରଫିର ପ୍ରଥମ ମ୍ୟାଚ୍ ଆହତ କାରଣରୁ ଖେଳି ପାରି ନ ଥିବା ଇଶାନ ଦ୍ୱିତୀୟ ମ୍ୟାଚ୍‌ରେ ମଇଦାନକୁ ଓହ୍ଲାଇବା ମାତ୍ରେ ଦମଦାର ଶତକ ଅର୍ଜନ କରିଛନ୍ତି। ତାଙ୍କର ଶତକୀୟ ଇଂନିସ ବଳରେ ଭାରତ ସି'୫ ୱିକେଟ ହରାଇ ୩୫୭ ରନ୍ କରିଛି। ଅଧିନାୟକ ରୁତୁରାଜ ଗାଏକୱାର୍ଡ ଅପରାଜିତ ୪୬, ସାଇ ସୁଦର୍ଶନ ୪୩, ରଜତ ପଟିଦାର ୪୦, ଇଶାନ କିଷାନ ୧୧୧, ବାବା ଇନ୍ଦ୍ରଜିତ ୭୮ ରନ୍ କରିଛନ୍ତି।



କିଷାନ ଏହି ମ୍ୟାଚ୍‌ରେ ଜଣେ ବ୍ୟାଟର ଭାବେ ଖେଳିଛନ୍ତି। କାରଣ ୱିକେଟ୍ କିପର ଭାବେ ଅଭିଷେକ ପୋରେଲ ଖେଳୁଛନ୍ତି। ଏହି ମ୍ୟାଚ୍‌ରେ ଇଶାନ ନମ୍ବର ୪ରେ ବ୍ୟାଟିଂ କରିବାକୁ କ୍ରିଜକୁ ଓହ୍ଲାଇଥିଲେ। ୧୨୦ ବଲରୁ ୧୪ ଚୌକା ଓ ୨ ଛକା ଜରିଆରେ ଇଶାନ କିଶନ ନିଜର ପ୍ରଥମ ଶ୍ରେଣୀ କ୍ରିକେଟ୍‌ରେ ସପ୍ତମ ଶତକ ପୂରଣ କରିଛନ୍ତି। ଦଳର ଅଧିନାୟକ ରିଟାୟର୍ଡ ହର୍ଟ ହୋଇ ପାଭିଲିୟନ ଫେରିବା ପରେ ବ୍ୟାଟିଂ କରିବାକୁ ମଇଦାନକୁ ଓହ୍ଲାଇଥିଲେ ଇଶାନ। ସେ ବାବା ଇନ୍ଦ୍ରଜିତଙ୍କ ସହ ଇନିଂସକୁ ଆଗକୁ ବଢାଇଥିଲେ। ଏହା ସହିତ ଜରୁରି ସମୟରେ ଦଳ ପାଇଁ ଏହି ବାମହାତୀ ବ୍ୟାଟର ଶତକ ଅର୍ଜନ କରିଛନ୍ତି।ଇଶାନ କିଶନ ପ୍ରଥମ ମ୍ୟାଚ୍‌ରେ ଆହତ କାରଣରୁ ଖେଳି ପାରି ନ ଥିଲେ ପୁଣି ଦ୍ୱିତୀୟ ମ୍ୟାଚ୍ ପାଇଁ ଫିଟ୍ ନ ଥିଲେ। ମାତ୍ର ମ୍ୟାଚ୍ ଠିକ୍ ପୂର୍ବରୁ ତାଙ୍କୁ ଚୂଡ଼ାନ୍ତ ଏକାଦଶରେ ସାମିଲ କରାଯାଇଥିଲା। ଇଶାନ କିଶନ ଭାରତ ପାଇଁ ୨ଟି ଟେଷ୍ଟ ଖେଳିଛନ୍ତି। ଏହା ବ୍ୟତୀତ ୨୭ ଦିନିକିଆ ଓ ୩୨ ଟି-୨୦ ଅନ୍ତର୍ଜାତୀୟ ମ୍ୟାଚ୍ ଖେଳିଛନ୍ତି। ଦିନିକିଆ କ୍ରିକେଟ୍‌ରେ ସେ ଗୋଟିଏ ଶତକ ହାସଲ କରିଛନ୍ତି, ଯାହା ଦ୍ୱିଶତକ ଥିଲା। ପ୍ରଥମ ଶ୍ରେଣୀ କ୍ରିକେଟ୍‌ର ୫୦ ମ୍ୟାଚ୍‌ରୁ ୬ ଶତକ ଏବଂ ଟି-୨୦ ଅନ୍ତର୍ଜାତୀୟ ମୁକାବିଲ ୬ ଅର୍ଦ୍ଧଶତକ ଅର୍ଜନ କରିଛନ୍ତି।

# ଭାରତୀୟ କ୍ରିକେଟରେ କୋହଲି ଶେହେନଶାହ : ଗମ୍ଭୀର

ନୂଆଦିଲ୍ଲୀ,୧୨।୯ ଭାରତୀୟ କ୍ରିକେଟର କିମ୍ବଦନ୍ତୀ ବ୍ୟାଟ୍ସମ୍ୟାନ୍ ତଥା ପୂର୍ବତନ ଅଧିନାୟକ ଗେତମ ଗମ୍ଭୀର ଏବେ ଏକ ବଡ଼ ବିବୃତି ଦେଇଛନ୍ତି। ଭାରତୀୟ କ୍ରିକେଟର ଶେହେନଶାହ କିଏ ବୋଲି ଗମ୍ଭୀରଙ୍କୁ ପ୍ରଶ୍ନ କରାଯିବାରୁ ସେ ଯେଉଁ ଉତ୍ତର ଦେଇଥିଲେ, ତାହାକୁ ନେଇ ଏବେ ଚର୍ଚ୍ଚା ଆରମ୍ଭ ହୋଇଛି।

ନିକଟରେ ଅନୁଷ୍ଠିତ ଡିପିଏଲ ଟି-୨୦ ୨୦୨୪ରେ ଗେତମ ଗମ୍ଭୀରଙ୍କୁ ଭାରତୀୟ କ୍ରିକେଟର ଶେହେନଶାହ କିଏ ବୋଲି ପ୍ରଶ୍ନ କରାଯାଇଥିଲା। ଉତ୍ତରରେ ସେ ଷ୍ଟାର କ୍ରିକେଟର ବିରାଟ କୋହଲିଙ୍କ ନାମ ନେଇଥିଲେ। ଅତୀତରେ ଦୁହିଁଙ୍କ ମଧ୍ୟରେ ବିବାଦ ଦେଖାଯାଇସାରିଥିବା ବେଳେ ଏବେ ଗମ୍ଭୀର, ବିରାଟଙ୍କୁ ଶେହେନଶାହ କହିବା ସମସ୍ତଙ୍କୁ ଆଶ୍ଚର୍ଯ୍ୟ କରିଛି। ଟିମ୍ ଇଣ୍ଡିଆର କୋଚ୍ ହେବା ପରେ ବିରାଟଙ୍କ ସହ ଥିବା ତାଙ୍କ ତିକ୍ତତା ଦୂର ହୋଇଛି ବୋଲି ଗମ୍ଭୀରଙ୍କ ଏହି ଉତ୍ତର ସ୍ପଷ୍ଟ କରିଛି। ଗେତମ ଗମ୍ଭୀର, ବିରାଟ କୋହଲିଙ୍କୁ ଶେହେନଶାହ ବୋଲି କହିବା ଭୁଲ ନୁହେଁ। ସଚିନ ତେନ୍ଦୁଲକରଙ୍କ ପରେ କିଙ୍ଗ କୋହଲି ନିଜର ଦାୟିତ୍ୱ ଭଲ ନିଭାଇଛନ୍ତି । ବର୍ତ୍ତମାନ ସେ ସଚିନଙ୍କ ପରେ ଦ୍ୱିତୀୟ ବ୍ୟାଟ୍ସମ୍ୟାନ୍ ହୋଇଛନ୍ତି ଯିଏ ଦେଶ ପାଇଁ ସର୍ବାଧିକ ରନ୍ ସଂଗ୍ରହ କରିଛନ୍ତି। ଦେଶ ପାଇଁ ୬୬୪ମ୍ୟାଚ୍ ଖେଳି ସଚିନ ତେନ୍ଦୁଲକର ହାରାହାରି ୩୪୩୫୭ ରନ୍ ସଂଗ୍ରହ କରିଥିଲେ ଅନ୍ୟପକ୍ଷରେ କୋହଲି ୫୩୩ ଇନିଂସରେ ୨୬୯୪୨ ରନ୍ ସଂଗ୍ରହ କରିଛନ୍ତି ।

# ୨୦୨୩ ବିଶ୍ୱକପ୍‌ରେ ବିସିସିଆଇକୁ ବମ୍ପର ଲାଭ

କୋଲକାତା,୧୨।୯: ଏକଦିବସୀୟ ବିଶ୍ୱକପ ୨୦୨୩ ଭାରତ ଦ୍ୱାରା ଆୟୋଜିତ ହୋଇଥିଲା।ଟିମ୍ ଇଣ୍ଡିଆ ବିଶ୍ୱକପ୍ ଫାଇନାଲରେ ପହଞ୍ଚି ସାରିଥିଲା। କିନ୍ତୁ ଟାଇଟଲ୍ ଜିତିବାର ସ୍ୱପ୍ନ ଶେଷରେ ଭାଙ୍ଗି ଯାଇଥିଲା। ଫାଇନାଲରେ ଭାରତକୁ ପରାସ୍ତ କରି ଅଷ୍ଟ୍ରେଲିଆ। ବିଶ୍ୱକପ ଟାଇଟଲ ଜିତିଥିଲା ବର୍ତ୍ତମାନ ଆନ୍ତର୍ଜାତୀୟ କ୍ରିକେଟ୍ ପରିଷଦ ଭାରତ କେତେ ଲାଭ କରିଥିଲା ତାହା କହିଛି ଆଇସିସି ବିଶ୍ୱକପ୍ ୨୦୨୩ ସମୟରେ ଭାରତର ହୋଇଥିବା ଆର୍ଥିକ ଲାଭ ବିଷୟରେ ପ୍ରକାଶ କରିଛି।




୨୦୨୩ ମସିହାରେ ଅକ୍ଟୋବରରୁ ନଭେମ୍ବର ମଧ୍ୟରେ ଭାରତରେ ଏକଦିବସୀୟ ବିଶ୍ୱକପ୍ ଆୟୋଜିତ ହୋଇଥିଲା ବର୍ତ୍ତମାନ ଆଇସିସି ମୁଖ୍ୟ କାର୍ଯ୍ୟନିର୍ବାହୀ ଜିଓ ଆଲାର୍ଡିସ ଏହି ଟୁର୍ଣ୍ଣାମେଣ୍ଟରେ ଭାରତକୁ ମିଳିଥିବା ଲାଭ ବିଷୟରେ ପ୍ରକାଶ କରି କହିଛନ୍ତି ଯେ ଆଇସିସି ପୁରୁଷ କ୍ରିକେଟ୍ ବିଶ୍ୱକପ୍ ୨୦୨୩ କ୍ରିକେଟ୍‌ର ଗୁରୁତ୍ୱପୂର୍ଣ୍ଣ ଅର୍ଥନୈତିକ ଶକ୍ତି ପ୍ରଦର୍ଶନ କରିଛି, ଯାହା ଭାରତକୁ ୧.୩୯ ବିଲିୟନ ଆମେରିକୀୟ ଡଲାର (ପ୍ରାୟ ୧୧,୬୩୭ କୋଟି ଟଙ୍କା ) ରୋଜଗାର କରାଇବାରେ ସାହାଯ୍ୟ କରିଛି। ଯେପର୍ଯ୍ୟନ୍ତ ଭାରତରେ ବିଶ୍ୱକପ୍ ଖେଳାଯାଉଥିଲା, ପ୍ରଶଂସକମାନେ ନିଜ ନିଜ ଦଳକୁ ସମର୍ଥନ କରିବା ପାଇଁ ବହୁ ଦୂରରୁ ଆସିଥିଲେ। ଏହି ଅବଧି ମଧ୍ୟରେ, ହୋଟେଲ, ଯାତ୍ରା, ପରିବହନ ଏବଂ ରହିବା ପାଇଁ ଲୋକମାନେ ବହୁତ ଖର୍ଚ୍ଚ କରିଥିଲେ ବିଶ୍ୱକପ୍ ମ୍ୟାଚ୍ ଖେଳାଯାଉଥିବା ପ୍ରତ୍ୟେକ ସହରରେ ଦର୍ଶକଙ୍କ ସମାବେଶ ହେଉଥିଲା

ପର୍ଯ୍ୟଟନରୁ ଭାରତ ୮୬୧.୪ ମିଲିୟନ ଆମେରିକୀୟ ଡଲାର ଲାଭ କରିଛି। ଏହି ଟୁର୍ନାମେଣ୍ଟରେ ଏଥର ୧.୨୫ ମିଲିୟନ ପ୍ରଶଂସକ ଯୋଗ ଦେଇଥିଲେ। ଏହି ଟୁର୍ଣ୍ଣାମେଣ୍ଟ ଦେଖିବା ପାଇଁ ୫୫ପ୍ରତିଶତ ବିଦେଶୀ ଦର୍ଶକ ଭାରତ ଗସ୍ତ କରିଥିଲେ, ସେଥିମଧ୍ୟରୁ ୧୯ ପ୍ରତିଶତ ପ୍ରଥମ ଥର ପାଇଁ ଭାରତ ଗସ୍ତ କରିଥିଲେ ବୋଲି ଆଇସିସି କହିଛି। ଆୟୋଜିତ ଟୁର୍ଣ୍ଣାମେଣ୍ଟ ଦ୍ୱାରା ଭାରତ ଆର୍ଥିକସ୍ତରରେ ବେଶ୍ ଲାଭାନ୍ୱିତ ହୋଇଥିବା ଆଇସିସି କହିଛି। ଦେଶର ପ୍ରତିଟି କ୍ଷେତ୍ରରେ ଆର୍ଥିକ ଲାଭର ପ୍ରଭାବ ଅନୁଭୂତ ହୋଇଥିବାବେଳେ ପର୍ଯ୍ୟଟନ କ୍ଷେତ୍ର ଅଧିକ ଲାଭ ପାଇଥିବା ଆଇସିସି ସୂଚନା ପ୍ରଦାନ କରିଛି।

# କୁସ୍ତିକୁ ଫେରିବା ସମ୍ଭବ ନୁହେଁ: ବିନେଶ



ନୂଆଦିଲ୍ଲୀ,୧୨।୯: ପ୍ୟାରିସ ଅଲିମ୍ପିକ୍ସରୁ ଫେରିବା ପରେ ବିନେଶ ଫୋଗାଟ ରାଜନୀତି କ୍ଷେତ୍ରରେ ପାଦ ଥାପିଛନ୍ତି ବିନେଶ ଫୋଗାଟ। କଂଗ୍ରେସ ଟିକେଟରେ ହରିୟାଣାର ଜୁଲାନାରୁ ନିର୍ବାଚନରେ ପ୍ରତିଦ୍ୱନ୍ଦ୍ୱିତା କରିଛନ୍ତି। ରାଜନୀତିରେ ପ୍ରବେଶ କରିବା ପରେ ବିନେଶ ଫୋଗାଟ କହିଛନ୍ତି, ଏବେ ମୋତେ କେବଳ ରାଜନୀତି ମହଲରେ ରହିବାକୁ ଅଛି ଲୋକମାନଙ୍କ ଠାରୁ ଅନେକ ସମର୍ଥନ ପାଉଛି ଆଗକୁ ଆହୁରି ପାଇବାର ବି ଆଶା ରଖିଛି।।

ଏହା ଏକ ବିରାଟ କ୍ଷେତ୍ର, କାମ କରିବାକୁ ପଡିବ। ଏହା ନୁହେଁ ଯେ ଠକି ଦେଇ ଚାଲିଯିବି ଯାହା କଥା ଦେବି ତାହାକୁ କରି ଦେଖାଇ ମୁଁ ଗତ ୨୪ ବର୍ଷ ଧରି କୁସ୍ତି କରିଛି।ଏଥିରୁ ଶିଖିଛି ଶତ୍ରୁକୁ କେବେ ଦୁର୍ବଳ ଭାବି ବ ନାହିଁ। ନିଜ ଠାରୁ ଶତ୍ରୁ ଶକ୍ତିଶାଳୀ ଭାବି ସେଇ ଅନୁଯାୟୀ ସବୁବେଳେ ପ୍ରସ୍ତୁତ ରହିବା ଉଚିତ। ଏବେ ମୁଁ ରାଜନୀତିରେ ଆଗକୁ ବଢ଼ିଛି। କୁସ୍ତିକୁ ଫେରିବା ସମ୍ଭବ ନୁହେଁ। ଏହି ମନ୍ତବ୍ୟ ପୂର୍ବରୁ ପୂର୍ବତନ ରେସଲିଂ ଫେଡେରେସନ୍ ଅଫ୍ ଇଣ୍ଡିଆ (ଡବ୍ଲୁଏଫ୍‌ଆଇ)ର ସଭାପତି ବୃଜଭୂଷଣ ସିଂଙ୍କ ଠାରୁ ଅରରମ୍ଭ କରି ଦେଶର ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ପର୍ଯ୍ୟନ୍ତ ସମସ୍ତଙ୍କୁ ଟାର୍ଗେଟ କରିଛନ୍ତି

ଏହି କ୍ରମରେ ବିନେଶ କହିଥିଲେ ଯେ, ମୋଦୀ ଧାରଣାରେ ବସିଥିବା କୁସ୍ତିଯୋଦ୍ଧାଙ୍କ କଥା ଶୁଣି ନଥିଲେ। କାରଣ ସେ ବୃଜଭୂଷଣଙ୍କୁ ଭୟ କରନ୍ତି। ନହେଲେ କୁସ୍ତିଯୋଦ୍ଧାମାନେ ଧାରଣାରେ ବସିଥିବା ବେଳେ ଦେଶର ପ୍ରଧାନମନ୍ତ୍ରୀ କାହିଁକି ସମର୍ଥନ ପାଇଁ ଆଗେଇ ଆସିନଥିଲେ। କାହିଁକି ମୁହଁ ଖୋଲି ନଥିଲେ। କିଛି ଘଟଣାକୁ କେନ୍ଦ୍ର କରିଛି। ଏଥିରୁ ବାସ ମୁଁ ଏତିକି ଜାଣିଛି କି ମୋଦୀ ବୃଜଭୂଷଣଙ୍କୁ ଭୟ କରନ୍ତି। ଭିତର କଥା ମୁଁ ଜାଣି ନାହିଁ। ତେଣୁ କିଛି କହି ପାରିବିନାହିଁ। ମୁଁ ମୋଦୀଙ୍କ ସହିତ ମିଶେ ଏହା ମୋର ସମର୍ଥକମାନେ ବି ଚାହାନ୍ତି ନାହିଁ।

# ୫୮ ରନ କଲେ କୋହଲିଙ୍କ ନାଁରେ ହେବ ବଡ ରେକର୍ଡ

ନୂଆଦିଲ୍ଲୀ ୧୨।୦୯: ଟିମ୍ ଇଣ୍ଡିଆର ଷ୍ଟାର ବ୍ୟାଟସମ୍ୟାନ୍ ବିରାଟ କୋହଲି ବାଂଲାଦେଶ ବିପକ୍ଷରେ ଖେଳିବେ ଆଗାମୀ ଟେଷ୍ଟ ସିରିଜ ଆଉ ଏଠାରେ ଏକ ବଡ଼ ରେକର୍ଡ କରିବାର ସୁବର୍ଣ୍ଣ ସୁଯୋଗ ପାଇବେ କିଙ୍ଗ କୋହଲି ଏହି ଟେଷ୍ଟ ସିରିଜ୍ ସେପ୍ଟେମ୍ବର ୧୯ରୁ ଆରମ୍ଭ ହେବାକୁ ଯାଉଛି । ଆଉ ସମସ୍ତଙ୍କ ନଜର କୋହଲିଙ୍କ ଉପରେ ରହିବ କାରଣ ସେ ଏକ ଐତିହାସିକ ସଫଳତାର ନିକଟତର ରହିଛନ୍ତି କୋହଲି ମାତ୍ର ୫୮ ରନ୍ ସ୍କୋର କରି ୧୪୭ ବର୍ଷର ରେକର୍ଡ ଭାଙ୍ଗିବେ।

ବାସ୍ତବରେ ଅନ୍ତର୍ଜାତୀୟ କ୍ରିକେଟରେ ୨୭ ହଜାର ରନ୍ ପୂରଣ କରିବା ପାଇଁ ବିରାଟ କୋହଲି ମାତ୍ର ୫୮ ରନ୍ ଦୂରରେ ରହିଛନ୍ତି। ଯଦି ସେ ଏହି ରନ୍ ସ୍କୋର କରନ୍ତି, ତେବେ ସେ ୬୦୦ରୁ କମ୍ ଇନିଂସରେ ଏହି ସଫଳତା ହାସଲ କରିବାରେ ଦୁନିଆର ପ୍ରଥମ କ୍ରିକେଟର ହେବେ। ବର୍ତ୍ତମାନ ପର୍ଯ୍ୟନ୍ତ ଏହି ରେକର୍ଡ ଭାରତୀୟ କ୍ରିକେଟ୍ କିମ୍ବଦନ୍ତୀ ସଚିନ୍ ତେନ୍ଦୁଲକରଙ୍କ ନାଁରେ ରହିଛି। ଯିଏ ୬୨୩ ଇନିଂସରେ ୨୭ ରନ ପୂରଣ କରିଥିଲେ ସଚିନ୍‌ଙ୍କ ଏହି ରେକର୍ଡ ଭାଙ୍ଗି କୋହଲି କ୍ରିକେଟ୍ ଇତିହାସରେ ଏକ ନୂତନ ଅଧ୍ୟାୟ ଲେଖି ପାରନ୍ତି।



ବିରାଟ କୋହଲି ଏପର୍ଯ୍ୟନ୍ତ ୫୯୧ ଅନ୍ତର୍ଜାତୀୟ ଇନିଂସରେ ୨୬ ହଜାର ୯୪୨ ରନ୍ ସଂଗ୍ରହ କରିଛନ୍ତି ଅନ୍ତର୍ଜାତୀୟ କ୍ରିକେଟର ୧୪୭ ବର୍ଷର ଇତିହାସରେ କେବଳ ଭାରତର ସଚିନ୍ ତେନ୍ଦୁଲକର, ଅଷ୍ଟ୍ରେଲିଆର ରିକି ପଣ୍ଟିଂ ଏବଂ ଶ୍ରୀଲଙ୍କାର କୁମାର ସାଙ୍ଗାକାରା ୨୭ ହଜାର ରନ ଛୁଇଁଛନ୍ତି କୋହଲି କ୍ରିକେଟ୍ ଇତିହାସରେ ୧୪୭ ବର୍ଷର ପ୍ରଥମ କ୍ରିକେଟର ହେବେ ଯିଏକି ୬୦୦ରୁ କମ୍ ଇନିଂସରେ ୨୭ ହଜାର ରନ୍ ସ୍କୋର କରିବେ। ବିରାଟ କୋହଲି ଏପର୍ଯ୍ୟନ୍ତ ୧୧୩ଟି ଟେଷ୍ଟ ମ୍ୟାଚ୍ ଖେଳିଛନ୍ତି । ୧୧୩ ଟେଷ୍ଟ ମ୍ୟାଚରେ ସେ ହାରାହାରି ୪୯.୧ରେ ୮୮୪୮ ରନ୍ ସ୍କୋର କରିଛନ୍ତି। ଯେଉଁଥିରେ ୩୦ଟି ଅର୍ଦ୍ଧଶତକ ଏବଂ ୨୯ ଶତକ ଲଗାଇଛନ୍ତି। ଟେଷ୍ଟରେ କୋହଲିଙ୍କ ସର୍ବୋତ୍ତମ ସ୍କୋର ହେଉଛି ୨୫୪ ରନ୍। ବିରାଟ କୋହଲି ଏପର୍ଯ୍ୟନ୍ତ ୯୩.୫ର ଇକୋନୋମୀରେ ୨୯୫ଟି ମ୍ୟାଚରେ ୧୩ ହଜାର ୯୦୬ ରନ୍ ସଂଗ୍ରହ କରିଛନ୍ତି

ଏଥିରେ ୭୨ଟି ଅର୍ଦ୍ଧଶତକ ଏବଂ ୫୦ ଶତକ ରହିଛି ସାମିଲ। ଦିନିକିଆରେ କୋହଲିଙ୍କ ସର୍ବୋତ୍ତମ ସ୍କୋର ହେଉଛି ୧୮୩ ରନ୍ ବିରାଟ କୋହଲି ତାଙ୍କର ୧୨୫ ଅନ୍ତର୍ଜାତୀୟ ଟି-୨୦ କ୍ୟାରିୟରରେ ୧୩୭ର ଇକୋନମୀରେ ୪୧୮୮ରନ ସଂଗ୍ରହ କରିଛନ୍ତି। ଯେଉଁଥିରେ ୩୮ଟି ଅର୍ଦ୍ଧଶତକ ଏବଂ ଗୋଟିଏ ଶତକ ସାମିଲ ରହିଛି।ଆନ୍ତର୍ଜାତୀୟ ଟି-୨୦ରେ କୋହଲିଙ୍କ ସର୍ବୋତ୍ତମ ସ୍କୋର ହେଉଛି ୧୨୨ ରନ୍।

# କିର୍ଷ୍ଟେନଙ୍କୁ କ୍ଷମା ମାଗିଥିଲେ ଅପ୍ଟନ

ନୂଆଦିଲ୍ଲୀ,୧୨।୯: ଆଶ୍ଚର୍ଯ୍ୟଜନକ ଲାଗୁଛି ଯେ, ବିଶ୍ୱକପ ପରି ଏକ ବଡ଼ ଟୁର୍ନାମେଣ୍ଟରେ ଦଳର କୋଚ୍ ଖେଳାଳିମାନଙ୍କୁ ଶାରୀରିକ ସମ୍ପର୍କ ରଖିବାକୁ ପରାମର୍ଶ ଦେଉଥିଲେ। ଏପରି ଘଟଣା ଘଟିଛି ଟିମ୍ ଇଣ୍ଡିଆରେ ଯାହା ଏବେ ଖୁଲାସା ହୋଇଛି ଟିମ୍ ଇଣ୍ଡିଆ। ଖେଳାଳିଙ୍କୁ ଏହି ପରାମର୍ଶ ଦେଇଥିବା କୋଚ ନିଜେ ଏହାର ଖୁଲାସା କରିଛନ୍ତି। ଦଳର ପୂର୍ବତନ କୋଚ ଏକ ଆଲୋଚନାରେ ଯୋଗଦେଇ ଏପରି ପରାମର୍ଶର ନିଜେ ଖୁଲାସା କରିଛନ୍ତି ସେ ଖେଳାଳିମାନଙ୍କୁ ମ୍ୟାଚ ପୂର୍ବରୁ ସେକ୍ସ କରିବାକୁ ପରାମର୍ଶ ଦେଉଥିଲେ।୨୦୧୧ରେ ମହେନ୍ଦ୍ର ସିଂ ଧୋନିଙ୍କ ଅଧିନାୟକତ୍ୱରେ ଭାରତୀୟ ଦଳ ୱାନଡେ ବିଶ୍ୱକପ ଟାଇଟଲ ଜିତିଥିଲା। ସେହି ସମୟରେ ଟିମ ଇଣ୍ଡିଆର ମେଣ୍ଟାଲ କଣ୍ଡିସନିଂ କୋଚ ପ୍ୟାଡି ଅପ୍ଟନ ଥିଲେ। ରିପୋର୍ଟ ଅନୁଯାୟୀ, ପ୍ୟାଡି ଅପଟନ ତାଙ୍କ ପୁସ୍ତକ ଦି ବେଆରଫୁଟ୍ କୋଚରେ ପ୍ରକାଶ କରିଛନ୍ତି ଯେ, ୨୦୧୧ ଦିନିକିଆ। ବିଶ୍ୱକପ ସମୟରେ ସେ ଭାରତୀୟ ଖେଳାଳିଙ୍କୁ ମ୍ୟାଚ ପୂର୍ବରୁ ଶାରୀରିକ ସମ୍ପର୍କ ରଖିବାକୁ ପରାମର୍ଶ ଦେଇଥିଲେ। ତେବେ ତାଙ୍କ ପରାମର୍ଶରେ ମୁଖ୍ୟ ପ୍ରଶିକ୍ଷକ ଗ୍ୟାରି କିର୍ଷ୍ଟେନ ରାଗି ଯାଇଥିଲେ। ପରେ ଅପ୍ଟନ ଗ୍ୟାରିଙ୍କୁ କ୍ଷମା ମାଗିବାକୁ ପଡିଲା।

Printed & Published by Biswajit Samanta on behalf of Kusuma Samanta printed at Niyati Publication (P) Ltd., 166-B MANCHESWAR INDUSTRIAL ESTATE, BHUBANESWAR-751010 & Published From LP-115, PRASANTI VIHAR, HOUSING BOARD COLONY BHUBANESWAR-751 024. Tele: (0674)2546981 Fax: (0674)2546982
Mob.: 9937028982, 7847944970, 7008420927 , Email : odishamahabharata@gmail.com, orissamahabharat@rediffmail.com Editor: SURJIT KUMAR DHAL ସମ୍ପାଦକ: ସୁରଜିତ୍ କୁମାର ଧଳ